ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୬
୨ ଜାନୁଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 236
2nd January, 2026 Friday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇଶା ବାସ୍ୟମିଦଁ ସର୍ବଂ ଯକ୍ରିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୂଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ। କାହାରି ମଧ୍ୟ ନୁହେଁ ।

# ୭ ଦିନରେ ୩୨ କୋଟିର ମଦ ବିକ୍ରି




**ଭୁବନେଶ୍ୱର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ସାରା ରାଜଧାନୀ ଚଳଚଞ୍ଚଳହୋଇଥିବାରୁ ମଦ ବିକ୍ରି କ୍ଷେତ୍ରରେ ଏକ ନୂଆ ନୂଆ ରେକର୍ଡ ସୃଷ୍ଟି ହୋଇଛି। ରାଜଧାନୀର ଅନେକ ଲୋକ ମଦ ପିଇ ମାତାଲ ହେଲେ ଉଡ଼ାଇଦେଲେ ୩୨ କୋଟି ଟଙ୍କା। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ବର୍ଷର ଶେଷ ସାତ ଦିନ ଅର୍ଥାତ୍ ବଡ଼ଦିନ (ଡିସେମ୍ବର ୨୫) ଠାରୁ 'ଜିରୋ ନାଇଟ୍' (ଡିସେମ୍ବର ୩୧) ମଧ୍ୟରେ ରାଜଧାନୀବାସୀ ପ୍ରାୟ ୩୨ କୋଟି ଟଙ୍କାର ମଦ ପିଇଛନ୍ତି।

ଏହି ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ବିୟରର ଚାହିଦା ବେଶ୍ ଅଧିକ ରହିଥିଲା। ୩୨ କୋଟିରୁ ୩ କୋଟି ୫୬ ଲକ୍ଷ ୧୧ ହଜାର ଟଙ୍କାର ବିୟର ପିଇଛନ୍ତି ଯୁବ ପିଢ଼ି। ୨୮ କୋଟି ୪ ଲକ୍ଷ ୮୧ ହଜାର ଟଙ୍କାର ବିଦେଶୀ ମଦ ବିକ୍ରି ହୋଇଛି। ୯୪ ଲକ୍ଷ ୨୦ ହଜାର ଟଙ୍କାର ଦେଶୀ ମଦ ପିଇଛନ୍ତି ଲୋକେ। ଅଢେଇ ଲକ୍ଷ ଲିଟର ବିଦେଶୀ ମଦ, ଦେଢ ଲକ୍ଷ ଲିଟର ଦେଶୀ ମଦ ଏବଂ ୧ ଲକ୍ଷ ୭୮ ହଜାର ଲିଟର ବିୟର ପିଇଛନ୍ତି ମଦ୍ୟପମାନେ।

ଉତ୍ସବର ମାହୋଲ ଯୋଗୁଁ ସହରର ବିଭିନ୍ନ କ୍ଲବ୍, ପବ୍, ଏବଂ ଅଫ୍-ସପ୍‌ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ କରି ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ମଦର ଚାହିଦା ଆକାଶଛୁଆଁ ହୋଇଥିଲା। ଟିକସ ଆଦାୟ ଏବଂ ରାଜସ୍ୱ ଦୃଷ୍ଟିକୋଣରୁ ଅବକାରୀ ବିଭାଗ ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

# ଫେବୃଆରୀ ୧ରୁ ମହଙ୍ଗା ସିଗାରେଟ ପାନ ମସଲା




**ନୂଆଦିଲ୍ଲୀ,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯଦି ସିଗାରେଟ, ପାନ ମସଲା ଓ ବିଡି ଭଳି ତମାଖୁ ଅଭ୍ୟାସ ରଖିଛନ୍ତି, ତା'ହେଲେ ଆପଣଙ୍କ ପାଇଁ ଏହି ଖବର ବେଶ ଜରୁରୀ। କାରଣ ଫେବୃଆରୀ ୧ରୁ ଏହି ଦ୍ରବ୍ୟଗୁଡିକ ମହଙ୍ଗା ହେବାକୁ ଯାଉଛି। ସରକାର ତମାଖୁ ଜାତୀୟ ଦ୍ରବ୍ୟ ଉପରେ ଲଗାଇଥିବା ଅତିରିକ୍ତ ଟିକସ ନିଷ୍ପତ୍ତିକୁ ଆସନ୍ତା ୧ ତାରିଖରୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପାନ ମସଲା ଉପରେ ଲାଗିଥିବା ଅତିରିକ୍ତ ସେସ୍ ନିୟମ ମଧ୍ୟ ଫେବୃଆରୀ ୧ରୁ ଲାଗୁ ହେବ। ଏନେଇ ସରକାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ମଧ୍ୟ ଜାରି କରିଛନ୍ତି। ତମାଖୁ ଓ ପାନ ମସଲା ଉପରେ ଲାଗୁ ହେବାକୁ ଯାଉଥିବା ଟିକସ ଧାର୍ଯ୍ୟ ଜିଏସ୍‌ଟି ସ୍ଲାବ ଉପରେ ରହିବ। ଏପରି ଦ୍ରବ୍ୟ ଉପରେ ଲାଗୁ ହେଉଥିବା କ୍ଷତିପୂରଣ ସେସର ସ୍ଥାନରେ ନୂଆ ଟିକସକୁ ଲାଗୁ କରାଯିବ। ଫେବୃଆରୀ ୧ରୁ ପାନ ମସଲା, ସିଗାରେଟ, ତମାଖୁ ଓ ଏପରି ସମସ୍ତ ଦ୍ରବ୍ୟ ଉପରେ ୪୦% ଜିଏସ୍‌ଟି ଲାଗୁ ହେବ। ବିଡି ପାଇଁ ୧୮% ଜିଏସ୍‌ଟି ଆଦାୟ କରାଯିବ।

ଏହାବାଦ ଅତିରିକ୍ତ ଭାବେ ପାନ ମସଲା ଉପରେ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ୍ ଲାଗୁ ହେବ। ସେହିପରି ତମାଖୁ ଓ ଏହା ସହଜ ଜଡିତ ଦ୍ରବ୍ୟ ଉପରେ ଅତିରିକ୍ତ ଭାବେ ଅବକାରୀ ଶୁଳ୍କ ଆଦାୟ ହେବ। ଏହାର ଅର୍ଥ ଏହିଗୁଡିକର ଦାମ ପୂର୍ବାପେକ୍ଷା ଅଧିକ ହୋଇଯିବ। ଡିସେମ୍ବର ମାସରେ ସଂସଦ ପାନ ମସଲା ତିଆରି ଉପରେ ଲାଗୁ ହେବାକୁ ଥିବା ନୂଆ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ୍ ଏବଂ ତମାଖୁ ଉପରେ ଲାଗୁ ହେବାକୁ ଥିବା ଅବକାରୀ ଶୁଳ୍କ ସଂକ୍ରାନ୍ତ ଦୁଇଟି ବିଲକୁ ଅନୁମୋଦନ ଦେଇଥିଲା।

ଏବେ ଏହାକୁ ସରକାର ଫେବୃଆରୀ ୧ରୁ କାର୍ଯ୍ୟକାରୀ କରିବାକୁ ଯାଉଥିବା ଘୋଷଣା କରିଛନ୍ତି। ଏହାକୁ ଲାଗୁ ହେବା ପରେ ବିଭିନ୍ନ ଦ୍ରବ୍ୟ ଉପରେ ଲାଗୁ ହେଉଥିବା ଭିନ୍ନଭିନ୍ନ ଜିଏସଟି କ୍ଷତିପୂରଣ ସେସ୍ ଲୋପ ପାଇଯିବ। ନୂଆ ଟିକସ ବ୍ୟବସ୍ଥା ଅନୁସାରେ ଦାମ ସ୍ଥିର କରାଯିବ।

# ବାର୍‌ରେ ନିଆଁ ଲାଗି ୪୦ମୃତ




**ନୂଆଦିଲ୍ଲୀ,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ର ପ୍ରଥମ ଦିନରେ ଘଟିଛି ବଡ ଅଘଟଣ। ଶତାଧିକ ଲୋକ ନବ ବର୍ଷକୁ ସେଲିବ୍ରେଟ କରୁଥିବା ବେଳେ ବାର୍‌ରେ ହୋଇଛି ଭୟଙ୍କର ବିସ୍ଫୋରଣ। ଏଥିଯୋଗୁ ବାରରେ ବଡଧରଣର ଅଗ୍ନିକାଣ୍ଡ ଘଟିଛି। ଘଟଣା ବେଳେ ବାର୍‌ରେ ୧୦୦ରୁ ଅଧିକ ଲୋକ ଉପସ୍ଥିତ ରହିଥିଲେ। ଅଗ୍ନିକାଣ୍ଡର ପ୍ରକୋପ ଏତେ ଅଧିକ ରହିଥିଲା ଯେ ୪୦ ଜଣ ଲୋକ ପୋଡି ହୋଇ ପ୍ରାଣ ହରାଇଥିବା କୁହାଯାଉଛି। ସେହିପରି ଅନେକ ଆହତ ମଧ୍ୟ ହୋଇଛନ୍ତି। ସ୍ୱିଜରଲ୍ୟାଣ୍ଡର କ୍ରାନ୍ସ ମୋଣ୍ଟାନା ସ୍ଥିତ ଲେ କଷ୍ଟେଲାସନ ବାରରେ ଏପରି ଘଟଣା ଘଟିଛି।

ଜଣେ ପୁଲିସ୍ ଅଧିକାରୀ କହିଛନ୍ତି ଯେ ବାରରେ ବିସ୍ଫୋରଣ ହୋଇଛି। କିନ୍ତୁ ଏହାର କାରଣ ଜଣାପଡି ନାହିଁ। ବିସ୍ଫୋରଣ ପରେ ଅଗ୍ନିକାଣ୍ଡ ଘଟିଥିବାରୁ ଅନେକ ଲୋକ ମୃତାହତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକ ରହିଛନ୍ତି। ତାଙ୍କ କହିବା କଥା ଯେ ଭାରତୀୟ ସମୟ ରାତି ୧.୩୦ ଓ ସ୍ଥାନୀୟ ସମୟ ୧୨.୩୦ରେ ଏପରି ଘଟଣା ଘଟିଛି। ଘଟଣା ବେଳେ କଷ୍ଟେଲାସନ ବାରରେ ଅନେକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ (ଶେଷ ପୃଷ୍ଠା ଦେଖନ୍ତୁ)

# ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବ କେନ୍ଦ୍ର

**ଭୁବନେଶ୍ୱର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଓ ୧ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ ଚାଉଳ ଉଠାଇବ କେନ୍ଦ୍ର। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ, ରାଜ୍ୟରେ ଏବେ ମୋଟ ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। ବାକି ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ନିଲାମ କରାଯିବ। ଡବଲ ଇଞ୍ଜିନ୍ ସରକାର ଡବଲ ସ୍ପିଡ୍‌ରେ କାମ କରିବ। ଶୂନ୍ୟରେ ପ୍ରସଙ୍ଗ କରୁଛନ୍ତି ବିରୋଧୀ।

କେନ୍ଦ୍ରର ଚାଉଳ ଉଠାଣକୁ ନେଇ ବିଜେଡି କାଉଣ୍ଟର କରିଛି। ବିଜେଡି ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ, ଅରୁଆ, ଉଷୁନା, ଧାନ ମଣ୍ଡି ସବୁଥିରେ ସରକାର ଫେଲ୍ ମାରିଛନ୍ତି। ନୂତନ ବର୍ଷରେ ଏସବୁ ସୁଧାରି ସରକାର ଲୋକଙ୍କ ନିକଟତର ହେବାକୁ ଅନ୍ତତଃ ଚେଷ୍ଟା କରନ୍ତୁ।

ସେପଟେ ଖରିଫ ଓ ରବି ଋତୁରେ କ୍ରୟ କରାଯାଇଥିବା ଧାନର ମିଲିଂ ଓ ଉତ୍ପାଦିତ ଚାଉଳକୁ କେନ୍ଦ୍ରୀୟ ଭଣ୍ଡାରକୁ ଯୋଗାଣ କରିବାର ସମୟସୀମାକୁ କେନ୍ଦ୍ର ସରକାର ବଢ଼ାଇଛନ୍ତି। ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଉଳ ଦେଇ ହେବ। କେନ୍ଦ୍ର ସରକାର ଅବଧି ବଢ଼ାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମୟୋଚିତ ନିଷ୍ପତ୍ତି ଖରିଫ ବିପଣନ ଋତୁ ୨୦୨୫- ୨୬ ପାଇଁ ଓଡିଶାର ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବାରେ ସହାୟକ ହେବ।

## ଜଷ୍ଟିସ ସଙ୍ଗମ କୁମାର ସାହୁ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନୂଆ ନିଯୁକ୍ତି। ବିହାର ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ।

## ନବୀନ ଆମ ପାଇଁ ସବୁ କିଛି: ଅଶୋକ

**ଭୁବନେଶ୍ୱର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷର ପ୍ରଥମ ଦିନରେ ପୁଣି ଥରେ ନବୀନଙ୍କ ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା ବଢ଼ିଛି। ନବୀନଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ପରେ ମୁହଁ ଖୋଲିଛନ୍ତି ଅଶୋକ ପଣ୍ଡା। ବିଜେଡି, ନବୀନ ପଟ୍ଟନାୟକ ଆମ ପାଇଁ ସବୁ କିଛି ବୋଲି ସେ କହିଛନ୍ତି।

ତେବେ ଉତ୍ତରାଧିକାରୀଙ୍କୁ ନେଇ ସେ କହିଛନ୍ତି ଯେ, ସବୁଠାରୁ ବଡ଼ କଥା ହେଲା ଗ୍ରହଣୀୟତା। ଓଡିଶା ଲୋକ ନବୀନ ବାବୁଙ୍କୁ ଗ୍ରହଣ କଲେ, ବିଜୁ ବାବୁ କ'ଣ ତାଙ୍କୁ ବାଛିଥିଲେ। ଯାହାକୁ ଓଡ଼ିଶାବାସୀ ଗ୍ରହଣ କରିବେ, ସିଏ ହିଁ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଜଗିବ। ଦଳରେ (ଶେଷ ପୃଷ୍ଠା ଦେଖନ୍ତୁ)

**ମୁଖ୍ୟ ଶାସନ ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୧୫ଦଫା ନିର୍ଦ୍ଦେଶନାମା**

# ଅପାରଗଙ୍କୁ ବାହାର କର: ଖାଲି ପଦବୀ ପୂରଣ କର



**ଭୁବନେଶ୍ୱର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅନୁ ଗର୍ଗ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶାସନ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ଅନୁ ଗର୍ଗଙ୍କୁ ୧୫ଦଫା ନିର୍ଦ୍ଦେଶାନାମା ପ୍ରଦାନ କରିଛନ୍ତି। ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ ରଖାଯାଇଛି। ଶ୍ରେଷ୍ଠ ୫ବିକଶିତ ରାଜ୍ୟରେ ଓଡିଶାକୁ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଦିଆଯାଇଛି।

ଏହି ଦିଶା ନିର୍ଦ୍ଦେଶରେ ଓଡିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ଦୁଇବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟକୁ ହାସଲ କରିବା ପାଇଁ (ଶେଷ ପୃଷ୍ଠା ଦେଖନ୍ତୁ)

# ଭିତରକନିକା ବୁଲିଲେ ୪୯୯୨ ପର୍ଯ୍ୟଟକ

**ରାଜନଗର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନବବର୍ଷ ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ସମାଗମରେ ପ୍ରକୃତିର ସବୁଜ ହସ୍ତାକ୍ଷର ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କୁ ଭିଡ ପରିଲକ୍ଷିତ ହୋଇଛି । ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଲା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ଶହଶହ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଆତ୍ମବିଭୋର ହେଉଥିବା ଦେଖିବାକୁ ମିଳିଛି । ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୩୬୩୧ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ । ଖୋଲାରୁ ୮୫ ଟ୍ରିପ ବୋଟରେ ୧୦୪୨ ଜଣ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୦ଟ୍ରିପ ବୋଟରେ ୧୫୫ ପର୍ଯ୍ୟଟକ ଓ ଗୁପ୍ତିରୁ ୧୬ଟ୍ରିପ ବୋଟରେ ୧୬୪ ଜଣଙ୍କୁ ମିଶାଇ ମୋଟ୪୯୯୨ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା (ଶେଷ ପୃଷ୍ଠା ଦେଖନ୍ତୁ)

# ଭୋଜି ଖାଇ ଶତାଧିକ ଆକ୍ରାନ୍ତ

**ରାଜନଗର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କଣ୍ଡିରା ପଚାଂୟତ ପଦ୍ମନାଭପୁର ଗ୍ରାମର ଶ୍ରୀମନ୍ତ ମଣ୍ଡଳଙ୍କ ପିତା ଗୌରାଙ୍ଗ ମଣ୍ଡଳଙ୍କ ଦ୍ୱାଦଶାହ ଭୋଜିରେ ବୁଧବାର ମଧ୍ୟାହ୍ନରେ ଭୋଜିଭାତ ହୋଇଥିଲା । ଏହି ଭୋଜି ଖାଇଥିବା ନଳଯୋଡି, ପଦ୍ମନାଭପୁର, ବଡପାଳ, ଚକମନପୁର ଓ ଇଶ୍ୱରପୁର ପ୍ରଭୃତି କଣ୍ଡିରା ପଚାଂୟତ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭୋଜିଭାତ ଖାଇବାକୁ ଦିଆଯାଇଥିଲା । ଏହି ଭୋଜିଭାତ ଖାଇଥିବା ଲୋକମାନଙ୍କ ପେଟ କାଟିବା ପରେ ଝାଡାବାନ୍ତୀ ଆରମ୍ଭ ହୋଇଥିଲା । ପଦ୍ମନାଭପୁର ଗ୍ରାମର ଶ୍ରୀମନ୍ତ ମଣ୍ଡଳଙ୍କ ପରିବାର ସହ ବ୍ରହ୍ମାନନ୍ଦ ବିଶ୍ୱାଳ, ପାଣ୍ଡବ ବିଶ୍ୱାଳ, ଯାଦବ ମଣ୍ଡଳ ପ୍ରମୁଖ ୩୫ପରିବାର ଝାଡାବାନ୍ତୀରେ ଆକ୍ରାନ୍ତ ହୋଇଥିଲେ । ବଡପାଳ ଗ୍ରାମର ରାମ ମାଇତି, ଭୂବନ ମଣ୍ଡଳ, ଶ୍ରୀକାନ୍ତ ମଣ୍ଡଳ ପ୍ରମୁଖ ୧୨ଟି ପରିବାର, ନଳଯୋଡି ଗ୍ରାମର ରାଧାକାନ୍ତ ଦାସ, ଶରତ ଜେନା, ବୈକୁଣ୍ଠ ଦାସ, ପ୍ରଫୁଲ୍ଲ ଦାସ ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ପରିବାର ଓ ଇଶ୍ୱରପୁର ଗ୍ରାମର ସୁକାନ୍ତ ଦାସଙ୍କ ସହ ୨ଶହରୁ ଊର୍ଦ୍ଧ୍ୱ ପରିବାର ଝାଡାବାନ୍ତୀରେ ଆକ୍ରାନ୍ତ ହୋଇଥିଲେ । ଖବରପାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ପହଂଚି ଆକ୍ରାନ୍ତ ଲୋକମାନଙ୍କୁ ଚିକିତ୍ସା କରିଥିଲେ।

# ଚୋରାମଦ ଜବତ: ୫ଗିରଫ

**କେନ୍ଦ୍ରାପଡ଼ା,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ବିଶେଷସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୬୬ଲିଟର ଚୋରାମଦ ଜବତ କରାଯିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ଶ୍ୟାମଗୁଡ଼ିଆ ଗ୍ରାମର ଭାବଗ୍ରାହୀ ସାହୁ(୨୭)ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ, ବୟନଗର ଗ୍ରାମର ପ୍ରଭାତ କୁମାର ସେଠୀ(୪୪)ଙ୍କ ଠାରୁ ୧୨୦ ଲିଟର ଦେଶୀ ମଦ, କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀ(୪୦) ଙ୍କ ଠାରୁ ୩୧ ଲିଟର ଦେଶୀ ମଦ, କଷୋଟି ଗ୍ରାମର ଅଲେଖ ମଳିକ(୨୯)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ତିଲଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଳିକ(୭୩)ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୬୬ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇ ଓକୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଦେଓରଞ୍ଜନ ସିଂ ଉନ୍ନୟନ କମିଶନର

**ଭୁବନେଶ୍ୱର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷର ପ୍ରଥମ ଦିନରେ ବରିଷ୍ଠ ଆଇଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଦେଓରଞ୍ଜନ ସିଂ ହେଲେ ଉନ୍ନୟନ କମିଶନର। ଅନୁ ଗର୍ଗଙ୍କ ସ୍ଥାନରେ ଦେଓରଞ୍ଜନ ସିଂ ହେଲେ ଉନ୍ନୟନ କମିଶନର। ଆଜି ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅନୁ ଗର୍ଗ। ଗୃହ ବିଭାଗର ଏସିଏସ୍ ଭାବେ ହେମନ୍ତ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାଜସ୍ୱ ବୋର୍ଡର ସଦସ୍ୟ ହେଲେ ସତ୍ୟବ୍ରତ ସାହୁ। ଶୋଭା ଶର୍ମାଙ୍କୁ ମିଳିଲା ଜଳ ସମ୍ପଦ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ରାଜେଶ୍ ପ୍ରଭାକର ପାଟିଲ ହେଲେ ସ୍ୱତନ୍ତ୍ର ରିଲିଫ କମିଶନର। ସେହିପରି ଦୁଇ ଜିଲ୍ଲାରେ ମଧ୍ୟ ଜିଲ୍ଲାପାଳ ପରିବର୍ତ୍ତନ କରିଛନ୍ତି ସରକାର। ମଧୁସ୍ମିତା ରଥ ହେଲେ ନୟାଗଡ଼ ଜିଲ୍ଲାପାଳ। ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାପାଳ ଦାୟିତ୍ୱ ମିଳିଛି।

## ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧି

**ଭୁବନେଶ୍ୱର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧି। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ତେବେ ମାର୍ଚ୍ଚ ମାସ କେତେ ତାରିଖରେ ଆସିବେ ସେଥିନେଇ କୌଣସି ସୂଚନା ମିଳିପାରି ନାହିଁ।

କଂଗ୍ରେସର ସଂଗଠନକୁ ଦୃଢ କରିବାରେ ଲାଗିଛି ଦଳ। ଆଗାମୀ ଦିନରେ ରାଜ୍ୟର ୧୦ଟି ଜିଲ୍ଲାରେ ମହିଳା ସମାବେଶ କରିବ କଂଗ୍ରେସ। ତେବେ ରାଜ୍ୟରେ ବଡ଼ ମହିଳା ସମାବେଶକୁ ସମ୍ବୋଧନ କରିବ ପ୍ରିୟଙ୍କା। ତେବେ ରଣନୀତି କଣ ରହିବ ସେନେଇ କୌଣସି ସ୍ପଷ୍ଟ ହୋଇପାରି ନାହିଁ।

**ବିକଳ୍ପ ବିହୀନ ବିଦ୍ୟୁତ୍ ସେବାର ଘରୋଇକରଣ ଫଳ**

# ଟାଟା ପାୱାରର ଏଏସ୍‌ଡି ଓ ସ୍ମାର୍ଟ ମିଟର ଜୁଲୁମ୍

**କେନ୍ଦ୍ରାପଡ଼ା,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟବାସୀଙ୍କ ହଜାର ହଜାର କୋଟି ଟଙ୍କାର ଟିକସ ଅର୍ଥରେ ପ୍ରତିଷ୍ଠା ଲାଭ କରିଥିବା ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥାକୁ ଗତ ସରକାର ସାଗ ମାଛ ଦରରେ ୫୧% ମାଲିକାନା ଟାଟା ପାୱାର ହାତରେ ଟେକି ଦେଇଛନ୍ତି। ଏଥିସହିତ ରାଜ୍ୟବାସୀଙ୍କ ଅର୍ଥରୁ ଏବେ ବି ରାଜ୍ୟ ସରକାର ଭିତ୍ତିଭୂମିର ବିକାଶ କରୁଛନ୍ତି। ତେବେ ରାଜ୍ୟ ସରକାର ବିଦ୍ୟୁତ୍ ସେବାକୁ ଟାଟା କମ୍ପାନୀ ହାତରେ ଟେକି ଦେବା ପରେ ବିଦ୍ୟୁତ୍ ସେବା ନାଁରେ ଲୋକଙ୍କୁ କେବଳ ଶୋଷଣ ହିଁ ଶୋଷଣ କରାଯାଉଛି ବୋଲି ବୁଦ୍ଧିଜୀବି ମହଲରେ ଅଭିଯୋଗ ହୋଇଛି । ଅନେକଙ୍କ କହିବା କଥାଯେ, ବିଦ୍ୟୁତ୍ ସେବା କ୍ଷେତ୍ରରେ ଉନ୍ନତି ଆଣିବା ନାଁରେ ନବେ ଦଶକରେ କଂଗ୍ରେସ ସରକାର ଆରମ୍ଭ କରିଥିବା ବିଦ୍ୟୁତ୍ ସେବାର ଘରୋଇକରଣ ପ୍ରକ୍ରିୟାକୁ ବିଜେଡ଼ି ସରକାର ପୂର୍ଣ୍ଣାଙ୍ଗ ରୂପ ଦେଇ ଦେଇଛନ୍ତି । ସରକାର ବିଦ୍ୟୁତ୍ ସେବାକୁ ପୁରାପୁରି ଭାବେ ଟାଟା କମ୍ପାନୀ ହାତରେ ଟେକି ଦେଇଛନ୍ତି କହିଲେ ଭୁଲ୍ ହେବ ନାହିଁ। ବିଦ୍ୟୁତ୍ ସେବାରେ ଆଉ ଓଡ଼ିଶା ସରକାରଙ୍କର ନାଁ ଖୋଜିଲେ ଏଠାରେ ମିଳୁନାହିଁ। ବିକଳ୍ପ ବିହୀନ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବୁସନ ଲିମିଟେଡ଼ (ଟିପିସିଓଡ଼ିଏଲ) ହାତରେ ଏବେ ବିଦ୍ୟୁତ୍ ଯୋଗାଣ । ଓଡ଼ିଶା ମାଟିରେ ଓଡ଼ିଶାର ପାଣି, କୋଇଲା ଓ ଓଡ଼ିଶା ଲୋକଙ୍କ ଟିକସ ଅର୍ଥରେ ତିଆରି ହୋଇଥିବା ବିଦ୍ୟୁତ୍ ଭିତ୍ତିଭୂମି କୁ ନେଇ ଟାଟା କମ୍ପାନୀ ବ୍ୟବସାୟ କରୁଛି। ଟାଟାର ଲାଭ ପାଇଁ ସରକାର ଘରୋଇ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର ବୃଦ୍ଧି କରିଚାଲିଥିବା ବେଳେ କେଉଁ ଅଜଣା କାରଣରୁ ଶିଳ୍ପସଂସ୍ଥାକୁ ଅନ୍ୟାନ ରାଜ୍ୟ ଠାରୁ କମ୍ ଦରରେ ବିଜୁଳି ଦେବାର ବ୍ୟବସ୍ଥା କରିଛନ୍ତି । ରାଜ୍ୟରେ ମାତ୍ର ୭ରୁ ୮ଭାଗ ବିଜୁଳି ଘରୋଇ ଉପଭୋକ୍ତା ବ୍ୟବହାର କରୁଥିବାବେଳେ ପ୍ରାୟ ୮୮ପ୍ରତିଶତ ବିଜୁଳି ଶିଳ୍ପ ଓ ବ୍ୟବସାୟିକ ସଂସ୍ଥାମାନେ ବ୍ୟବହାର କରୁଛନ୍ତି। କିନ୍ତୁ ଏକ ଜନମଙ୍ଗଳ ଦେଶରେ ସାଧାରଣ ଲୋକଙ୍କୁ ସୁବିଧା ଦେବା ପରିବର୍ତ୍ତେ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥାକୁ ସୁବିଧା ଦେବାର ବ୍ୟବସ୍ଥା କରିଥିଲାବେଳେ ସାଧାରଣ ଲୋକଙ୍କ ଉପରେ ବୋଝ ପଡୁଛି । ଆଉ ଏବେ ସାଧାରଣ ଲୋକଙ୍କୁ ଆହୁରି ଅଧିକରୁ ଅଧିକ ଶୋଷଣ କରିବା ପାଇଁ ଟାଟା ପାୱାର ମିଶି ରେଶମୀଚାଲ ଚଳାଇଛି । ଫଳରେ ଅତିରିକ୍ତ ସିକ୍ୟୁରିଟ୍ ଡ଼ିପୋଜିଟ୍ ପାଇଁ ଟାଟା ପାୱାର ଉପଭୋକ୍ତାଙ୍କ ଉପରେ ଜୁଲୁମ ଆରମ୍ଭ କରିଦେଇଛି । ସେହିପରି କୌଣସି ବିଶ୍ୱାସନୀୟତା ହାସଲ କରିପାରିନଥିବା ସ୍ମାର୍ଟ ମିଟର ବସାଇ ସାଧାରଣ ଲୋକଙ୍କୁ ଠକେଇ ପାଇଁ ଉଦ୍ୟମକୁ ଜୋରଦାର କରିଛି । ଏଥିନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ ସତ୍ତ୍ୱେ ସରକାର ଏଥିରେ ହଁ ଭରି ସାଧାରଣ ଲୋକଙ୍କ ପରିବର୍ତ୍ତେ ଟାଟା ପାୱାରକୁ ସାଥ ଦେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଟାଟା ପାୱାରର ବିଦ୍ୟୁତ୍ ସେବା ନାଁରେ ଦିନ ଦ୍ୱିପ୍ରହରରେ ଲୁଟ୍ ଛଡ଼ା ଅନ୍ୟ କିଛି ହୋଇନପାରେ ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କୃଷକ ନେତା ଗୟାଧର ଧଳ । ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଟାଟା ପାୱାରର ପଦାଧିକାରୀମାନେ ଅନେକ ଉପଭୋକ୍ତାଙ୍କ ଉପରେ ଅଯଥା ଫାଇନ୍ କରି ହଇରାଣ ହରକତ ମଧ୍ୟ କରୁଛନ୍ତି । ଯେଉଁ ଅତ୍ୟାବଶ୍ୟକ ସେବାର ଅନ୍ୟ କୌଣସି ବିକଳ୍ପ ନାହିଁ ତାକୁ ସରକାର ସଂପୂର୍ଣ୍ଣ ଭାବେ ଏକ ଘରୋଇ କମ୍ପାନୀ ହାତରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨ ଜାନୁଆରୀ ୨୦୨୬ । ଶୁକ୍ରବାର




## ପ୍ରଦୂଷଣ ସେଣ୍ଟର ଯାଞ୍ଚ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ସହର, ଟିଟିଲାଗଡ଼ ଓ ତୁଷୁରା ଅଞ୍ଚଳରେ ଚାଲିଥିବା ପ୍ରଦୂଷଣ ସେଣ୍ଟରମାନଙ୍କୁ ଏସଟିଏ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଆଞ୍ଚଳିକ ପରିବହନ ବିଭାଗ ଦାରା ଯାଞ୍ଚ କରାଯାଇଛି। ଯାନବାହନ କିପରି ସାର୍ଟିଫିକେଟ ଓ ପ୍ରଦୂଷଣ ଟେଷ୍ଟ ଚାଲିଛି ତା' ଉପରେ ଯାଞ୍ଚ କରିଥିଲେ। ବଲାଙ୍ଗିର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି କହିଛନ୍ତି ସେମାନଙ୍କ ଯାଞ୍ଚ ସମୟରେ ଦୁଇଟି କେନ୍ଦ୍ରର ଭୁଲ ବାହାରୁ ଥିଲା ବଲାଙ୍ଗିର ୧ ଓ ତୁଷୁରା ୧ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ ପରେ ଠିକ ହେଲା ପରେ ଖୋଲା ଯାଇଛି। ଜିଲ୍ଲାରେ ୧୬ କେନ୍ଦ୍ର ଅଛି ସେଥିରୁ ବଲାଙ୍ଗିରରେ ୮ ଗୋଟି। ଜନସାଧାରଣ ଠକାମୀର ଶିକାର ନହୋଇ ସଠିକ ସ୍ଥାନରେ ପ୍ରଦୂଷଣ ସାର୍ଟିଫିକେଟ କରାନ୍ତୁ । ନିଜ ନିଜ ଗାଡି ମାନଙ୍କ ପ୍ରଦୂଷଣ ସାର୍ଟିଫିକେଟ ଠିକ ସ୍ଥାନରେ ନିର୍ଦ୍ଧାରିତ ସମୟ ଭିତରେ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ଲକ୍ଷାଧିକ ଟଙ୍କାର ମହୁଲି ଓ ପୋଚ଼ ଜବତ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ବାଲୁଗାଁ ଅବକାରୀ ନିରୀକ୍ଷକ ଅଜିତ ପାତ୍ରଙ୍କ ତତ୍ୱାବଧାନରେ ବୁଧବାର ବାଣପୁର ଥାନା ଅନ୍ତର୍ଗତ ବିରଜାଇ ଓ କୋଷରଡା ଜଙ୍ଗଲରେ ଚ଼ଡ଼ାଉ କରି ୧୧ ହଜାର କେଜି ମହୁଲ ପୋଚ଼ ନଷ୍ଟ କରିବା ସହ ୧୫୦୦ ଲିଟର ଦେଶୀ ମହୁଲି ଜବତ କରାଯାଇଛି। ଜବତ ମହୁଲ ପୋଚ଼ ଓ ଦେଶୀ ମହୁଲିର ଆନୁମାନିକ ମୂଲ୍ୟ ୮ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ କେଶ ନଂ ୨୪୨,୨୪୩,୨୪୪ ଓ ୨୪୫/୨୫-୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ କୌଣସି ଅଭିଯୁକ୍ତଙ୍କୁ ଧରି ନଥିବା ବାଲୁଗାଁ ଅବକାରୀ ଅଧିକ୍ଷକ ଶ୍ରୀ ପାତ୍ର କହିଛନ୍ତି। ଉକ୍ତ ଚ଼ଡ଼ାଉରେ ଜଟଣୀ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଓ ଟିମ, ବେଗୁନିଆ ଅବକାରୀ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି ଓ ଟିମ, ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚ଼ନ୍ଦ୍ର ବାରିକ ଓ ଟିମ, ଏସଆଇ ମୀନକେତନ ମହାଳିକଙ୍କ ସମେତ ବାଲୁଗାଁ ଅବକାରୀ କର୍ମଚ଼ାରୀମାନେ ସାମିଲ ଥିଲେ।

## ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ଫୁଟିଲା ବୋମା



**ବାଙ୍କୀ: ଏକ୍ସପ୍ରେସ ନ୍ୟୁଜ୍**

ନୂଆବର୍ଷରେ ଅଘଟଣ। ବାଙ୍କୀ ତାଳବସ୍ତ ଗ୍ରାମରେ ବୋମା ମାଡ଼ ଅଭିଯୋଗ। ଜିରୋ ନାଇଟ୍ ସେଲିବ୍ରେସନ ବେଳେ ଫୁଟିଲା ବୋମା। ଚ଼ିନ୍ତାମଣି ବେହେରାଙ୍କ ଘର ଉପରକୁ ବୋମା ମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ବୋମା ମାଡ଼ ହୋଇଥିବା ସୂଚ଼ନା।

ସୂଚ଼ନାଯୋଗ୍ୟ ଯେ, ବାଙ୍କୀ ଡମପଡା ବ୍ଲକ୍ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତର ନୂଆସାହି ବିଦ୍ୟାଧରପୁର ଗ୍ରାମର ଚ଼ିନ୍ତାମଣି ବେହେରାଙ୍କ ଘର ଉପରକୁ ଗତ ରାତିରେ ଦୁର୍ବୃତ୍ତ ବୋମା ମାଡ଼ କରିଛନ୍ତି। ବୋମା ମାଡ଼ରେ ଚ଼ିନ୍ତାମଣି ବେହେରାଙ୍କ ଘର ଆସବାବପତ୍ର ସହ ଏସି ନଷ୍ଟ ହୋଇଛି। ଅଳ୍ପକେ ବର୍ତ୍ତିଯାଇଛନ୍ତି ଘର ଲୋକେ। ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପୋଲିସ ବହୁ ବିଳମ୍ବରେ ପହଞ୍ଚିଥିବା ବେଳେ ଗାଁରେ ଭୟର ବାତାବରଣ। ଏପରିକି ବାଙ୍କୀ ଥାନା ଅଧିକାରୀ ଏ ସମ୍ପର୍କରେ କହିବାକୁ ମନା କରିଦେଇଥିଲେ। ଖୁବ୍‌ଶୀଘ୍ର ପୋଲିସ ପ୍ରଶାସନ ପହଞ୍ଚି ସଠିକ୍ ତଦନ୍ତ କରି ଏଭଳି ଘଟଣା ଘଟାଇଥିବା ଦୁର୍ବୃତ୍ତଙ୍କୁ ଗିରଫ କରିବା ସହିତ ନ୍ୟାୟ ଦେବାକୁ ଦାବି ହୋଇ।

## ମଣ୍ଡି ପରିଚ଼ାଳନାରେ ଅବ୍ୟବସ୍ଥା : ଚ଼ାଷୀ ଅସନ୍ତୁଷ୍ଟ

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**



ବର୍ଷ ବଦଳିଲା କିନ୍ତୁ ବଦଳିଲାନି ଅନ୍ନଦାତାଙ୍କ ଭାଗ୍ୟ। ନୂଆବର୍ଷରେ ବି ଦୂର ହେଲାନାହିଁ ଚ଼ାଷୀଙ୍କ ସମସ୍ୟା। ଧାନ ଅମଳ ହେଲା ହେଲେ କେଉଁଠି ଟୋକନ ସମସ୍ୟା ତ କେଉଁଠି ମଣ୍ଡିରେ ଅବ୍ୟବସ୍ଥା ଚ଼ାଷୀଙ୍କ ଚ଼ିନ୍ତା ବଢାଇଛି। ନୂଆ ବର୍ଷ ଆରମ୍ଭରୁ ହିଁ ଅବହେଳିତ ଅବସ୍ଥାରେ ପଡି ରହିଛି ଚ଼ାଷୀଙ୍କ ପରିଶ୍ରମ। ଏ ହେଉଛି ଆନ୍ଧ୍ର-ଓଡିଶା ସୀମାନ୍ତ ଗାଁ କେରେଡା ଗାଁର ଚ଼ିତ୍ର। କେମିତି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି।

କାହାର ଧାନ ଜମିରେ ପଡି ରହିଛି ତ ଆଉ କାହାର ନିଜ ନିଜ ଗାଁର ରାସ୍ତା ଉପରେ ପକାଇ ରଖିଛନ୍ତି। କାରଣ ଅମଳ ହୋଇଥିବା ଧାନ ରଖିବା ପାଇଁ ଚ଼ାଷୀଙ୍କର ନିଜସ୍ୱ କୌଣସି ଜାଗା ନାହିଁ। ଚ଼ାଷୀ ଭାବିଥିଲା ନିଜର ଅମଳ ଧାନକୁ ମଣ୍ଡିକୁ ନେଇ ବିକିବ। ହେଲେ ମଣ୍ଡି ଖୋଲିବାର ୧୫ ଦିନ ବିତିଥିଲେ ବି ଏ ପର୍ଯ୍ୟନ୍ତ ସେମାନଙ୍କୁ ଟୋକନ ମିଳୁନି। ଯାହାଫଳରେ ଚ଼ାଷୀ ଖୋଲା ଆକାଶ ତଳେ ନିଜ କଷ୍ଟ ଉପାର୍ଜିତ ଧାନକୁ ପକାଇରଖିଛି।

ଖାଲି ରାୟଗଡା ନୁହେଁ ନବରଙ୍ଗପୁରରୁ ମଧ୍ୟ ଆସିଛି ମଣ୍ଡି ଅବ୍ୟବସ୍ଥାର ବିକଳ ଦୃଶ୍ୟ। ଏଠି ଦୁଇ ମାସ ବିଳମ୍ବରେ ଆରମ୍ଭ ହେଲା ମଣ୍ଡି କିନ୍ତୁ ମଣ୍ଡିରୁ ଉଠୁନି ଧାନ। ଶୀତ କାକରରେ ରାତି ଉଜାଗର ରହି ମଣ୍ଡିରେ ଧାନକୁ ଜଗି ବସିଛନ୍ତି ଚ଼ାଷୀ। ଧାନ ଅମଳ ପରେ ଚ଼ାଷୀଙ୍କୁ ଖୁସି ମିଳିବା କଥା ହେଲେ ଆଜି ଚ଼ାଷୀଙ୍କ ଜୀବନ ହେଇଯାଇଛି ଆଶଙ୍କା ଓ ଅନିଶ୍ଚିତତାର ଏକ ଗପ। ବର୍ଷ ସରିଗଲା, କ୍ୟାଲେଣ୍ଡର ପୃଷ୍ଠା ବଦଳିଲା, କିନ୍ତୁ ବଦଳିଲାନି ଚ଼ାଷୀଙ୍କ ଭାଗ୍ୟ।

## ଗାଁକୁ ମାଡିଗଲା ଟ୍ରକ, ଭାଙ୍ଗିଲା ଘର

**ଚ଼ାନ୍ଦବାଲି: ଏକ୍ସପ୍ରେସ ନ୍ୟୁଜ୍**

ଡିଜିଟାଲ ଯୁଗରେ ସବୁକିଛି ଫଟାଫଟ। ଠିକଣା ବି ମିଳିଯାଉଛି ହାତ ପାହାନ୍ତରେ। କାରଣ ସଭିଙ୍କର ପସନ୍ଦ ଗୁଗଲ ମ୍ୟାପ୍। ସର୍ଚ୍ଚ କଲେ ଚୁଟ୍‌କିରେ ଠିକଣା ଉପଲବ୍ଧ। ରାସ୍ତା ନ ଜଣାଥିଲେ ବି ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦେଉଛି। ହେଲେ ଏଥର କିନ୍ତୁ ଠକି ଦେଇଛି ଗୁଗଲ ମ୍ୟାପ୍। ଲୋକଙ୍କୁ ଦେଇଛି ଧୋକ୍କା। ଯାହା ଫଳରେ ହିନସ୍ତା ହୋଇଛନ୍ତି ଟ୍ରକ୍ ଚ଼ାଳକ। ଯେଉଁଥିପାଇଁ ଗାଁକୁ ମାଡିଗଲା ଟ୍ରକ, ଭାଙ୍ଗି ଗଲା ଘର। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚ଼ାନ୍ଦବାଲିରେ।

ସୂଚ଼ନାଥାଉକି, ଭୋରରୁ କଟକରୁ ଏକ ଟ୍ରକ ଧାମରା ବନ୍ଦର ଅଭିମୁଖେ ଯାଉଥିଲା। ନୂଆ କରି ଧାମରାକୁ ଗାଡି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣା ନ ଥିବାରୁ ସେ ଗୁଗଲ ମ୍ୟାପ ଦେଖି ଗାଡି ଚ଼ଳାଉଥିଲେ। ମାତ୍ର ଭଦ୍ରକ-ଚ଼ାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡି ଚ଼ଳାଇ ଗାଁ ଭିତରକୁ ନେଇ ଯାଇଥିଲେ।

ଅଣଓସରିଆ ଗାଁ ଭିତରେ ବଡ଼ ଟ୍ରକଟି ଆଉ ବୁଲି ନ ପାରି ରମେଶ ଦାସଙ୍କ ଘର ଉପରେ ମାଡି ଯାଇଥିଲା। ତାଙ୍କର ଘର ଆଜବେଷ୍ଟ ଘର ଅଳ୍ପକେ ଭାଙ୍ଗିଥିଲା। ଏହା ଦେଖି ଗାଁ ଲୋକେ ବାଂଶଡା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଂଶଡା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଗାଡିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡିଛି।

## ଦୋକାନୀଙ୍କୁ ଆକ୍ରମଣ, ଲୋକେ କଲେ ରାସ୍ତାରୋକ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ସହରରେ ଉତ୍ତେଜନା। ଦୋକାନୀଙ୍କୁ ଲଗାର ଓ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ। ସୂଚ଼ନାଯୋଗ୍ୟ ଯେ, ଭଦ୍ରକ ସହରର ଅପର୍ତିବିନ୍ଧା ଛକ ନିକଟରେ ବୁଧବାର ଜଣେ ଦୋକାନୀଙ୍କୁ ସଂଗବଦ୍ଧ ଭାବେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ପରେ ଦୋକାନୀ ଗୁରୁତର ଭାବେ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ପରେ ପୁଣି ଗୁରୁବାର ମଧ୍ୟ ଦୋକାନୀଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଛି। ସ୍ଥାନୀୟ ଲୋକ ଓ ସଂଗଠନ ଗୁଡ଼ିକ ରାସ୍ତାରୋକ କରିବା ସହ ନାରାବାଜି କରିଛନ୍ତି। ପୋଲିସ ସହ ଅତିରିକ୍ତ ଏସପି ପହଞ୍ଚି ଆଲୋଚ଼ନା କରିଛନ୍ତି।

## ବିନା କାରଣରେ ଯୁବକକୁ ଆକ୍ରମଣ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ପ୍ରସାଦରାଓ ପେଟା ୪ର୍ଥ ଲାଇନର ଏମ ରମେଶକୁ ସେହି ସାହିର ସନ୍ତୋଷ ସାହୁ ନାମକ ଜଣେ ଯୁବକ ଆକ୍ରମଣ କରିଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚ଼ନା ଅନୁଯାୟୀ ଏମ ରମେଶଙ୍କ ପୁଅକୁ ସେହି ସାହିର ଅନ୍ୟଜଣେ ଯୁବକ ମାଡ ମାରୁଥିବା ଦେଖିବା ପରେ ସନ୍ତୋଷ ହଠାତ ଆସି ଏମ ରମେଶକୁ ଆକ୍ରମଣ କରିଥିଲେ। ଯାହା ଫଳରେ ଏମ ରମେଶ ରକ୍ତାକ୍ତ ହୋଇଯାଇଥିଲେ। ବିନା କାରଣରେ ଆକ୍ରମଣ କରିଥିବା ନେଇ ରମେଶ ଟାଉନଥାନାରେ ଅଭିଯୋଗ ଦେବା ପରେ ଟାଉନ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ସଦରଥାନା ଅନ୍ତର୍ଗତ ପୁଟରାରୁ ଖଇରିମୁଣ୍ଡି ଆସୁଥିବା ସମୟରେ ଖଇରିମୁଣ୍ଡି ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚ଼ନା ଅନୁଯାୟୀ ଦିନ ୧୧ଟା ସମୟରେ ପ୍ରହଲ୍ଲାଦ ହରିଜନ ଓ ତାଙ୍କ ପୁଅ ରିୟାଜ୍ ହରିଜନ ଦୁଇଜଣ ଏକ ବାଇକରେ ଖଇରିମୁଣ୍ଡି ଆସୁଥିବା ସମୟରେ ବିପରିତ ଦିଗରୁ ଅନ୍ୟ ଏକ ମଟର ସାଇକଲ ଆସି ଧକ୍କା ଦେଇଥିଲା। ଫଳର ପ୍ରହଲ୍ଲାଦ ହରିଜନ ଛିଟିକି ପଡିବା ଫଳରେ ତାଙ୍କ ଗୋଡ ଏବଂ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରହ୍ଲାଦକୁ ଜୟପୁର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ କୋରାପୁଟ୍ ସ୍ଥାନାନ୍ତର କରାଯାଇଥିଲା। ରକ୍ତସ୍ରାବ ବନ୍ଦ ନହେବା ଯୋଗୁଁ ପ୍ରହ୍ଲାଦକୁ ତୁରନ୍ତ ବିଶାଖପାଟଣା ନିଆଯାଇଥିଲା। ବିଶାଖାପାଟଣାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ନେଇ ପ୍ରହ୍ଲାଦଙ୍କ ସାନ ଭାଇ କୈଳାଶ ହରିଜନ ସଦରଥାନାରେ ଅଭିଯୋଗ କରିବା ପରେ ସଦର ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚ଼ନା ଦେଇଛନ୍ତି।

## ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗ୍ରାମ ନିକଟ ଗୋପୀନାଥପୁର ମୌଜା ରାଧାକୃଷ୍ଣ ମନ୍ଦିର ନିକଟରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଗୁରୁବାର ସକାଳ ପ୍ରାୟ ୮ଟାରେ ଜଣେ ୩୫ ବର୍ଷୀୟ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ତେବେ ବର୍ତ୍ତମାନ ସୁଦ୍ଧା ଯୁବକଙ୍କ ପରିଚ଼ୟ ମିଳିପାରିନାହିଁ। ଗତ ପ୍ରାୟ ୩ ଦିନ ହେଲା ମୃତଦେହଟି ପଡ଼ିଥିବା ନେଇ କିଛି ଛେଳି ଚ଼ରାଳି ଜାଣିଥିଲେ ମଧ୍ୟ ଭୟଭୀତ ହୋଇ କାହାରିକୁ ଜଣାଇନଥିଲେ।

ଗୁରୁବାର ସକାଳେ କୋଟିନଡ଼ା ଗ୍ରାମର ସାମାଜିକ କର୍ମୀ ଉମାକାନ୍ତ ବିଷୋୟୀ ଏନେଇ ପୋଲିସକୁ ସୂଚ଼ନା ଦେବା ସହ ଲିଖିତ ଏତଲା ଦେଇଥିଲେ। ଏହାପରେ ଏସ.ଆଇ ରାଜ କିଶୋର ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥାନା ଅପମୃତ୍ୟୁ ମାମଲା ୧/୨୬ ଅନୁଯାୟୀ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଯୁବକଙ୍କ ପେଟର ଅନ୍ତ ବୁଜୁଳା ବାହାରି ପଡ଼ିଥିବାରୁ ତାଙ୍କୁ ହତ୍ୟା କରାଯିବା ପରେ ମୃତଦେହକୁ ଫୋପାଡି ଦିଆଯାଇଥିବା ସମ୍ପୃକ୍ତ ଅଞ୍ଚଳରେ ଲୋକେ ସନ୍ଦେହ କରିଛନ୍ତି। ଯୁବକ ଜଣକ ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଧଳା ନାଲି କଲର ଫୁଲ ଚେକ୍ ସାର୍ଟ ପିନ୍ଧିଥିବା ଜଣାପଡ଼ିଛି।

ମୁଣ୍ଡର କିଛି ଅଂଶ ଓ ଶରୀରର ବିଭିନ୍ନ ଅଂଶକୁ ବନ୍ୟଜନ୍ତୁ ଖାଇ ଦେଇଛନ୍ତି। ମୃତଦେହଟି ପ୍ରାୟ ୧୦ ଦିନ ପୂର୍ବର ହୋଇଥିବା ଅନୁମାନ କରାଯାଉଛି। ମୃତ ଯୁବକ ଜଣକ କୋଟିନଡ଼ା ଗ୍ରାମ କିମ୍ବା ଆଖପାଖ ଅଞ୍ଚଳର ହୋଇନଥିବାରୁ ତାଙ୍କ ପରିଚ଼ୟ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ହାତୀଙ୍କ ଲାଗି ବନ କର୍ମଚାରୀ ରାତ୍ରି ଅନିଦ୍ରା

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୭୦ ହାତୀ ଅଛନ୍ତି। ହାତୀମାନେ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଆତଙ୍କ ଖେଳାଉଛନ୍ତି। ଯାହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ରାତି ଉଜାଗର ରହୁଛନ୍ତି। ଅନ୍ୟପଟେ ବନ ବିଭାଗ କର୍ମଚ଼ାରୀ ମଧ୍ୟ ହାତୀ ଓ ମଣିଷ ଉଭୟ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ପଦକ୍ଷେପ ନିଆଯାଇଛି। କର୍ମଚ଼ାରୀମାନେ ରାତି ତମାମ ଜଙ୍ଗଲରେ ପଇଁତରା ମାରୁଛନ୍ତି। ଏଥିସହ କିଛି ଜଙ୍ଗଲକୁ ନ ଯିବା ପାଇଁ ଲୋକଙ୍କୁ ବାରଣ କରାଯାଇଛି।

ଅପରପକ୍ଷେ ଏନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ବିଗତ କିଛି ଦିନ ହାତୀମାନେ ଲୋକଙ୍କ କିଛି କ୍ଷତି କରିନାହାନ୍ତି। ଜଙ୍ଗଲରେ ପ୍ରାୟ ହାତୀମାନେ ବର୍ତ୍ତମାନ ରହୁଛନ୍ତି। ତଥାପି ହାତୀପଲ ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଛି। ଗୁରୁବାର ସୁଦ୍ଧା ତାରସିଂ ରେଞ୍ଜରେ ୨୪ଟି ହାତୀ ଥିବା ବେଳେ ମୁଜାଗଡ଼ ରେଞ୍ଜରେ ୩୦ ଓ ଜଗନ୍ନାଥପ୍ରସାଦ ରେଞ୍ଜରେ ୧୬ଟି ହାତୀ ଅଛନ୍ତି।

## ବାଣିଜ୍ୟ

## ୧୦ ନୂଆ ନିୟମରେ ପରିବର୍ତ୍ତନ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆଜିଠାରୁ ନୂତନ ବର୍ଷ ଆରମ୍ଭ ହେଉଛି ଏବଂ ଏହା ସହିତ କିଛି ପରିବର୍ତ୍ତନ ମଧ୍ୟ କାର୍ଯ୍ୟକାରୀ ହୋଇଛି। ଏଥିରେ ଏଲପିଜି ସିଲିଣ୍ଡରର ମୂଲ୍ୟ ଠାରୁ ଆରମ୍ଭ କରି ଅଷ୍ଟମ ବେତନ କମିଶନ ଲାଗୁ କରିବା ଏବଂ ପାନ୍-ଆଧାର ଲିଙ୍କିଂ ଶେଷ ତାରିଖର ସମାପ୍ତି ପର୍ଯ୍ୟନ୍ତ ପରିବର୍ତ୍ତନ ଅନ୍ତର୍ଭୁକ୍ତ।

**ଏଲପିଜି ସିଲିଣ୍ଡର ମହଙ୍ଗା ହେଲା:** ନୂତନ ବର୍ଷ ଇନ୍ଧନ ମୂଲ୍ୟ ବୃଦ୍ଧି ସହିତ ଆରମ୍ଭ ହୋଇଛି। କାରଣ ସରକାର ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୧୧ଟଙ୍କା ବୃଦ୍ଧି କରିଛନ୍ତି। ଯାହା ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ଏହି ବୃଦ୍ଧି ଯୋଗୁଁ ସାରା ଦେଶରେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଛୋଟ ବ୍ୟବସାୟଗୁଡ଼ିକର ପରିଚ଼ାଳନା ଖର୍ଚ୍ଚ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହି ପରିବର୍ତ୍ତନ ପରେ, ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୧୬୯୧.୫୦ ଟଙ୍କା ହୋଇଛି, ଯାହା ପୂର୍ବରୁ ୧୫୮୦.୫୦ଟଙ୍କା ଥିଲା। କୋଲକାତାରେ, ମୂଲ୍ୟ ୧୬୮୪ ଟଙ୍କାରୁ ୧୭୯୫ ଟଙ୍କାକୁ ବୃଦ୍ଧି ପାଇଛି। ଯେତେବେଳେ ମୁମ୍ବାଇରେ, ମୂଲ୍ୟ ୧୫୩୧ଟଙ୍କା ରୁ ୧୬୪୨.୫୦ ଟଙ୍କାକୁ ବୃଦ୍ଧି ପାଇଛି। ୧୪ କିଲୋଗ୍ରାମର ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି, ଯାହା ଘରୋଇ ଗ୍ରାହକଙ୍କୁ କିଛି ଆଶ୍ୱସ୍ତି ପ୍ରଦାନ କରୁଛି।

**ପାନ୍ ଏବଂ ଆଧାର ଲିଙ୍କ୍ କରିବାର ତାରିଖ ଶେଷ:** ପାନ୍ ଏବଂ ଆଧାର ଲିଙ୍କ୍ କରିବାର ଶେଷ ତାରିଖ ଡିସେମ୍ବର ୩୧ ଥିଲା। ଯଦି ଆପଣ ଏହି ଶେଷ ତାରିଖ ହାତଛଡ଼ା କରିଛନ୍ତି। ତେବେ ଆଜିଠାରୁ ଆପଣଙ୍କର ଅନେକ ଆର୍ଥିକ କାର୍ଯ୍ୟ ବନ୍ଦ ହୋଇପାରେ। ଆପଣଙ୍କର ପାନ୍ କାର୍ଡକୁ ନିଷ୍କ୍ରିୟ ବୋଲି ବିବେଚ଼ନା କରାଯିବ। ଯାହା ସିଧାସଳଖ ଟିକସ ଦାଖଲ, ରିଫଣ୍ଡ, ବ୍ୟାଙ୍କ କାରବାର ଏବଂ ସରକାରୀ ଯୋଜନାକୁ ପ୍ରଭାବିତ କରିବ।

**ଅଷ୍ଟମ ବେତନ କମିଶନ ଲାଗୁ:** ଜାନୁଆରୀ ୧, ୨୦୨୬ରେ ଅଷ୍ଟମ ବେତନ କମିଶନ ଲାଗୁ ହୋଇଛି। ଯଦିଓ ଏହା ଆପଣଙ୍କ ଦରମାରେ ତୁରନ୍ତ ପ୍ରତିଫଳିତ ହେବ ନାହିଁ, ୫୦ ଲକ୍ଷ କର୍ମଚ଼ାରୀ ଏବଂ ୬.୯ ଲକ୍ଷ ପେନସନଭୋଗୀ ୮ମ ବେତନ କମିଶନଙ୍କ ଅନୁମୋଦନରୁ ଉପକୃତ ହେବେ। ମୂଳ ଦରମା ୨୦ରୁ ୩୫ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି ଏବଂ ଡିଏ, ଏଚ଼ଆରଏ ଏବଂ ପେନସନ୍ ମଧ୍ୟ ବୃଦ୍ଧି ପାଇପାରେ।

**ହ୍ୱାଟସଆପ୍ ଏବଂ ଟେଲିଗ୍ରାମ ନିୟମରେ ପରିବର୍ତ୍ତନ:** ମେସେଜିଂ ଆପ୍ ବ୍ୟବହାର କରିବା ପାଇଁ, ଆପଣଙ୍କୁ ଏପରି ଏକ ଫୋନ୍ ନମ୍ବର ବ୍ୟବହାର କରିବାକୁ ପଡିବ ଯାହା ଅତି କମରେ ୯୦ ଦିନ ପାଇଁ ସକ୍ରିୟ ଅଛି। ୱେବ୍ ସଂସ୍କରଣ ପ୍ରତି ଛଅ ମାସରେ ସ୍ୱୟଂଚ଼ାଳିତ ଭାବରେ ଲଗ୍ ଆଉଟ୍ ହୋଇପାରେ। ନକଲି ଆକାଉଣ୍ଟ ଏବଂ ଅନଲାଇନ୍ ଠକେଇକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

**ଚ଼ାଷୀ ପରିଚ଼ୟପତ୍ର ବାଧ୍ୟତାମୂଳକ:** ଆଜିଠାରୁ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଲାଭ ପାଇବା ପାଇଁ ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶ ଭଳି ଅନେକ ରାଜ୍ୟରେ ଏକ ଚ଼ାଷୀ ପରିଚ଼ୟପତ୍ର ବାଧ୍ୟତାମୂଳକ। ଚ଼ାଷୀ ପରିଚ଼ୟପତ୍ର ବିନା, ଆପଣ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୬,୦୦୦ ପାଇପାରିବେ ନାହିଁ।

**ବ୍ୟାଙ୍କ ଏବଂ ଏଫ୍‌ଡି ହାର ପରିବର୍ତ୍ତନ ହୋଇଛି:** ଏସବିଆଇ, ଏଚ଼ଡିଏଫସି, ପିଏନବି ପର୍ଯ୍ୟନ୍ତ ପ୍ରାୟ ସମସ୍ତ ବ୍ୟାଙ୍କ ସେମାନଙ୍କର ଏଫ୍‌ଡି ସୁଧ ହାର ସଂଶୋଧନ କରିଛନ୍ତି। ତେଣୁ, ଯଦି ଆପଣ ଏଫ୍‌ଡି କରୁଛନ୍ତି, ତେବେ ନୂତନ ସୁଧ ହାର ଯାଞ୍ଚ କରନ୍ତୁ।

**କ୍ରେଡିଟ୍ ସ୍କୋର ଏବେ ସପ୍ତାହରେ ଅପଡେଟ୍ ହେବ:** ଜାନୁଆରୀ ୧ତାରିଖରୁ, ଆପଣଙ୍କର କ୍ରେଡିଟ୍ ସ୍କୋର ପ୍ରତି ସାତ ଦିନରେ ଅପଡେଟ୍ ହେବ। ଯଦି ଆପଣ ଠିକ୍ ସମୟରେ ଆପଣଙ୍କର ମାସିକିଆ ସୁଧ ହାର ପୈଠ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ଏଥିରୁ ଲାଭ ପାଇବେ।

**ପେଟ୍ରୋଲ ଡିଜେଲ ଦର:** ଆଜିଠାରୁ ପେଟ୍ରୋଲ, ଡିଜେଲ ଏବଂ ବିମାନ ଇନ୍ଧନର ନୂତନ ମୂଲ୍ୟ ପ୍ରକାଶ ପାଇଛି। ନୂତନ ପେଟ୍ରୋଲ ଏବଂ ଡିଜେଲ ଦର ଅପଡେଟ୍ କରାଯାଇଛି।

**ଆୟକର ଆଇନ:** ସରକାର ପୁରୁଣା ଆୟକର ଆଇନ ୧୯୬୧କୁ ଏକ ନୂତନ ଆଇନ ସହିତ ବଦଳାଇବାକୁ ପ୍ରସ୍ତୁତ ହେଉଛନ୍ତି ଯାହା ୧ ଏପ୍ରିଲ, ୨୦୨୬ରୁ କାର୍ଯ୍ୟକାରୀ ହେବ, ଯାହାର ପ୍ରଭାବ ଆଗାମୀ ମାସ ଗୁଡ଼ିକରେ ପଡ଼ିବାର ଆଶା କରାଯାଉଛି। ତେଣୁ, ଆଜିଠାରୁ ଟିକସ ଯୋଜନା ପରିବର୍ତ୍ତନ ହୋଇଛି।

**ନୂତନ ଟିକସ ଫର୍ମ:** ଆଜି ଏକ ନୂତନ ଟିକସ ଫର୍ମ ପ୍ରକାଶିତ ହୋଇଛି। ଏଥିରେ ବ୍ୟାଙ୍କ କାରବାର ଏବଂ ଖର୍ଚ୍ଚ ବିଷୟରେ ଅଧିକ ବିସ୍ତୃତ ସୂଚ଼ନା ଆବଶ୍ୟକ, ଯାହା ତ୍ରୁଟିର ସୀମା ହ୍ରାସ କରେ।

## ଅଧପନ୍ତରିଆ 'ମେଗା ପାନୀୟଜଳ ପ୍ରକଳ୍ପ'

### ଶହ ଶହ କୋଟି ଖର୍ଚ୍ଚ, ଏଯାଏଁ ପିଇବା ପାଣି ମିଳିଲାନି

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



ଲୋକଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କଳିଙ୍ଗନଗର ମେଗା ପାନୀୟଜଳ ପ୍ରକଳ୍ପ ଆଜି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବର୍ଷର ପରେ ବର୍ଷ କାମ ଚ଼ାଲିଥିଲେ ବି ପ୍ରକଳ୍ପ ସମାପ୍ତ ହୋଇନପାରିବାରୁ ଦାନଗଦି ବ୍ଲକ ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ପିଇବା ପାଣି ଏବେ ଭୟାବହ ସମସ୍ୟାର ରୂପ ନେଇଛି। ୨୦୨୩ରେ ସରିବାକୁ ଥିଲା, ହେଲେ ବର୍ଷ ପୁରି ୨୦୨୬ ହେଲା। ଠିକାଦାରୀ ସଂସ୍ଥା ମାଧ୍ୟମରେ ଚ଼ାଲୁଥିବା ଏହି ମେଗା ପ୍ରକଳ୍ପ ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁଥିଲା। କିନ୍ତୁ କାମର ଧୀର ଗତି, ଅପର୍ଯ୍ୟାପ୍ତ ନିରୀକ୍ଷଣ ଓ ଦାୟିତ୍ୱହୀନତା ଯୋଗୁଁ ପ୍ରକଳ୍ପର ସମୟସୀମା ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ବଢ଼ାଯାଇଛି। ତଥାପି ଭୂମିତଳରେ ଆଶାଜନକ ଅଗ୍ରଗତିର କୌଣସି ଚ଼ିହ୍ନ ଦେଖାଯାଉନାହିଁ। ଦାନଗଦି ବ୍ଲକ କାଗଜରେ ପ୍ରକଳ୍ପ, ମାଟିରେ ନାହିଁ। ଯାଜପୁର ଜିଲ୍ଲା ଦାନଗଦି ବ୍ଲକରେ ପ୍ରାୟ ୧୬୪ କୋଟି ଟଙ୍କା ବ୍ୟୟରେ ଚ଼ାଲୁଥିବା ଏହି ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ୩୦ଟି ଗାଁକୁ ପାଣି ଯୋଗାଇବା ଯୋଜନା ରହିଛି। ୨୦୨୫ ଜାନୁଆରୀ ୪ ତାରିଖ ସୁଦ୍ଧା କାମ ସମାପ୍ତ ହେବାକୁ ଥିଲା। ବାସ୍ତବ ଚ଼ିତ୍ର ହେଉଛି, ବର୍ଷ ଶେଷ ସୁଦ୍ଧା କେବଳ ୩ଟି ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି। ବ୍ରହ୍ମଣୀ ଜଳ ଯୋଜନା ଅଧାରେ ଛାଡ଼ି 'ଛୁ' ମାରିଲା ଠିକାଦାର ଦାନଗଦି ବ୍ଲକର ରାଛିପୁର ପଞ୍ଚାୟତ ଅଞ୍ଚଳରେ ବ୍ରହ୍ମଣୀ ନଦୀ ଜଳ ଆଧାରିତ ମେଗା ପ୍ରକଳ୍ପକୁ କେଇସି ଠିକାଦାରୀ ସଂସ୍ଥା ନେଇ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦେଇଥିବା ଗୁରୁତର ଅଭିଯୋଗ ଉଠିଛି। ଦୀର୍ଘ ଦିନ ହେଲା ପ୍ରକଳ୍ପ ସ୍ଥଳୀରେ କାମ ପୂରାପୁରି ବନ୍ଦ ରହିଛି। ବିଷାକ୍ତ ଶିଳ୍ପାଞ୍ଚଳ, ଦୂଷିତ ପାଣିରେ କଳିଙ୍ଗନଗର ବାସୀଙ୍କ ଜୀବନ। ଶିଳ୍ପାଞ୍ଚଳର ବିଷାକ୍ତ ଧୂଳି-ଧୂଆଁ, କେମିକାଲ ମିଶ୍ରିତ ଜଳ ଓ ପରିବେଶୀୟ ଦୂଷଣ ମଧ୍ୟରେ ବସୁଥିବା କଳିଙ୍ଗନଗର ବାସୀ ଆଜି ବି ପିଇବା ପାଣି ପାଇଁ ପୋଖରୀ ଓ ଦୂଷିତ ଜଳ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ କହିବା କଥା, 'ଯେଉଁଠି ଧୂଆଁ, ମେଳା ଓ କେମିକାଲ ମିଶା ପାଣି, ସେହି ପାଣି ଆଣି ଘରେ ରୋଷେଇ କରୁଛୁ। ସ୍ୱଚ୍ଛ ପାଣି ଆମ ପାଇଁ ସ୍ୱପ୍ନ ହୋଇଗଲାଣି।' ଶହ ଶହ କୋଟି କେଉଁଠି ଗଲା ସାଧାରଣ ଲୋକଙ୍କ ପ୍ରଶ୍ନ, ଶହ ଶହ କୋଟି ଟଙ୍କାର ଅନୁଦାନ ବାସ୍ତବରେ କେଉଁଠି ବ୍ୟୟ ହେଲା ? ଠିକାଦାରୀ ସଂସ୍ଥାଙ୍କ ଧୀରଗତି ପାଇଁ କିଏ ଦାୟିତ୍ୱ ନେବ ? ପ୍ରକଳ୍ପର ଗୁଣମାନ ଓ ସମୟସୀମା ଉପରେ ପ୍ରଶାସନୀୟ ନିରୀକ୍ଷଣ କାହିଁକି ଦୃଢ଼ ହେଲାନି ? ମେଗା ପାନୀୟଜଳ ପ୍ରକଳ୍ପ ନାମରେ ଦେଖାଯାଇଥିବା ସ୍ୱପ୍ନ ଆଜି ଦାନଗଦି ବ୍ଲକର କଳିଙ୍ଗନଗର ବାସୀଙ୍କ ପାଇଁ ଭୟାବହ ସଂକଟରେ ପରିଣତ ହୋଇଛି। ଯଦି ଶୀଘ୍ର ଦୃଢ଼ ହସ୍ତକ୍ଷେପ, ସ୍ପଷ୍ଟ ଦାୟିତ୍ୱ ନିର୍ଣ୍ଣୟ ଓ ସମୟବଦ୍ଧ କାର୍ଯ୍ୟଯୋଜନା ଗ୍ରହଣ ନହୁଏ, ତେବେ ଏହି ଲୋକ ଅସନ୍ତୋଷ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନର ରୂପ ନେଇପାରେ।



## ସିନେମାଫିନେମା ଟିଭିଫିଭି

## ଧର୍ମେନ୍ଦ୍ରଙ୍କୁ ମନେ ପକାଇ କାନ୍ଦିଲେ ବିଗ ବି

କୌନ ବନେଗା କରୋଡ଼ପତି ସେଟରେ ପହଞ୍ଚିଥିଲେ 'ଇକ୍କିସ' ଟିମ୍। ଯାହା ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟା ନନ୍ଦଙ୍କ ଅଭିନୀତ। ଏଥିରେ ବଲିଉଡ 'ହି-ମ୍ୟାନ୍' ଧର୍ମେନ୍ଦ୍ର ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମ ତାଙ୍କ ଶେଷ ଫିଲ୍ମ ଅଟେ। ତେବେ କେବିସି ଏପିସୋଡ ଧର୍ମେନ୍ଦ୍ରଙ୍କୁ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ସହିତ ଆରମ୍ଭ ହୋଇଥିଲା। ଏହି ସମୟରେ ଅମିତାଭ ବଚ୍ଚନ ଅତ୍ୟନ୍ତ ଭାବପ୍ରବଣ ହେବା ସହ 'ଶୋଲେ'ର ସ୍ମୃତି ତାଜା କରିଥିଲେ। ଆଇକନ ଅଭିନେତାଙ୍କୁ ମନେ ପକାଇ ଏବଂ ଧର୍ମେନ୍ଦ୍ରଙ୍କ ଶେଷ ସିନେମା 'ଇକ୍କିସ୍' ନେଇ ଅମିତାଭ ବଚ୍ଚନ କହିଛନ୍ତି, 'ଫିଲ୍ମ ଇକ୍କିସ୍ ଆମ ପାଇଁ ଶେଷ ମୂଲ୍ୟବାନ ସ୍ମାରକୀ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଛାଡି ଯାଇଥିଲା। ଜଣେ କଳାକାର ତାଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଳା ଅଭ୍ୟାସ କରିବାକୁ ଚ଼ାହାଁନ୍ତି ଏବଂ ଏହା ହିଁ ମୋର ବନ୍ଧୁ, ମୋ ପରିବାର ଏବଂ ମୋର ଆଦର୍ଶ ଧର୍ମେନ୍ଦ୍ର ଦେଓଲ। ଧରମ ଜୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଜଣେ ଅନୁଭବି ବ୍ୟକ୍ତି। ଯିଏ କେବେ ଛାଡି ଯାଏ ନାହିଁ। ଏହା ଏକ ସ୍ମୃତି, ଏକ ଆଶୀର୍ବାଦ ହୋଇଯାଏ ଯାହା ଆପଣଙ୍କୁ ଆଗକୁ ବଢ଼ାଏ।

ମେଗାଷ୍ଟାର ତା'ପରେ ଶୋଲେର ଏକ ସୁନ୍ଦର ସ୍ମୃତିକୁ ମନେ ପକାଇ କହିଲେ, 'ଆମେ ବାଙ୍ଗାଲୋରରେ ସୁଟିଂ କରୁଥିଲୁ। ମୃତ୍ୟୁ ସିନରେ, ଆପଣ ପରଦାରେ ଯେଉଁ ଯନ୍ତ୍ରଣା ଦେଖିଥିଲେ ତାହା ପ୍ରକୃତ ଥିଲା କାରଣ ସେ ମୋତେ ଏତେ ଜୋରରେ ଧରିଥିଲେ ଯେ ଯନ୍ତ୍ରଣା ପ୍ରାକୃତିକ ଅଭିନୟରେ ପରିଣତ ହୋଇଥିଲା।' ଏହି ଉପାଖ୍ୟାନ ଧର୍ମେନ୍ଦ୍ରଙ୍କୁ କେବଳ ଜଣେ ପରଦା କିମ୍ବଦନ୍ତୀ ଭାବରେ ନୁହେଁ ବରଂ ଜଣେ ଗଭୀର ସହଜାତ କଳାକାର ଭାବରେ ପ୍ରକାଶ କରିଥିଲା ଯିଏ ତାଙ୍କ ଚ଼ାରିପାଖରେ ଥିବା ସମସ୍ତଙ୍କୁ ଉଚ୍ଚ କରିଥିଲେ। ସେ ଜଣେ ମଲ୍ଲଯୋଦ୍ଧା, ଜଣେ ନାୟକ।

ଏହି ସମୟରେ 'ଇକ୍କିସ' ନିର୍ଦ୍ଦେଶକ ଶ୍ରୀରାମ ରାଘବନ କହିଥିଲେ, 'ମୁଁ ବହୁତ ଧନ୍ୟ ଯେ ସେ ମୋର ଶେଷ ଚ଼ଳଚ୍ଚିତ୍ରରେ କାମ କରୁଛନ୍ତି ଏବଂ ତାଙ୍କର ଶେଷ ଚ଼ଳଚ୍ଚିତ୍ର ଏପରି ଏକ ଜିନିଷ ଯାହା ସେ ଅସାଧାରଣ ଭାବରେ ଭଲ।' ସେହିପରି ଅଭିନେତା ଜୟଦୀପ ଆହଲାୱତ ବି କହିଛନ୍ତି, ମୁଁ ତାଙ୍କ ସହ ମୋର ଅଧିକାଂଶ ସିନ୍ ପାଇବା ପାଇଁ ଭାଗ୍ୟବାନ। ସେଟରେ, କେବେ ଅନୁଭବ ହୋଇନଥିଲା ଯେ ଜଣେ ସୁପରଷ୍ଟାର ଆମ ସହିତ ବସିଛନ୍ତି, ସେ ପରିବାର ପରି ଅନୁଭବ କରୁଥିଲେ।

# ଉପଖଣ୍ଡ ଚିକିତ୍ସାଳୟ ଏବେ ଶ୍ରୀହୀନ

**୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଉପଖଣ୍ଡ ଚାରିଟି ବ୍ଲକ୍ ବଣାଇଗଡ଼, ଲହୁଣିପଡ଼ା, ଗୁରୁଣ୍ଡିଆ, କୋଇଡ଼ାକୁ ନେଇ ଗଠିତ । ଖଣିଜ ଓ ବନ୍ୟସମ୍ପଦରେ ସମୃଦ୍ଧ ଏହି ଉପଖଣ୍ଡର ବିକାଶ ଆଖିଦୃଶିଆ ହୋଇପାରିନାହିଁ । ବର୍ଷକୁ ଶହଶହ କୋଟି ଟଙ୍କା ରାଜସ୍ୱ ଦେଉଥିବା ଏହି ଉପଖଣ୍ଡ ବିକାଶର ମାନଚିତ୍ରରେ ଅଦ୍ୟାବଧି ସ୍ଥାନ ପାଇନାହିଁ । ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ରାସ୍ତାଘାଟ ଆଦି ସବୁ ବିଷୟରେ ଏହି ଉପଖଣ୍ଡ ପଛୁଆ । ଉପଖଣ୍ଡରେ ଉପଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ପୁଲିସ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଉପଖଣ୍ଡୀୟ ମୁଖ୍ୟାଳୟ ରହିଛି, କିନ୍ତୁ ବଣାଇକୁ ଜିଲ୍ଲା ଘୋଷଣା କରିବା ପାଇଁ କେତେ ଆନ୍ଦୋଳନ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ସେହିପରି ଏନ୍ଏସି ମାନ୍ୟତା ମଧ୍ୟ ଏକ ସ୍ୱପ୍ନହୋଇ ରହିଯାଇଛି ।




ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଉପଖଣ୍ଡ ଚିକିତ୍ସାଳୟ ଅଛି । କିନ୍ତୁ ଚିକିତ୍ସା ପାଇଁ ଲୋକେ ରାଉରକେଲା ଉପରେ ବେଶି ନିର୍ଭରଶୀଳ । ଉପଖଣ୍ଡ ଡାକ୍ତରଖାନାରେ ଶଯ୍ୟା ସମସ୍ୟା ଗୁରୁତର । ଏକ୍ସରେ ମେସିନ ଅଛି, କିନ୍ତୁ ରୋଗୀଙ୍କ ସେବାରେ ଲାଗୁନି । ବଣାଇ ଅଞ୍ଚଳରେ କଳକାରଖାନା ଯୋଗୁ କିଡ୍‌ନୀ ରୋଗୀ ଅଧିକ । କିନ୍ତୁ କିଡ୍‌ନୀ ଡାକ୍ତର ନାହାନ୍ତି ଓ ଡାଇଲିସିସ ସେଣ୍ଟରରେ ମଧ୍ୟ ଠିକ୍ ଭାବେ ସେବା ଦିଆଯାଉ ନଥିବାରୁ ଲୋକେ ରାଉରକେଲା, କଟକ, ଭୁବନେଶ୍ୱର ଉପରେ ନିର୍ଭରଶୀଳ । ସେହିପରି ବିଭିନ୍ନ ବିଭାଗରେ ମଧ୍ୟ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି । ଏବେ ପୁଣି ଉପଖଣ୍ଡ ଡାକ୍ତରଖାନା ସ୍ଥାନାନ୍ତର ପାଇଁ ହେଉଥିବା ଯୋଜନା ବଣାଇବାସୀଙ୍କୁ ଚିନ୍ତିତ କରିଛି । ଉପଖଣ୍ଡରେ ଶିକ୍ଷା କଥା ନ କହିଲେ ଭଲ । ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି । ଜଣେ ଦୁଇଜଣ ଶିକ୍ଷକରେ ଅଧିକାଂଶ ସ୍କୁଲ ଚାଲୁଛି । ଉପଖଣ୍ଡରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ ଅନୁଷ୍ଠାନ ନାହିଁ । ବଣାଇଗଡ଼ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ କେତେ ଆନ୍ଦୋଳନ ହୋଇଛି, କିନ୍ତୁ ସରକାର ନିଦାବିଷ୍ଟୁ ପାଲଟିଛନ୍ତି ।

ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ଓ ମେଡିକାଲ କଲେଜ ପାଇଁ କେତେ ଚିଠି ଲେଖାଗଲାଣି । କିନ୍ତୁ ରାଜ୍ୟ ସରକାରଙ୍କ ଦୃଷ୍ଟି ପଡୁନାହିଁ । ଉପଖଣ୍ଡର ବିଭିନ୍ନ ଗାଁକୁ ଆଜି ମଧ୍ୟ ସବୁଦିନିଆ ରାସ୍ତା ନାହିଁ । ଅଧିକାଂଶ ଗାଁକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ । ଉପଖଣ୍ଡରେ ବିଭିନ୍ନ ଶିଳ୍ପସଂସ୍ଥା ଗଢ଼ି ଉଠିଥିଲେ ବି ବେକାରି ସମସ୍ୟା ଉତ୍କଟ । ଶିଳ୍ପ ପାଇଁ ବାପା ଜମି ଦେଇଥିବାବେଳେ ପୁଅଝିଅ ବେକାର, ଦାଦନ ଖଟିବାକୁ ଯାଉଛନ୍ତି । ପେଟକୁ ଦାନା ଦେଇପାରୁନଥିବା ଶିଳ୍ପ କିନ୍ତୁ ଅଞ୍ଚଳବାସୀଙ୍କୁ ମାଗଣାରେ ପ୍ରଦୂଷଣ ଉପହାର ଦେଇଚାଲିଛି । ପ୍ରଦୂଷଣ ଯୋଗୁ ଗୁରୁତର ସ୍ୱାସ୍ଥ୍ୟସଂକଟ ସୃଷ୍ଟି ହେଉଥିବାବେଳେ ତା'ର ମୁକାବିଲା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ ତଥା ଶିଳ୍ପସଂସ୍ଥା ବି ପାର୍ଶ୍ୱାଞ୍ଚଳ ଉନ୍ନୟନ ପାଣ୍ଠିରୁ ଖର୍ଚ୍ଚ କରୁନାହାନ୍ତି । ଫଳରେ ସମସ୍ୟା ବିବି ଚାଲିଛି । ୨୦୨୫ ସରିବା ପାଇଁ ଆଉ ଗୋଟିଏଦିନ ବାକି ଥିବାବେଳେ ୨୦୨୬ ବଣାଇ ପାଇଁ କ'ଣ ଆଣିବ ତାକୁ ଅପେକ୍ଷା ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର–ଚତୁର୍ଦ୍ଦଶୀ |
|---|---|
| ୨.୧.୨୦୨୫ | ନକ୍ଷତ୍ର– ମୃଗଶିରା, ବୃଷଚନ୍ଦ୍ର |



| | | |
|---|---|---|
| ମେଷ | : | କର୍ମକ୍ଷେତ୍ରରେ ବିଧାବିଘ୍ନ ଦେଖାଦେବ । |
| ବୃଷ | : | ଯାତ୍ରାରେ ଖୁସି ହେବେ । |
| ମିଥୁନ | : | ଅନିଦ୍ରା ଅସୁଖ ହେବ । |
| କର୍କଟ | : | ଯାତ୍ରା ଶୁଭପ୍ରଦ ହେବ । |
| ସିଂହ | : | ବନ୍ଧୁ ମିଳନ ହେବ । |
| କନ୍ୟା | : | ଈଶ୍ୱର ପୂଜାରେ ଶାନ୍ତି ପାଇବେ । |
| ତୁଳା | : | ଆଘାତ ପାଇବେ । |
| ବିଛା | : | ପ୍ରୀତିବୃଦ୍ଧି ପାଇବ । |
| ଧନୁ | : | ଅମୋଦ ପ୍ରମୋଦର ଦିନ କଟିବ । |
| ମକର | : | ଚକ୍ଷୁପୀଡ଼ା କଷ୍ଟ ଦେବ । |
| କୁମ୍ଭ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମୀନ | : | ଦ୍ରବ୍ୟଲାଭ ଯୋଗ ରହିଛି । |

## ମଝି ଚିଲିକାରେ ଫସିଲା ଭସାପୋଲ




**ପୁରୀ, ୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷରେ ଚିଲିକାରେ ଅଘଟଣ । ଚିଲିକାରେ ଫସିଛି ଯାତ୍ରୀବାହୀ ଭସାପୋଲ । ଫଳରେ ମଝି ଚିଲିକାରେ ୫୦ ଯାତ୍ରୀ, ଗୋଟିଏ ବସ୍ ଓ ୨ଟି କାର ଫସି ରହିଛି । ପ୍ରବଳ କୁହୁଡି ଯୋଗୁଁ ମହିଁସା କୁଦରେ ଅଟକିଛି ଭସାପୋଲ । ପ୍ରାୟ ୩୦ମିନିଟ୍ ଧରି ଫସି ରହିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ସାତପଡାରୁ ଜହ୍ନିକୁଦା ଅଭିମୁଖେ ଆସୁଥିଲା ଭସାପୋଲ । ଭସାପୋଲରେ ଆସୁଥିବା ବେଳେ ନିଖୋଜ ହୋଇଥିବା ବ୍ୟକ୍ତିଙ୍କୁ ଖୋଜାଖୋଜି ଜାରି ରହିଛି । ନିଖୋଜଙ୍କ ଘର ଗଞ୍ଜାମ ଜିଲ୍ଲାରେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, କିଛିଦିନ ଧରି ଅସହ୍ୟ ଥଣ୍ଡା ସାଙ୍ଗକୁ ଘନ କୁହୁଡି ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଘନ କୁହୁଡିରେ ଭସାପୋଲ ଯାତ୍ରୀ ନେଇ ସାତପଡାରୁ ଜହ୍ନିକୁଦା ଆସୁଥିବା ବେଳେ ଚିଲିକା ମଧ୍ୟକୁ ଜଣେ ଯୁବକ ଖସି ପଡ଼ିଥିଲେ । ଅଧଘଣ୍ଟା ପରେ ଭସାପୋଲକୁ ଅନ୍ୟ ଏକ ଭସାପୋଲ ଟାଣି ଆଣିଥିଲା । ଚିଲିକା ପୋତିହେବା ପରେ ଏହିଭଳି ବହୁଥର ଅଟକୁ ଥିବା ନଜିର ରହିଛି ।

## ଶିଶୁ ଜନ୍ମ ହେବା ଦିନ ମିଳିବ ଜନ୍ମ ପ୍ରମାଣପତ୍ର

**ଶେରଗଡ଼, ୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଗରୁ ଜନ୍ମ ପ୍ରମାଣ ପତ୍ର ପାଇବା ଲାଗି ପରିବାର ଲୋକ ବହୁତ କଷ୍ଟ କରୁଥିଲେ । ଏହି ଜନ୍ମ ପ୍ରମାଣପତ୍ର ପାଇବା ଲାଗି ବହୁ ଖର୍ଚ୍ଚାନ୍ତ ହେବା ସହ ବିଭିନ୍ନ ଅଫିସକୁ ଦୌଡି ନୟାନ୍ତ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ନବବର୍ଷରେ ଆରମ୍ଭ କରିଛନ୍ତି ଜନ୍ମିତ ଶିଶୁ ଜନ୍ମ ହେବା ଦିନ ହିଁ ପାଇବେ ଜନ୍ମ ପ୍ରମାଣ ପତ୍ର । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଜି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଆଜି ବରମୁଣ୍ଡୁଳି ପଞ୍ଚାୟତ ବରିକୋଟ ଗ୍ରାମର ସୁଶାନ୍ତ କୁମାର ନାୟକଙ୍କ ସ୍ତ୍ରୀ ଗାୟତ୍ରୀ ନାୟକ ପ୍ରସବ ବେଦନା ହେବାରୁ ପ୍ରସବ କରିବା ଲାଗି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ଆଜି ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁଶାନ୍ତଙ୍କ ଜନ୍ମିତ ପୁତ୍ରକୁ ଆଜି ହିଁ ଜନ୍ମ ପ୍ରମାଣପତ୍ର ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଛି । ଏହି ପ୍ରମାଣପତ୍ର ପ୍ରଦାନ ସମୟରେ ଡଃ ଦେବାଶିଷ ପଣ୍ଡା, ଡଃ ସତ୍ୟ ନାରାୟଣ ସାହୁ, ଜନ୍ମ ଓ ମୃତ୍ୟୁ ବିଭାଗର କିରାଣି ଲକ୍ଷ୍ମୀପ୍ରିୟା ଜଗଦ୍ଦେବଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଶିକ୍ଷକ ଭବନ କୋଠା ପାଲଟିଛି ଭୂତକୋଠି

**ମୋହନା, ୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲ୍ଲା ମୋହନା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏହା ୩୯ଟି ପଞ୍ଚାୟତକୁ ନେଇ ଗଠିତ । ଏହି ବ୍ଲକର ଅନେକ ପଞ୍ଚାୟତ ଦୁର୍ଗମ ଅଞ୍ଚଳରେ ରହିଥିବା ବେଳେ କିଛି ଗ୍ରାମ ଗୁଡିକ ଜଙ୍ଗଲ ପାହାଡ଼ ଘେରା ମଧ୍ୟରେ ରହିଛି । ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମ ଗୁଡିକ ରାସ୍ତା, ପାନୀୟ ଜଳ, ମୋବାଇଲ ସେବାରୁ ବଞ୍ଚିତ ଥିବା ବେଳେ ଗ୍ରାମ ଗୁଡିକରେ ରହିଛି ପ୍ରାଥମିକ ବିଦ୍ୟାଳୟ । ଦୁର୍ଗମ ଅଞ୍ଚଳର ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଖୋଲିଥିଲା ବିଦ୍ୟାଳୟ ଛ ହେଲେ କିଛି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବା ପରେ ଉକ୍ତ ବିଦ୍ୟାଳୟଗୁଡିକୁ ବନ୍ଦ କରି ନିକଟରେ ଥିବା ବିଦ୍ୟାଳୟରେ ସାମିଲ କରାଯାଇଛି ।

ହେଲେ ଉକ୍ତ ବିଦ୍ୟାଳୟଗୁଡିକରେ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକମାନେ ବିଦ୍ୟାଳୟ ଠାରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିବାକୁ ହେଲେ ଗୋଟିଏ ଦିନ ବିତିଯାଏ । କାମ ସାରି ବିଦ୍ୟାଳୟକୁ ଫେରିବା ବେଳେ ଯାନବାହାନ ସୁବିଧା ନଥିବାରୁ ଶିକ୍ଷକମାନେ ମୋହନାରେ ରାତ୍ରୀଯାପନ କରିବାକୁ ବାଧ ହେଉଥିଲେ । ଏଥିସହ ପ୍ରାଥମିକ ଶିକ୍ଷକ ସଂଘର ବୈଠକ କରିବା ପାଇଁ ଜାଗା ଅଭାବରୁ ବୈଠକ କରିବା ପାଇଁ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷକ ଭବନ ନିର୍ମାଣ ପାଇଁ ଶିକ୍ଷକ ସଂଘ ପକ୍ଷରୁ ବହୁବାର ଦାବି କରିଥିଲେ ।




ଏହାପରେ ପ୍ରଶାସନ ପକ୍ଷରୁ ମୋହନା ବ୍ଲକ ସମ୍ମୁଖରେ ଶିକ୍ଷକ ସଂଘକୁ ଏକ ଜମି ସରକାର ଯୋଗାଇଥିଲେ । ଉକ୍ତ ଜମିରେ ୨୦୦୧ ମସିହା ଫେବୃଆରୀ ୭ରେ ଶିକ୍ଷକ ଭବନ ନିର୍ମାଣ ହୋଇଥିଲା । ଏହି ଶିକ୍ଷକ ଭବନ କୋଠା ନିର୍ମାଣ ପାଇଁ ତତ୍କାଳୀନ ମୋହନା ବିଧାୟକ ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ର, ବିଡ଼ିଓ କୈଳାସ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ରାମ ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ଶିବ ଶଙ୍କର ସାହୁ, ନର୍ମଦା ଦଳେଇ ଓ ଶିକ୍ଷକ ନେତା ମନୋଜ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ପରେ ଶିକ୍ଷକ ଭବନ କୋଠା ନିର୍ମାଣ ହେଲା ଆଉ ପ୍ରାଥମିକ ଶିକ୍ଷକ ସଂଘର ସ୍ୱପ୍ନ ପୂରଣ ହେଇଥିଲା । ହେଲେ ଏହି କୋଠା ନିର୍ମାଣ ହୋଇ ଦୀର୍ଘ ୨୫ ବର୍ଷ ବିତିଲାଣି କିନ୍ତୁ ଆଜିକୁ ପ୍ରାୟ ୧୦ବର୍ଷ ହେଲା ସେହି କୋଠା ଶିକ୍ଷକ ସଂଘର କାର୍ଯ୍ୟରେ ଲାଗୁନି । ଯାହା ଦ୍ୱାରା ଏହି କୋଠା ଏବେ ଭୂତକୋଠି ପାଲଟିଛି ।

କୋଠାଟି ସମ୍ପୂର୍ଣ୍ଣ ବିପଦ ସଂକୁଳ ଅବସ୍ଥାରେ ରହିଥିବା ବେଳେ ଛାତରୁ ସିମେଣ୍ଟ ପଲସ୍ତରା ଖସୁଥିବା ଦେଖିବାକୁ ମିଳିଛି । କୋଠାରେ ବିଦ୍ୟୁତ ସଂଯୋଗ ରହିଛି । ତାହାର ମାସିକ ବିଲ କିଏ ପୈଠ କରୁଛି ତାହାର ତଥ୍ୟ ମଧ୍ୟ ମିଳୁନି । କିନ୍ତୁ ଏବେ ଏହି କୋଠା କିଛି ଅସାଧୁ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କିଛି ବରିଷ୍ଠ ଶିକ୍ଷକ । ଏଠାରେ ରହୁଥିବା ଜନୈକ ଶିକ୍ଷକ ଏହି କୋଠାକୁ କବଜାରେ ରଖିଥିବା ବେଳେ ବହୁ ଅଭିଯୋଗ ସତ୍ତ୍ୱେ ଉକ୍ତ କୋଠାକୁ ଶିକ୍ଷକ ସଂଘକୁ ହସ୍ତାନ୍ତର କରୁନାହାଁନ୍ତି । ଯାହାକୁ ନେଇ ଶିକ୍ଷକ ସଂଘ ବହୁବାର ଲିଖିତ ଅଭିଯୋଗ କରିଛନ୍ତି କିନ୍ତୁ ସୁଫଳ ମିଳୁନି । ଅପରପକ୍ଷେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରା ଏଯାବତ କୌଣସି ଲିଖିତ ଅଭିଯୋଗ ଆସିନଥିବା କହିଛନ୍ତି । ଯଦି ତୁରନ୍ତ ଉକ୍ତ କୋଠାକୁ ହସ୍ତାନ୍ତର କରାନଯାଏ ତେବେ ଆଇନର ଆଶ୍ରୟ ନିଆଯିବ ବୋଲି ଶିକ୍ଷକ ସଂଘର ସଭାପତି କବିରାଜ ମଲ୍ଲିକ କହିଛନ୍ତି ।

## ହାତୀ ଆକ୍ରମଣରେ ଜଣେ ମୃତ

**ଅନୁଗୋଳ, ୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ତଲା ଥାନା ଅନ୍ତର୍ଗତ ଗୁରଙ୍ଗ ଓଭର ବ୍ରିଜ୍ ଉପରେ ସକାଳ ୬ଟା ସମୟରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନାହିଁ । ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତକ ମାନସିକ ବିକାରଗସ୍ତ ବ୍ୟକ୍ତି ଜଣକ ବିଗତ ୪/୫ ବର୍ଷ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ । ଯିଏ ଯାହା ଦେଲା ଖାଉଥିଲା ବେଳେ, ତାଙ୍କର ପ୍ରକୃତ ପରିଚୟ ମିଳିପାରି ନାହିଁ । ତେବେ ଆଜି ଭୋର୍ ସମୟରେ ବ୍ୟକ୍ତି ଜଣକ ଖଇରାସାହିଠାରୁ ନାଳ ଆଡ଼କୁ ଯାଉଥିଲା । ଘନ କୁହୁଡି ପାଇଁ କିଛି ଦେଖାଯାଉ ନ ଥିବା ବେଳେ, ଦନ୍ତା ହାତୀ ସହ ମୁହାଁମୁହିଁ ହୋଇ ଆକ୍ରମଣର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲା । ଖବର ପାଇ ଅନୁଗୋଳ ବନ କର୍ମଚାରୀଙ୍କ ସହ ରେଞ୍ଜର ଉଦ୍ଧବ ବେହେରା ଓ ବନ୍ତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୦ ବର୍ଷ ଓ ତାଙ୍କ ପରିଚୟ ମିଳିନାହିଁ ବୋଲି ରେଞ୍ଜର ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

## ଚୋରି ରୋକିବାକୁ ପୋଲିସର ପହରା

**ଅସ୍ତରଙ୍ଗ, ୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ମନ୍ଦିରରୁ ଗତ କିଛିଦିନ ଧରି ଯେଉଁ ଭଳି ଲୁଟ ହେଉଛି ତାକୁ ଗମ୍ଭୀରତାର ସହିତ ନେଇଛନ୍ତି ଅସ୍ତରଙ୍ଗ ପୋଲିସ । ସେହି ଘଟଣାକୁ ଦୃଷ୍ଟିରେ ରଖି ତତ୍ପର ପ୍ରକାଶ କରି ଅସ୍ତରଙ୍ଗ ଥାନା ଅଧୀନରେ ଥିବା ବିଭିନ୍ନ ମନ୍ଦିର ସହିତ ମୁଦୁଗଲର ବହୁପୁରାତନ ଶିବ ମନ୍ଦିର ବାବା ସିଦ୍ଧେଶ୍ୱର ମନ୍ଦିରରେ ମାସ ମାସ ଧରି ରାତିରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇ ପୋଲିସ ମୁତୟନ କରାଯାଇଛି । ପ୍ରତିଦିନ ରାତି ୧୧ରୁ ରାତି୩ଟା ପର୍ଯ୍ୟନ୍ତ ପୋଲିସ ପହରା ଦେଖିବାକୁ ମିଳୁଛ । ଏଠାରେ ଗୋଟେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା କି ଲୁଟେରାମାନେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ବେଳେ ଏଠି ଡିଉଟି କରୁଥିବା ଦୁଇ ପୋଲିସ ଷ୍ଟାଫ ପବିତ୍ର ମଲ୍ଲିକ ଏବଂ ଚିତ୍ରସେନ ପରିଡା ଖାଲି ହାତରେ ଡିଉଟି କରୁଛନ୍ତି ଯଦି ରାତି ଅଧରେ ଲୁଟେରା ଅତ୍ୟାଧୁନିକ ଅସ୍ତ୍ରରେ ଆକ୍ରମଣ କରି କିଛି ଅଘଟଣ ଘଟାନ୍ତି ତାହାଲେ ଖାଲି ହାତରେ ଜଗୁଥିବା ପୋଲିସ କେମିତି ତାହାର ମୁକାବିଲା କରିବେ ଏଥି ପ୍ରତି ଉପରିସ୍ଥ ଅଫିସରମାନେ ଧ୍ୟାନ ଦେବାକୁ ଅଞ୍ଚଳର କେତେକ ବୁଦ୍ଧିଜୀବୀ ନିବେଦନ କରିଛନ୍ତି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କାଳିଆପାଣି : ଏକ୍ସପ୍ରେସ୍ ନ୍ୟୁଜ୍**

ଆଗାମୀ ଜାନୁଆରୀ ୧୬ ତାରିଖରେ ହରିପୁର ଗାଁର ପଠାଣିଆ ପୀଠରେ ନିର୍ବନ୍ଧ ଓ ଫେବ୍ରୁଆରି ୨୨ ତାରିଖରେ ବାହାଘର ହୋଇଥାନ୍ତା । ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଓ ମଣ୍ଡପ ବରାଦ ସରିଥିଲା । ଆଜି ସେ ପୁରୀ ଯାଇ ଜଗା ଦର୍ଶନ କରିଥାନ୍ତେ ବୋଲି ପରିବାର ଲୋକେ କହିଛନ୍ତି । କିନ୍ତୁ ବିଧିର ବିଧାନ ବିଚିତ୍ର । ବୁଧବାର ସଂଧ୍ୟା ୫ଟାରେ ଘରୁ ନିଜ ସ୍କୁଟିରେ ଦୋକାନ ଖୋଲିବାକୁ ଯାଉଥିଲେ । ଅଜଣା ଗାଡ଼ି ଧକ୍କାରେ ଘଟଣାସ୍ଥଳରେ ଚାଲିଗଲା ଜୀବନ ।

## ୨୭ ବର୍ଷ ପରେ ଜନ୍ମମାଟିକୁ ଫେରିଲେ ଜିତେନ୍ଦ୍ର

**ଧରାକୋଟ, ୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୨୭ ବର୍ଷ ପରେ ଜନ୍ମମାଟିକୁ ଫେରିଲେ ଜିତେନ୍ଦ୍ର । ଏକ ଦୁର୍ଘଟଣାରେ ଗୁରୁତର ଆହତ ହେବାପରେ ସ୍ମରଣଶକ୍ତି ହରାଇଥିବା ବେଳେ ହଠାତ୍ ସୋସିଆଲ ମିଡ଼ିଆରେ ନିଜ ଗାଁର କିଛି କାହାଣୀକୁ ଦେଖି ଭିଟାମାଟିର ପୁରୁଣା ସ୍ମୃତି ଆଖି ଆଗରେ ନାଚି ଉଠିଲା । ଆଉ କାଳବିଳମ୍ବ ନକରି ନିଜ ପରିବାର ପାଖକୁ ଫେରି ଆସିଛନ୍ତି ଜିତେନ୍ଦ୍ର । କିନ୍ତୁ ଏହା ମଧ୍ୟରେ ବାପାମାଆ ଆରପାରିକୁ ଚାଲିଯାଇଥିବା ବେଳେ ପରିବାରବର୍ଗ ଜିତେନ୍ଦ୍ରଙ୍କୁ ଦେଖି ଖୁସିରେ ଆତ୍ମହରା ହୋଇ ଉଠିଛନ୍ତି । ଆଉ ଜିତେନ୍ଦ୍ର ବଖାଣିଛନ୍ତି ୨୭ ବର୍ଷର ଅନୁଭୂତି ଓ ସଂଘର୍ଷର କାହାଣୀ ।

ସ୍ୱର୍ଗତ ପାର୍ବତୀ ଜେନା ଓ ସ୍ୱର୍ଗତ ପୀତାମ୍ବର ଜେନାଙ୍କ ପାଞ୍ଚ ସନ୍ତାନଙ୍କ ମଧ୍ୟରେ ଜିତେନ୍ଦ୍ର ହେଉଛନ୍ତି ତୃତୀୟ ସନ୍ତାନ । ୧୯୯୮ ମସିହାରେ ୨୨ ବର୍ଷ ବୟସରେ ଜିତେନ୍ଦ୍ର ରୋଜଗାର ପାଇଁ ଗୁଜରାଟର ସୁରତ ସହରକୁ ଯାଇ ସେଠାରେ ଏକ ସୂତାକଳରେ କାମ କରୁଥିଲେ । କିନ୍ତୁ ୨୦୦୨ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ରାଜସ୍ଥାନ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଦୁଇବର୍ଷ ଧରି ଚିକିତ୍ସା ପରେ ସୁସ୍ଥ ହୋଇଥିଲେ ହେଁ, ସେ ନିଜ ସ୍ମରଣଶକ୍ତି ହରାଇ ବସିଥିଲେ । ସୁରତରେ ଭୀମ ସିଂ ଓ ପ୍ରମିଳା ବେନ୍ ତାଙ୍କର ଦେଖାଶୁଣା କରୁଥିଲେ । ୨୦୨୨ ମସିହାରେ ସ୍ମରଣଶକ୍ତି ଫେରି ଆସିବା ପରେ ସୁରତରୁ ରାଜସ୍ଥାନ ଯାଇ ସେଠାରେ ମେକାନିକାଲ୍ କାମ ଶିଖିବା ସହ ଏକ ବୋଲେରୋ ଚଳାଉଥିଲେ ।



ଦିନେ ଫେସ୍‌ବୁକ୍ ଦେଖୁଥିବା ବେଳେ ଧରାକୋଟ ଅଞ୍ଚଳରୁ ପୋଷ୍ଟିଂ ହୋଇଥିବା କିଛି ଫଟୋ ଓ କାହାଣୀ ଦେଖି ପରିବାର କଥା ମନେପଡ଼ିଥିଲା । ସେଥିରୁ ସେ ମୋବାଇଲ୍ ନମ୍ବର ସଂଗ୍ରହ କରି ଧରାକୋଟ ଆର୍ଏସ୍ ହୋଟେଲ ମାଲିକ ପ୍ରଦୀପ ପାଣିଗ୍ରାହୀ ଓ ଶାନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀଙ୍କ ସହ କଥା ହୋଇଥିଲେ । ଏହାପରେ ତୁରନ୍ତ ଟ୍ରେନ୍ ଯୋଗେ ଆସି କିଛିଦିନ ତଳେ ଗାଁରେ ପହଞ୍ଚିଛନ୍ତି । ପରିବାରବର୍ଗ ଜିତେନ୍ଦ୍ରଙ୍କୁ ଦେଖି ଖୁସିବ୍ୟକ୍ତ କରିବା ସହ ବିଶ୍ୱାସ ବି କରିପାରି ନଥିଲେ ।

## ସ୍କୁଟିକୁ ପିଟିଲା ପଲସର, ୨ ମୃତ

**କବିସୂର୍ଯ୍ୟନଗର, ୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଲସର ଓ ସ୍କୁଟି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଗୁରୁତର ହୋଇଛନ୍ତି । ମୃତକ ଦୁଇ ଜଣ କୋଦଳା କୁମୁଟି ସାହିର ରୁଦ୍ର ନାରାୟଣ ଦାଶ ଓ ରଶ୍ମି ରଞ୍ଜନ ପାଢ଼ୀ ବୋଲି ଜଣାପଡିଛି । ସମସ୍ତ ଆହତଙ୍କୁ କବିସୂର୍ଯ୍ୟନଗର ମେଡିକାଲ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିବା ସୂଚନା ମିଳିଛି । ଅନ୍ୟପଟେ ଧକ୍କା ଦେଇଥିବା ସ୍କୁଟିର ୩ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ପଠାଯାଇଛି ।

ସୂଚନା ଅନୁଯାୟୀ କବିସୂର୍ଯ୍ୟନଗର ଥାନା ବୁଢ଼ାମ୍ବ ନିକଟରେ ଘଟିଛି ଦୁର୍ଘଟଣା । କୋଦଳା କୁମୁଟି ସାହିର ଦୁଇ ସାଙ୍ଗ ପଲସର ବାଇକରେ କବିସୂର୍ଯ୍ୟନଗର ଆସି କୋଦଳା ଫେରୁଥିବା ବେଳେ ଦ୍ରୁତ ଗତିରେ ଥିବା ଗାଡିକୁ ନିୟନ୍ତ୍ରଣ କରିନପାରି ସାମନା ପଟୁ ଆସୁଥିବା ସ୍କୁଟିକୁ ପିଟିହୋଇ ନିକଟରେ ଏକ ଅଟୋରେ ପିଟି ହୋଇଥିଲେ । ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ କବିସୂର୍ଯ୍ୟନଗର ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ଗୁରୁତର ୩ଜଣ ବାଣପୁର ଅଞ୍ଚଳର ବୋଲି ଜଣାପଡିଛ । ଘଟଣାସ୍ଥଳରେ କବିସୂର୍ଯ୍ୟନଗର ପୋଲିସ ପହଁଚି ଶବ ଜବତ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

## ରାଜରାସ୍ତାରେ ମାନସିକ ବିକୃତ ଅସହାୟ ବୃଦ୍ଧା

**କନ୍ଧମାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଫେଲ୍ ମାରିଛି କି ସରକାରୀ ଜନକଲ୍ୟାଣୀକାରୀ ଯୋଜନା? ଏହିଭଳି ପ୍ରଶ୍ନ ଉଙ୍କି ମାରିଛି ସ୍ଥାନୀୟ ସହରବାସୀଙ୍କ ମନରେ । ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ସ୍ଥାନୀୟ ସହରରେ ଦେଖିବାକୁ ମିଳିଛି । ଦିନେ କି ଦୁଇ ଦିନ ନୁହଁ ଦୀର୍ଘ ମାସ ହେଲା ଜଣେ ଅସହାୟ ମାନସିକ ବିକୃତ ବୃଦ୍ଧା ମୁଣ୍ଡରେ ଏକ ବୁଜୁଳା ମୁଣ୍ଡେଇ ରାସ୍ତାରେ ଘୋଷାଡ଼ି ହୋଇ ଯାଉଥିବା ଦୃଶ୍ୟ ଦେଖିବା ପରେ ଏହିଭଳି ପ୍ରଶ୍ନ ଯାହା ମନରେ ଆସିବା ସ୍ୱାଭାବିକ ।

ମାନସିକ ବିକୃତ ମହିଳାଙ୍କ ନାମ ଅଳକା । ସେ ପ୍ରତ୍ୟେକ ଦିନ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ବଜାର ଅଞ୍ଚଳରେ ଗୁରୁଣ୍ଡି ଗୁରୁଣ୍ଡି ବୁଲୁ ଥିବାର ଦେଖା ଦେଉଛି । ଏହି ମାନସିକ ବିକୃତ ମହିଳାଙ୍କୁ ଥଇଥାନ ପାଇଁ ଦାବୀ ଉଠି ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଞ୍ଚଳରେ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ



ପ୍ରଶ୍ନବାଚି ସୃଷ୍ଟି ହୋଇଛି । ମହିଳାଙ୍କୁ ଥଇଥାନ ସହ ହୁଇଲ ଚେୟାର ପାଇଁ ଅଂଚଳବାସୀ ଦାବି କରିଛନ୍ତି । ତାଙ୍କର କୌଣସି ଆଧାର କାର୍ଡ କିମ୍ବା କୌଣସି ପରିଚୟ ପତ୍ର ନାହିଁ । ଏଣୁ ତାଙ୍କର ଯତ୍ନ ନେବା ସହିତ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଅଞ୍ଚଳବାସୀ ଚଳିତ ମାସ ୮ତାରିଖ ଦିନ ଟିକାବାଲି ଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଲିଖିତ ଅନୁରୋଧ କରିଥିଲେ ।

ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ୟାର ସମାଧାନ ନିମନ୍ତେ ହେଲେ ଆଜି ପର୍ଯ୍ୟନ୍ତ ଅଳକାଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିବା ବେଳେ ସେ ସେମିତି ରାଜରାସ୍ତାରେ ମୁଣ୍ଡରେ ବୋଝ ମୁଣ୍ଡେଇ ଘୋସୁରି ଘୋସୁରି ରାସ୍ତାରେ ବୁଲୁଛନ୍ତି । ପ୍ରବଳ ଥଣ୍ଡା କାକର ଘରେ ରହିବ କଷ୍ଟ କର ହେଉଥିବା ବେଳେ ଏହି ଅସହାୟ ବୃଦ୍ଧା ରାଜରାସ୍ତାରେ ବୁଲୁଥିବା ବେଳେ କୌଣସି ସରକାରୀ ଅଧିକାରୀଙ୍କ ଦୃଷ୍ଟିକୁ ନଆସିବା ପରିତାପର ବିଷୟ । ତୁରନ୍ତ ଅଳକାଙ୍କୁ ଥଇଥାନ କରିବାକୁ ଦାବି ହୋଇଛି ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ସଡ଼କ ମରଣଯନ୍ତା

**ବୈଶିଙ୍ଗା, ୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ । ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି । ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂ ଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନବାହାନ ଚଳାଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦କିମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ








କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଂ ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି । ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣାବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରିନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖିନାହାନ୍ତି ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରିକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି । ବିଭାଗୀୟ ଅଧିକାରୀ ଙ୍କ ନଜର ପଡୁ ନାହିଁ କି ରାଜନେତାଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ଟି ପଞ୍ଚାୟତର ୫୦୦୦ ହଜାରରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।

ବିଭିନ୍ନ ନିଯୁକ୍ତିମେଳାରେ ମୁଖ୍ୟମନ୍ତ୍ରୀ ନୂଆ ନିଯୁକ୍ତି ପାଇଥିବା ଯୁବକ ଯୁବତୀମାନଙ୍କୁ ଦୁର୍ନୀତିମୁକ୍ତ ହେବାର ଉପଦେଶ ଦେଉଛନ୍ତି । ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି ବୋଲି କହୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ପ୍ରତିଦିନ ଦୁର୍ନୀତିଖୋର ବାବୁମାନେ ଧରାପଡୁଥିବାର ଖବର ପ୍ରକାଶ ପାଉଛି । ଏମାନଙ୍କ ଭିତରେ ଯେ ଯୁବ ଅଧିକାରୀ ନାହାନ୍ତି ଏକଥା କହିବା ବୋଧେ ଭୁଲ୍ ହେବ । ତେଣୁ ଆଗାମୀ ଦିନରେ ଏକ ଦୁର୍ନୀତିମୁକ୍ତ ରାଜ୍ୟ ବା ଦେଶ ଗଠନ ହୋଇପାରିବ ଏକଥା ଆମେ କେମିତି ଆଶା କରିବା ? ?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨ ଜାନୁଆରୀ, ୨୦୨୬ | ଶୁକ୍ରବାର


# ଓଡ଼ିଶା ଏକ୍ସପ୍ରେସ୍

## ବିନା ପୁଞ୍ଜିରେ ବିନିଯୋଗ!

ସଞ୍ଚୟ ବା ବିନିଯୋଗ ପାଇଁ ଅର୍ଥ ବା ପୁଞ୍ଜିର ଆବଶ୍ୟକତା ଥାଏ । ଆପଣ ଜାଗାଟିଏ କିଣି ପକେଇ ରଖନ୍ତୁ କିଛିଦିନ ପରେ ତା'ର ମୂଲ୍ୟ ନିଶ୍ଚିତ ଭାବରେ ବଢ଼ିଯିବ । କିନ୍ତୁ ସେ ଜମି ଖଣ୍ଡିକ କିଣିବା ପାଇଁ ଆପଣଙ୍କ ହାତରେ ପୁଞ୍ଜିଥିବା ଦରକାର । ତେଣୁ ବିନା ପୁଞ୍ଜିରେ ବିନିଯୋଗ ଅସମ୍ଭବ । କିନ୍ତୁ ଏ ଅସମ୍ଭବକୁ ଆମ ଦେଶର ସରକାର ସମ୍ଭବ କରିପାରିଛନ୍ତି ବୋଲି କହିହେବ । ବିନା ପୁଞ୍ଜିରେ ମଧ୍ୟ ସରକାର ବିନିଯୋଗ କରି ଲାଭ ପାଇଥାନ୍ତି ।

ଅବଶ୍ୟ ଏକଥା କହିବା ଭୁଲ୍ ହେବ ଯେ ସରକାର ବିନା ପୁଞ୍ଜିରେ ବିନିଯୋଗ କରି କୋଟି କୋଟି ଟଙ୍କା ପାଉଛନ୍ତି, ଏ ପୁଞ୍ଜି ବା ଅର୍ଥ ଲୋକମାନଙ୍କର । ଲୋକମାନଙ୍କଠାରୁ ଲାଞ୍ଚୁଆ ବାବୁମାନେ ଯେଉଁ ଅର୍ଥ ବର୍ଷ ବର୍ଷ ଧରି ଲୁଟ୍ କରିଥାନ୍ତି ଭିଜିଲାନ୍ସ ହାତରେ ଧରାପଡ଼ିଲେ ସେ ଟଙ୍କା ସରକାରଙ୍କ ତହବିଲ୍‌କୁ ଯାଇଥାଏ । ତେଣୁ ବିନା କୌଣସି ପୁଞ୍ଜିରେ ସରକାର ଲାଭବାନ ହୋଇଥାନ୍ତି । କିନ୍ତୁ ଯେଉଁ ଲୋକଙ୍କଠାରୁ ଲାଞ୍ଚୁଆ ବାବୁମାନେ ଟଙ୍କା ଲୁଟି ଥାଆନ୍ତି ଅନ୍ୟାୟ ଏବଂ ଅବୈଧ ଉପାୟରେ ସେ ଟଙ୍କା ଲୋକେ ଫେରିପାଆନ୍ତି କି? ତେଣୁ ଏହାକୁ ସରକାରଙ୍କ ବିନା ପୁଞ୍ଜିର ବିନିଯୋଗ କହିବା ବୋଧ ଭୁଲ୍ ହେବନି !

ସରକାରୀ ବାବୁମାନେ ଲୋକଙ୍କୁ ଯେତେ ଲୁଟୁଛନ୍ତି ଲୁଟନ୍ତୁ, ଦିନେ ତ ଧରାପଡ଼ିବେ ନା ! ଟଙ୍କା ତ ସରକାରଙ୍କ ପାଖକୁ ଆସିବ, କ୍ଷତି କ'ଣ? ଦେଶ ଏବଂ ରାଜ୍ୟର ଆୟ ତ ବଢ଼ିବ?

ମଦ୍ୟପାନ ସ୍ୱାସ୍ଥ୍ୟ ପାଇଁ ଏବଂ ସମାଜ ପାଇଁ କ୍ଷତିକାରକ । ଏକଥା ସମସ୍ତେ ଜାଣନ୍ତି । ବିଭିନ୍ନ ଅପରାଧିକ ଘଟଣା ମଦ୍ୟପାନ ପାଇଁ ଘଟିଥାଏ । ରାସ୍ତା ଦୁର୍ଘଟଣା ବଢ଼ୁଛି ମଦ୍ୟପାନ ଜନିତ ଗାଡ଼ିଚାଳନା ପାଇଁ । କିନ୍ତୁ ମଦ ଦୋକାନ ଖୋଲି ଚାଲିଛି ଗୋଟାକ ପରେ ଗୋଟେ । ଲୋକଙ୍କ ହାତ ପାଆନ୍ତାରେ କିଭଳି ମଦ ଉପଲବ୍ଧ ହେବ ସେ ଦିଗରେ ସରକାର ଖୁବ୍ ସଜାଗ । ଯୁକ୍ତ ହେଲା ମଦ ରାଜସ୍ୱ ଦେଉଛି । ଠିକ୍ ସେମିତି ଲାଞ୍ଚ କ'ଣ ରାଜସ୍ୱ ବଢ଼ାଉନି? କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହେଉଛି, ପୁଳାପୁଳା ଟଙ୍କା ଜବତ ହେଉଛି । ଟଙ୍କା ଗଣି ଗଣି ଭିଜିଲାନ୍ସ କର୍ମଚାରୀମାନେ ନୟାନ୍ତ ହେଉଛନ୍ତି । କେଜି କେଜି ସୁନା ମିଳୁଛି । ଏସବୁ ପୁଣି ସେଇ ସରକାରଙ୍କ ପାଖକୁ ହିଁ ଯାଉଛି । ପରିଶ୍ରମ କରି ଏବଂ ବୁଦ୍ଧି ଖଟେଇ ବିଚରା ବାବୁଜଣକ ପାଉଛନ୍ତି କ'ଣ? ନପାଆନ୍ତୁ, ଧରା ନପଡ଼ିବା ଯାଏଁ ତ ଅୟସ କରୁଛନ୍ତି । ଧରାପଡ଼ିବା ପରେ କ'ଣ ଦାଣ୍ଡର ଭିକାରି ହୋଇଯାଉଛନ୍ତି ବାବୁଜଣକ? ଯେତିକି ଧରାପଡୁଛି ସେତିକି କ'ଣ ତାଙ୍କ ଲୁଟ୍ ସମ୍ପତ୍ତି? ଆଉ କ'ଣ ସେମାନେ ବିଭିନ୍ନ ବାଗରେ– ବିଭିନ୍ନ ଟେକ୍ନିକ୍‌ରେ ରଖିନଥିବେ? ଯାହାର ଟେର୍ କେହିପାଇବେନି । ସୁଇସ୍ ବ୍ୟାଙ୍କ ଟଙ୍କା ସରକାର ଆଣିପାରୁଛନ୍ତି? ସୁଇସ୍ ବ୍ୟାଙ୍କରେ କାହାର କେତେ ଟଙ୍କା ଅଛି ଏ ତଥ୍ୟ ମିଳିବା ପରେ କ'ଣ ଟଙ୍କା ସରକାରଙ୍କ ଖାତାକୁ ଆସିଯାଉଛି?

ଏତେ କଥା କହିବାର ଉଦ୍ଦେଶ୍ୟ ହେଉଛି ବର୍ଷ ଆରମ୍ଭରେ ଭିଜିଲାନ୍ସ ବିଭାଗର ବାର୍ଷିକ ରିପୋର୍ଟରୁ ଯେଉଁ ତଥ୍ୟ ମିଳିଛି ତାହା ବେଶ୍ ଉତ୍ସାହଜନକ ଆମ ରାଜ୍ୟ ପାଇଁ । ଦୁର୍ନୀତି ଯେ କମିବା ବଦଳରେ ବଢ଼ୁଛି ଏକଥା ବେଶ୍ ଅନୁମାନ କରିହେଉଛି ଭିଜିଲାନ୍ସର ଏ ରିପୋର୍ଟରୁ ।

ରିପୋର୍ଟ କ'ଣ କହୁଛି ଆସନ୍ତୁ ଦେଖିବା– ରାଜ୍ୟରେ କୁଆଡ଼େ ଏବର୍ଷ ଦୁର୍ନୀତି ଚରମସୀମାରେ ପହଞ୍ଚିଛି । ସରକାରୀ ବାବୁମାନଙ୍କ ଘରୁ ଭିଜିଲାନ୍ସ ବିଭାଗ ୨୧ କୋଟି ଟଙ୍କାର ସୁନା ଅଳଙ୍କାର ଜବତ କରିଛି । କୁବେର ବାବୁମାନଙ୍କଠାରୁ ୧୮କିଲୋ ୩୦୦ ଗ୍ରାମ୍ ସୁନା ସମେତ ମୋଟ୍ ୧୫୩ଟି କୋଠା, ୭୧୪ଟି ପ୍ଲଟ୍, ୧୨ଟି ଫାର୍ମ ହାଉସ୍, ୩୬ କୋଟି ୬୯ ଲକ୍ଷ ଟଙ୍କାର ଜମା, ନଗଦ ୮ କୋଟି ୮୧ ଲକ୍ଷ ଟଙ୍କା ଜବତ କରାଯାଇଛି । ଏବର୍ଷ ଭିଜିଲାନ୍ସରେ ଦୋଷୀ ସାବ୍ୟସ୍ତ ଦୁର୍ନୀତିଗ୍ରସ୍ତ ବାବୁଙ୍କ ହାର ୫୦ ପ୍ରତିଶତ ଛୁଇଁଛି ।

ବିଭିନ୍ନ ନିଯୁକ୍ତିମେଳାରେ ମୁଖ୍ୟମନ୍ତ୍ରୀ ନୂଆ ନିଯୁକ୍ତି ପାଇଥିବା ଯୁବକ ଯୁବତୀମାନଙ୍କୁ ଦୁର୍ନୀତିମୁକ୍ତ ହେବାର ଉପଦେଶ ଦେଉଛନ୍ତି । ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି ବୋଲି କହୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ପ୍ରତିଦିନ ଦୁର୍ନୀତିଖୋର ବାବୁମାନେ ଧରାପଡୁଥିବାର ଖବର ପ୍ରକାଶ ପାଉଛି । ଏମାନଙ୍କ ଭିତରେ ଯେ ଯୁବ ଅଧିକାରୀ ନାହାନ୍ତି ଏକଥା କହିବା ବୋଧେ ଭୁଲ୍ ହେବ । ତେଣୁ ଆଗାମୀ ଦିନରେ ଏକ ଦୁର୍ନୀତିମୁକ୍ତ ରାଜ୍ୟ ବା ଦେଶ ଗଠନ ହୋଇପାରିବ ଏକଥା ଆମେ କେମିତି ଆଶା କରିବା ? ?

# ନୂଆବର୍ଷର ଅନୁଚିନ୍ତା



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସେ ଅବିରାମ ଗତିରେ ଆଗକୁ ଗଡ଼ିଚାଲେ । ରାତ୍ରିର ଶେଷରେ ପ୍ରଭାତର ଆଗମନ ହୁଏ । ଅରୁଣ କିରଣ ଢାଳି ପୂର୍ବାକାଶରେ ସୂର୍ଯ୍ୟ ଉଦୟ ହୁଅନ୍ତି । ଏ ଧରାପୃଷ୍ଠ କର୍ମଚଞ୍ଚଳ ହୋଇଉଠେ । ସମସ୍ତ ପ୍ରାଣୀ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି । ଧୀରେ ଧୀରେ ସମୟ ଗଡ଼ି ଚାଲେ । ଶେଷରେ ରାତ୍ରିର ଆଗମନ ହୁଏ। ସମସ୍ତ ପ୍ରାଣୀ ଜଗତ ନିଘୋଡ଼ ନିଦ୍ରାରେ ଶୟନ କରନ୍ତି । ଯଥା ସମୟରେ ରାତ୍ରି ବିଦାୟ ନେଇ ସକାଳ ହୁଏ ଓ ସୂର୍ଯ୍ୟ ଉଦୟ ହୁଅନ୍ତି । ଦିନ ପରେ ଦିନ ଓ ମାସ ପରେ ମାସ ଗଡ଼ିଚାଲେ । ଏହିପରି ଭାବେ ତିନି ଶହ ପଞ୍ଚଷଠି ଦିନର ଅନ୍ତ ଘଟେ । ଆରମ୍ଭ ଯେଉଁଠି ଅନ୍ତ ବି ସେଇଠି । ଏହାହିଁ ହେଉଛି ଏ ସୃଷ୍ଟିର ଚିରନ୍ତନ ପ୍ରକ୍ରିୟା । ଏ ସୃଷ୍ଟିର ଆରମ୍ଭରୁ ଏହି ପ୍ରକ୍ରିୟା ଜାରି ରହିଛି । ଏଥିରେ ନୂତନତ୍ୱ କିଛି ନାହିଁ । ଗୋଟିଏ ବର୍ଷକୁ ନୂଆବର୍ଷ ବା ନବବର୍ଷ କୁହାଯାଏ । ସୃଷ୍ଟିକର୍ତ୍ତାଙ୍କ ନିର୍ଦ୍ଦେଶରେ ସବୁ ହୁଏ । ଏହିବର୍ଷକୁ ନୂଆବର୍ଷ ବା ନବବର୍ଷ କୁହାଯାଏ । ସୃଷ୍ଟିକର୍ତ୍ତାଙ୍କ ନିର୍ଦ୍ଦେଶରେ ସବୁ କିଛି ହୋଇଥାଏ । ଏ ସୁସଭ୍ୟ ସମାଜରେ ଏହି ନବବର୍ଷ ପାଳନ ପରମ୍ପରା ବହୁ ଦିନରୁ ପ୍ରଚଳିତ ହୋଇଆସୁଛି । ଏ ବିଶ୍ୱରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସମସ୍ତେ ଏହି ନୂଆବର୍ଷ ପାଳନ କରିନଥାନ୍ତି । ଭିନ୍ନ ଭିନ୍ନ ସଂସ୍କୃତି, ଧର୍ମ ଓ ପରମ୍ପରାର ଲୋକ ବାସ କରୁଛନ୍ତି, ତେଣୁ ଏହି ନୂଆବର୍ଷ ପାଳନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ପ୍ରତିବର୍ଷ ଆମେ ସମସ୍ତେ ଅନେକ ଆଶା, ଆନନ୍ଦ ଓ ଉତ୍ସାହର ସହିତ ଏହି ଇଂରାଜୀ ନବବର୍ଷକୁ ସ୍ୱାଗତ କରିଥାନ୍ତି । ଏହି ନବବର୍ଷ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ପାଇଁ ପ୍ରେରଣା ଦେଇଥାଏ । ଏହି ନବବର୍ଷ ଆମମାନଙ୍କ ପାଇଁ ଏକ ଆଶାର ଆଲୋକ ସୃଷ୍ଟି କରିଥାଏ । ବିଦାୟ ନେଇଥିବା ୨୦୨୫ ମସିହାର ବର୍ଷଟି ଥିଲା ଆମ ଅନୁଭୂତିର ପ୍ରଶ୍ନ । ଏହି ବର୍ଷଟି ଆମକୁ ଅନେକ କିଛି ଶିଖାଇଛି । ଏହି ବର୍ଷଟି ଥିଲା ଆନନ୍ଦ, ବିଷାଦ ଓ ଅନୁତାପର ବର୍ଷ । ଏହି ଅନୁଭୂତିକୁ ନେଇ ଆମେ ଆଗକୁ ବଢ଼ିବା । ଜୀବନରେ ନୂଆ କିଛି ଗ୍ରହଣ କରିବା । ପ୍ରତିବର୍ଷ ଆମେ କିଛି କିଛି ଅନୁଭୂତି ପାଇଥାଉ ।

ଇତିମଧ୍ୟରେ ୨୦୨୫ ପୁରୁଣା ବର୍ଷକୁ ଆମେ ବିଦାୟ ଦେଇସାରିଛୁ ଓ ନୂଆବର୍ଷ ୨୦୨୬କୁ ସ୍ୱାଗତ କରୁଛୁ । ଆମ ମନରେ ଯେଉଁ ନୂଆ ଆଶା, ଆକାଂକ୍ଷା ଓ ସ୍ୱପ୍ନ ରହିଛି ତାକୁ ସଫଳ କରିବାକୁ ଦୃଢ଼ ସଂକଳ୍ପ ନେବା ଉଚିତ୍ । ପ୍ରତିବର୍ଷ ଜାନୁଆରୀ ମାସ ପହିଲା ତାରିଖକୁ ଆମେ ନୂଆବର୍ଷର ପ୍ରଥମ ଦିବସ ଭାବେ ଆମେ ପାଳନ କରୁଛୁ । ଏହା ହେଉଛି ଇଂରାଜୀ ନବବର୍ଷ । ଓଡ଼ିଆ ନବବର୍ଷ ନୁହେଁ । ଏହି ଇଂରାଜୀ ନବବର୍ଷ ଆମ ଓଡ଼ିଶାରେ ଖୁବ୍ ଜାକଯମକରେ ପାଳନ କରାଯାଏ । ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶା ଉତ୍ସବମୁଖର ହୋଇ ଉଠେ । ଘରେ ଘରେ ନବବର୍ଷ ପାଳନ କରିଥାନ୍ତି । ଏହି ଓଡ଼ିଆମାନଙ୍କର ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ହେଉଛି ନବବର୍ଷ । ଇଂରାଜୀ ନବବର୍ଷକୁ ଯେପରି ଆଡମ୍ବର ସହକାରେ ପାଳନ କରାଯାଏ, ଓଡ଼ିଆ ନବବର୍ଷକୁ ସେପରି ଢଙ୍ଗରେ ପାଳନ କରାଯାଇନଥାଏ । ଇଂରାଜୀ ନବବର୍ଷକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି । ଏହି ନବବର୍ଷ ସତେ ଯେପରି ଏକ ଆନନ୍ଦ ଉତ୍ସବର ପର୍ବ । ଚାହୁଁ ଚାହୁଁ ଏହି ନବବର୍ଷ ଗୋଟିଏ ଦିନ ଅତିବାହିତ ହୋଇ ଦ୍ୱିତୀୟ ଦିନରେ ପଦାର୍ପଣ କରିଛି । ପୁରାତନ ୨୦୨୫କୁ ବିଦାୟ ଓ ନୂତନ ବର୍ଷ ୨୦୨୬କୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ଶେଷ ହୋଇଛି । ଏହି ଇଂରାଜୀ ନବବର୍ଷ ପାଇଁ ସମସ୍ତେ ବ୍ୟସ୍ତ, ବ୍ୟଗ୍ର, ଉତ୍ସାହିତ ଓ ଖୁବ୍ ଆନନ୍ଦିତ ହୋଇ ପଡ଼ିଥିଲେ । ପ୍ରତିବର୍ଷ ଡିସେମ୍ବର ମାସ ଶେଷରେ ଯେଉଁ ଜାନୁଆରୀ ମାସଟି ଆଗମନ କରିଥାଏ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ବୋଲି ମନେହୋଇଥାଏ । ଏହି ଦିନର ଏକ ସ୍ୱତନ୍ତ୍ରତା ମଧ୍ୟ ରହିଛି । ଏହି ଦିନ ସମଗ୍ର ଭାରତବର୍ଷର ଜନସାଧାରଣ ବିଶେଷ କରି ଯୁବଗୋଷ୍ଠୀ ବିଭିନ୍ନ ପ୍ରକାର ବାଣ ଫୁଟାଇ ବାଜା ବଜାଇ ଓ ନାଚଗୀତର ଆୟୋଜନ କରି ଏହି ନବବର୍ଷକୁ ସ୍ୱାଗତ ଜଣାଇଥାନ୍ତି । ଏହିସବୁ କାର୍ଯ୍ୟକ୍ରମ କେବଳ ବଜାର ସହରମାନଙ୍କରେ ସୀମିତ ହୋଇ ରହିନାହିଁ । ଏପରି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳମାନଙ୍କରେ ମଧ୍ୟ ଖୁବ୍ ଉତ୍ସାହ ଉଦ୍ଦୀପନାର ସହିତ କରାଯାଇଥାଏ । ଡିସେମ୍ବର ମାସ ୩୧ ତାରିଖ ମଧ୍ୟରାତ୍ର ଅର୍ଥାତ୍ ରାତି ୧୨ଟା ପରେ ପରେ ଏହି ମହୋତ୍ସବର ଆରମ୍ଭ ହୋଇଥାଏ । ଦିନିଦ୍ର ରଜନୀ ଅତିବାହିତ କରି ଯୁବକମାନେ ଏହି ମହୋତ୍ସବକୁ ପାଳନ କରି ଆନନ୍ଦରେ ଉଦ୍‌ବେଳିତ ହୋଇଯାଆନ୍ତି ।

ଏହି ନବବର୍ଷରେ ସୃଷ୍ଟି ହୁଏ ଏକ ଉତ୍ସବ ମୁଖର ପରିବେଶ । ସାଙ୍ଗସାଥୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ପରସ୍ପର ମଙ୍ଗଳ କାମନା କରି ନବବର୍ଷର ଅଭିନନ୍ଦନ ଜଣାଇ ହାପି ନିଉ ଇୟର ବୋଲି କହିଥାନ୍ତି । ଟେଲିଫୋନ୍‌ରେ ଏହି ବାର୍ତ୍ତା ପୂର୍ବ ଅର୍ଦ୍ଧରାତ୍ର ଠାରୁ ଦିନ ତମାମ ଚାଲିଥାଏ । ସର୍ବତ୍ର ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତାର ଝଡ଼ ସୃଷ୍ଟି ହୋଇଥାଏ । ଏହି ହାପି ନିଉ ଇୟର ବାର୍ତ୍ତାଟି କେବଳ ମାତ୍ର ଗୋଟିଏ ଦିନ ପାଇଁ ଗୁରୁତ୍ୱ ବହନ କରିଥାଏ । ଏହି ବାର୍ତ୍ତାଟି ପରସ୍ପର ମଧ୍ୟରେ ବନ୍ଧୁତ୍ୱ ସୂତ୍ରରେ ବାନ୍ଧି ରଖିବାର ଏକ ବଳିଷ୍ଠ ମାଧ୍ୟମ କହିଲେ ଭୁଲ୍ ହେବନାହିଁ । ମାନ ଅଭିମାନ ଓ ବିଷାଦ ଇତ୍ୟାଦି ଭୁଲିଯାଇ ପରସ୍ପର ଶୁଭ କାମନା କରିଥାନ୍ତି । ପ୍ରାୟ ଅନେକ ଭାବିଥାନ୍ତି ଏହି ଦିନଟି ହିଁ ଈଶ୍ୱରଙ୍କ କୃପାଲାଭ କରିବାର ପ୍ରକୃଷ୍ଟ ଦିନ । ଈଶ୍ୱରଙ୍କ କୃପାଲାଭ ନିମିତ୍ତ ସମସ୍ତେ ବ୍ୟାକୁଳ । ଏହିଦିନ ଈଶ୍ୱରଙ୍କ କୃପା ମିଳେ ବୋଲି ଅନେକ ଦେବ ଦେବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ନୀଳଚକ୍ର ଧାମ ପୁରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ପ୍ରବଳ ଭିଡ଼ ହୋଇଥାଏ । ଏହି ଦିନଟିକୁ ଅଧିକ ଆନନ୍ଦ ସୁଖର କରିବାକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇଥାଏ । ଏହି ଦିନଟି ସୁଖଶାନ୍ତିରେ କଟିଲେ ବର୍ଷସାରା ଦିନଗୁଡ଼ିକ ସୁଖଶାନ୍ତିରେ କଟିବ ବୋଲି କେତେକ ବିଶ୍ୱାସ କରିଥାନ୍ତି । ସେଥିପାଇଁ ପ୍ରତ୍ୟେକ ପରିବାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଏହି ନବବର୍ଷ ଯେ କେବଳ ଗୋଟିଏ ବର୍ଷରେ ଶେଷ ହୋଇଯାଏ ନାହିଁ, ଏହା ପ୍ରତିବର୍ଷ ଆସିଥାଏ । ଗୋଟିଏ ବର୍ଷର ନବବର୍ଷର ମହୋତ୍ସବ ସରିଯିବା ପରେ ଆଗାମୀ ନବବର୍ଷକୁ ଅପେକ୍ଷା କରିଥାନ୍ତି । ଏହି ଦିନ ସାଙ୍ଗସାଥୀମାନଙ୍କ ମେଳରେ ସମୁଦ୍ର କୂଳ, ବିଭିନ୍ନ ପର୍ଯ୍ୟଟନସ୍ଥଳ, ତୀର୍ଥସ୍ଥାନ ଆଦି ଯୁବକମାନେ ବୁଲିଯାଇଥାନ୍ତି । ଏହାଛଡ଼ା ପିଲାମାନେ ମଧ୍ୟ ବିଭିନ୍ନ ସ୍ଥାନରେ ବଣଭୋଜି କରି ଖୁବ୍ ଆନନ୍ଦିତ ହୋଇଥାନ୍ତି । ଆମ ଓଡ଼ିଶାରେ ହିନ୍ଦୁ ପୁରାଣରେ ମାର୍ଗଶିର ମାସକୁ ଆଦ୍ୟ ବା ପ୍ରଥମ ମାସ ଭାବରେ ବର୍ଣ୍ଣନା କରାଯାଉଥିବା ବେଳେ ଇଂରାଜୀରେ ଜାନୁଆରୀ ମାସକୁ ପ୍ରଥମ ମାସ ଭାବରେ ଗ୍ରହଣ କରାଯାଇଛି ।

ରାଜନୈତିକ ଦଳର ନେତା ଓ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ନବବର୍ଷର ଅଭିନନ୍ଦନ ଜଣାଯାଇଥାଏ । ବିଭିନ୍ନ ସ୍ଥାନରେ ବ୍ୟାନର, ହୋର୍ଡିଂ ପ୍ରଭୃତିରେ ସାଧାରଣ ଲୋକଙ୍କ ସୁଖ ସମୃଦ୍ଧି କାମନା କରାଯାଇ ଉଲ୍ଲେଖ କରାଯାଇଥାଏ । ରାସ୍ତାଘାଟ, ବଜାର ସହର ପ୍ରଭୃତି ବିଭିନ୍ନ ସ୍ଥାନମାନଙ୍କରେ ଏସବୁ ବହୁଳ ଭାବରେ ଦେଖିବାକୁ ମିଳିଥାଏ । ଏହାଛଡ଼ା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକା ଇତ୍ୟାଦି ଗଣମାଧ୍ୟମ ଗୁଡ଼ିକ ଜରିଆରେ ନବବର୍ଷ ଉପଲକ୍ଷେ ଅଭିନନ୍ଦନ ମଧ୍ୟ ଜଣାଇ ଦିଆଯାଇଥାଏ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ମଧ୍ୟ ଗଣମାଧ୍ୟମ ଜରିଆରେ ନବବର୍ଷ ଉପଲକ୍ଷେ ରାଜ୍ୟର ଜନସାଧାରଣଙ୍କର ମଙ୍ଗଳ କାମନା କରିଥାନ୍ତି । ପୁରୁଣା ବର୍ଷକୁ ବିଦାୟ ଦେବା ସମୟରେ ଆମ ମନରେ ଅନେକ ପ୍ରଶ୍ନ ଉଠିଥାଏ । ପୁରୁଣା ବର୍ଷର ଘଟଣାଗୁଡ଼ିକ ଇତିହାସ ପାଲଟି ଯାଇଛି । ଏହି ବର୍ଷ ଆମର ଆଶୀର୍ବାଦର ବର୍ଷ ବା ଅଭିଶାପର ବର୍ଷ ଥିଲା ତାହା ଆମକୁ ସମୀକ୍ଷା କରିବାକୁ ପଡ଼ିବ । ପ୍ରାୟ ପ୍ରତିବର୍ଷ ବାତ୍ୟା, ବନ୍ୟା, ମରୁଡ଼ି, ଭୂମିକମ୍ପ, ଅଂଶୁଘାତ ଆଦି ପ୍ରାକୃତିକ ବିପତ୍ତି ଆମ ଦେଶରେ ସୃଷ୍ଟି ହୋଇ ବିପୁଳ ଧନ ଜୀବନର ହାନୀ ଘଟୁଛି । ଆମ ଓଡ଼ିଶା ସେଥିରୁ ବାଦ ପଡୁନି । ନାରୀ ନିର୍ଯାତନା, ଦୁଷ୍କର୍ମ, ନରସଂହାର, ଚୋରି, ଡକାୟତି, ଅପହରଣ ଆଦି ଘଟଣା ଗୁଡ଼ିକ ଘଟିଚାଲିଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନିଶାମୁକ୍ତ ଦେଶ ଗଠନର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି । ଗାନ୍ଧିଜୀ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ 'ତାଙ୍କୁ ମାତ୍ର ଗୋଟିଏ ଘଣ୍ଟା ପାଇଁ ଭାରତର ଡିକ୍ଟେଟର କରି ଦିଆଗଲେ ସେ ପ୍ରଥମେ କୌଣସି କ୍ଷତିପୂରଣ ନ ଦେଇ ସମସ୍ତ ମଦ ଦୋକାନ ଓ ମଦ ତିଆରି କାରଖାନାକୁ ସବୁଦିନ ପାଇଁ ବନ୍ଦ କରିଦେବେ ।' ସେ କହିଥିଲେ ମଦ ପିଇବା ଅଭ୍ୟାସ ଯୋଗୁଁ ମଣିଷର ଆତ୍ମା ନଷ୍ଟ ହୋଇଯାଏ ଓ ମଣିଷ ପଶୁ ପାଲଟି ଯାଏ । ବର୍ତ୍ତମାନ ଏହି ମଦ ପରିବାର ମଧ୍ୟରେ ଅଶାନ୍ତି ଓ ଅସନ୍ତୋଷର ନିଆଁ ଜାଳି ଦେଉଛି । ବର୍ତ୍ତମାନର ସରକାର ଏହା ହୃଦୟଙ୍ଗମ କରିବା ଦରକାର । ନିଶାମୁକ୍ତ ଓଡ଼ିଶା ଗଠନର ଜରୁରୀ ଆବଶ୍ୟକତା ରହିଛି । ଅବକାରୀ ରାଜସ୍ୱର ମୋହ ତ୍ୟାଗ କରି ନିଶାମୁକ୍ତ ଓଡ଼ିଶା ଘୋଷଣା କରାଯିବା ଆବଶ୍ୟକ । ନୂଆବର୍ଷ ଆସୁଛି ଓ ଯାଉଛି ହେଲେ ଆମ୍ଭମାନଙ୍କର ଦେଶର ଓ ରାଜ୍ୟର ଅବସ୍ଥାର ପରିବର୍ତ୍ତନ ହେଉ ନଥିବାର ଲକ୍ଷ୍ୟ କରାଯାଉଛି । ଆମେ ହିତାହିତ ଜ୍ଞାନ ଶୂନ୍ୟ ହୋଇ କାର୍ଯ୍ୟ କରୁଛୁ । ସମାଜ ପାଇଁ ଦେଶ ପାଇଁ ଓ ଆମ ପରିବାର ପାଇଁ ଯାହା ମଙ୍ଗଳଦାୟକ ତାହା ଆମକୁ ଏହି ନୂଆବର୍ଷରେ କରିବା ପାଇଁ ବଜ୍ର ଶପଥ ନେଇ କାର୍ଯ୍ୟ କରିବା ଦରକାର । ଯୁବକମାନଙ୍କ ହୃଦୟରେ ଭରିରହିଛି ଅମାପ ଶକ୍ତି । ସେମାନେ ଚାହିଁଲେ ଏହି ଦୂଷିତ ସମାଜକୁ ବଦଳାଇ ପାରିବେ । କିନ୍ତୁ ଯୁବ ସମାଜ ଆଜି ପଥଭ୍ରଷ୍ଟ । ନିଶା କବଳରେ କବଳିତ। ସେ ଭୁଲିଯାଇଛି ତା'ର କର୍ତ୍ତବ୍ୟ କର୍ମକୁ । ଦୁଃଖ ବଢ଼ୁଛି ପଛେ କମିବାର ନା ଧରୁନି । ତେବେ ନିଜର ଆନନ୍ଦ ପାଇଁ ଏହି ନୂଆବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରିବାରେ କିଛି ଲାଭ ନାହିଁ । ସରକାର ଯୋଜନା ପରେ ଯୋଜନା ପ୍ରଚଳନ କରିଚାଲିଛନ୍ତି । ଶ୍ରମିକମାନଙ୍କ ପାଇଁ ଏଠି କାମର ଅଭାବ ରହିଛି । କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ କେତେକ ମୃତ୍ୟୁବରଣ ମଧ୍ୟ କରିଛନ୍ତି । ସରକାର ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ବ୍ୟବସ୍ଥା କଲେ ସେମାନେ ଉପକୃତ ହୋଇପାରନ୍ତେ ।

ଓଡ଼ିଆ ନବବର୍ଷକୁ ପଣାସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇଛି । ଏହି ଦିନକୁ ମଧ୍ୟ ହିନ୍ଦୁ ନବବର୍ଷ କୁହାଯାଏ । ଏହିଦିନ ଓଡ଼ଇଆମାନଙ୍କର ନୂତନ ପଞ୍ଜିକାର ପ୍ରଚଳନ ଆରମ୍ଭ ହୋଇଥାଏ । ଘରେ ଘରେ ପଣାଭୋଗ ପ୍ରସ୍ତୁତ କରାଯାଇ ଦେବଦେବୀଙ୍କୁ ଅର୍ପଣ କରାଯାଏ। ଓଡ଼ିଆମାନଙ୍କର ଏହା ହେଉଛି ମହାନ ତଥା ପବିତ୍ର ପର୍ବ । ଇଂରାଜୀ ନବବର୍ଷ ପାଳନ କଲେ କୌଣସି ଅସୁବିଧା ନାହିଁ, କିନ୍ତୁ ଓଡ଼ିଆ ନବବର୍ଷକୁ ଇଂରାଜୀ ନବବର୍ଷ ପରି ଧୁମ୍‌ଧାମ୍‌ରେ ପାଳନ କରାଗଲେ ସମସ୍ତେ ଖୁସି ହୋଇପାରନ୍ତେ । ତାମିଲନାଡୁ, ପଶ୍ଚିମବଙ୍ଗ, ପଞ୍ଜାବ ପ୍ରଭୃତି କେତେକ ରାଜ୍ୟ ଜାନୁଆରୀ ପହିଲା ତାରିଖକୁ ନୂଆବର୍ଷ ଭାବେ ପାଳନ କରିନଥାନ୍ତି । ନେପାଳରେ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିକୁ ନୂଆବର୍ଷ ଭାବେ ପାଳନ କରିଥାନ୍ତି । ଆମ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଦୃଷ୍ଟିରୁ ନେପାଳ ପରି ଆମ ଓଡ଼ିଶାରେ ପଣା ସଂକ୍ରାନ୍ତିକୁ ନୂଆବର୍ଷର ପ୍ରଥମ ଦିନ ଭାବରେ ପାଳନ କରାଗଲେ କୌଣସି ଅସୁବିଧା ସୃଷ୍ଟି ହୁଅନ୍ତା ନାହିଁ । ଏହିଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏକ ପବିତ୍ର ପର୍ବର ଦିନ । ଏହି ଦିନଟି ମହତ୍ତ୍ୱପୂର୍ଣ୍ଣ ଦିନ । ତେବେ ଏହି ଜାନୁଆରୀ ପହିଲା ଦିନ ନବର୍ଷ ପାଳିତ ହୋଇଯାଇଛି । ଏହି ନବବର୍ଷ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ । ସମସ୍ତଙ୍କର ମଙ୍ଗଳ ହେଉ, ସମସ୍ତେ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରନ୍ତୁ । ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।


***କୁରୁଣି, ରାଜନଗର, କେନ୍ଦ୍ରାପଡ଼ା***

***ମୋ. ୮୯୧୭୨୧୩୦୭୩***


# ଦିନକ ପୂର୍ବରୁ ୨୫ ସରିଯାଇଛି : ୨୬ ଆସିଗଲାଣି



**ଦୁନିଆର ହାଲ୍**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

କଲମରୁ କାଳି ସରୁନାହିଁ, ସିଲଟ ସଫା ନାହିଁ । ୨୫ର ସବୁ ଘଟଣାବଳୀ ବର୍ଣ୍ଣନାକରି ଲାଭ ନାହିଁ । ୨୫ କ'ଣ ଦେଇଗଲା, ୨୫ କ'ଣ ନେଇଗଲା, ତା'ର ତର୍ଜମା କରିବା ଆବଶ୍ୟକ ନାହିଁ । ଗୋଟିଏ ବର୍ଷ ଚାଲିଗଲା । କ'ଣ ଦୁଃଖ ଦୁଃଖ ଦେଇଗଲା, ସୁଖ ଦେଲା ତାକୁ ସ୍ମୃତିପଟକୁ ଆଣିବା କିଛି ସନ୍ତୋଷ ଦେବନାହିଁ । ୨୬ ପାଇଁ କିଛି ଆଶା ଓ ଆକାଂକ୍ଷା ଅଛି । ୨୬ ଆସିବାର ଆଜି ଦ୍ୱିତୀୟ ଦିନ । ପୂରା ବର୍ଷଟିଏ ଅଛି । ଏତେବେଳୁ କ'ଣ ଆଶା କରିବା । ଏତିକି ଭଗବାନଙ୍କୁ ପ୍ରାର୍ଥନା କରିବା ଯେ ୨୫ର ଦୁଃଖଦାୟକ ଘଟଣାର ପୁନରାବୃତ୍ତି ନହେଉ । ଆଜି ଦିନରେ କେତେକ ଆଶା ଆଉ ଆକାଂକ୍ଷାକୁ ବ୍ୟକ୍ତ କରିବା କାଳେ ସାମ୍ଭାବ୍ୟ ଘଟଣାବଳୀ ଆନନ୍ଦ ଦେଇପାରେ ।

ସିଆଡୁକୁ ଏପର୍ଯ୍ୟନ୍ତ କେହି ଯାଇନାହାନ୍ତ । ୨୦୩୦ରେ ଆମ ଦେଶର ଗୁଜରାଟରେ ଅଲମ୍ପିକ ଖେଳ ହେବ ।

କେବେ ହୋଇ ନ ଥିଲା। ଏ ଖେଳଟି ସଂଗଠିତ କରିବା କଷ୍ଟକର କଥା। ଅନେକ ନିୟନ୍ତ୍ରଣ ଦେଇ ଗତି କରିବାକୁ ପଡିବ। ଅନେକ ଧୈର୍ଯ୍ୟ ଆବଶ୍ୟକ। ଆମର ତ କଥା କଥାରେ ଦୁର୍ଘଟଣା। ଅଲମ୍ପିକ ଆହ୍ୱାନ ସାମ୍ନା କରିପାରିବ ତ? ଏସିଆନ ଗେମ୍ସ ପାଇଁ ଧୈର୍ଯ୍ୟଚ୍ୟୁତି ଘଟିବ । ରାଜ୍ୟଗୋଷ୍ଠି କ୍ରୀଡା ହେବ । ତା'ପରେ ଅଲମ୍ପିକ । ଅଲମ୍ପିକ୍ସ ପାଇଁ ଆମ ଶୁଭକାମନା ଦେବା । ଆମେ ବି ସାବାସୀ ପାଇବା କଥା । ଜଣେ ଫୁଟବଲ ଲିଜେଣ୍ଡାରୀକୁ ଦେଖିବା ପାଇଁ କୋଲକାତା ଯାହା ଘଟିଗଲା ଠିକ ହେଲା ତ?

୨ ଦିନ ତଳେ ଗୋଟିଏ ସମ୍ବାଦ ସଂପ୍ରସାରିତ ହେଉଥିଲା । ଭଦ୍ରକରେ ନୂତନ ହସ୍ପିଟାଲଠାରେ ନୂଆ କୋଠାକୁ ଯାଇଛି । ରୋଷେଇ ଘର ସ୍ଥାନାନ୍ତରିତ ହୋଇନାହାଁ ପୁରୁଣା ଜାଗାରେ ରୋଷେଇ ହେଉଛି । ଅତି ଅବ୍ୟବସ୍ଥା। ପ୍ରସ୍ତୁତ ହୋଇ ରହିଥିବା ଖାଦ୍ୟ ପଦବାଚ୍ୟ ନୁହେଁ । ତାଙ୍କୁ ରୋଗୀମାନେ ଖାଇବା କଥା ନୁହେଁ। ଆମେ ଗୋଟିଏ ସଭ୍ୟସମାଜ ଓ ସଭ୍ୟ ଦେଶ, ଆମକୁ ରୋଗୀମାନଙ୍କୁ ଭଲରେ ପରିଚ୍ଛନରେ ଖାଇବାକୁ ଦେବା ଉଚିତ ।

୨୦୨୬ ପାଇଁ ଅତି ସୁଖର ଖବର। ଆଗରୁ ଭାରତୀୟମାନେ ଶୂନ୍ୟକୁ ଓ ମହାଶୂନ୍ୟକୁ ଯାଇ ଫେରି ଆସିଛନ୍ତି । ଏ ବର୍ଷ ଭାରତୀୟମାନେ ଚନ୍ଦ୍ରପୃଷ୍ଠକୁ ଯିବେ । ସେମାନେ ସେଠି ଗବେଷଣା କରି ପୁଣି ଫେରି ଆସିବେ। ବଙ୍ଗଳାଦେଶରେ ଅଦ୍ଭୁତ ଆଭିମୁଖ୍ୟ ଯାହାକୁ ଆମେ ସୃଷ୍ଟି କରିଥିଲେ। ସେହି ବଙ୍ଗଳାଦେଶ କିନ୍ତୁ ହିନ୍ଦୁ ମନ୍ଦିର ଭାଙ୍ଗିଲେ। ଜଣେ ହିନ୍ଦୁକୁ ମାରିଥିଲେ। ଏବେ ୨ ଜଣ ହିନ୍ଦୁକୁ ମାରିଲେ । ସାମ୍ବିଧାନିକ ଦାୟିତ୍ୱ ନେଇ ବଙ୍ଗଳାଦେଶରେ ଯିଏ ଶାସନ କରୁଛନ୍ତି ମହମ୍ମଦ ୟୁନୁସୁ । ସେ କ'ଣ ଭାରତ ବିରୋଧୀ ମନୋବୃତି ରଖିଲେ କଣ ସେ ଜନପ୍ରିୟ ହୋଇପାରିବେ? ତାଙ୍କ ସପକ୍ଷରେ ତ ସବୁ ବିଦ୍ରୋହୀମାନେ ଥିଲେ ।

ଏବେ କ'ଣ ଘଟୁଛି !

ଏବେ ଏବେ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ତାଙ୍କ ମନ କି ବାତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସ୍ୱର୍ଗୀୟା ଓ ସମ୍ମାନନୀୟା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀଗିରିଙ୍କ ନାମ ନେଇଛନ୍ତି। ଆସନ୍ତା ଜାନୁଆରୀ ୨୬ରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେବ। ଶ୍ରୀଯୁକ୍ତ ମୋଦିଙ୍କୁ ଆନ୍ତରିକତା ସହିତ କୃତଜ୍ଞତା ଜଣାଇବା। ସେ ପାର୍ବତୀ ଗିରିଙ୍କୁ ମନେ ପକାଇଛନ୍ତି ।

ଓଡିଶା ଏ ବର୍ଷ ଅତୀତର ମୁଖ୍ୟମନ୍ତ୍ରୀ, ଅତୀତର କେନ୍ଦ୍ରମନ୍ତ୍ରୀ, ଅତୀତର ରାଜ୍ୟପାଳ ଓ ଅତୀତର ବିଦ୍ୱାନ ଓ ଲେଖକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଜନ୍ମ ବାର୍ଷିକୀ ପାଳନ କରୁଛି । ଜାନୁଆରୀ ୩ ରୁ ଏହା ଆରମ୍ଭ ହେବା ଆମର ପ୍ରଧାନମନ୍ତ୍ରୀ ଏ ବିଷୟରେ ବିପଦ କଥା ହୋଇଥିଲେ ଭଲ ହୋଇଥାନ୍ତା। ସେ ସମୟକୁ ମନେ ପକାଇଥାନ୍ତି।

୨୦୨୬ ରେ କ'ଣ ଡୋନାଲ୍ଡ ଟ୍ରମ୍ପ, ପୁଟିନ ଓ ଜେଲେନସ୍କି ସମ୍ମିଳିତ ହୋଇ ଶାନ୍ତି ପ୍ରତିଷ୍ଠା କରିପାରିବେ। ଆଶା ଅଛି ପୁଣି ନାହିଁ । ସବୁ ସର୍ତ୍ତ ପାଇଁ ସମସ୍ତେ ମାନୁ ନାହାନ୍ତି । ଗୋଟିଏ କଥା ଛିଣ୍ଡିଗଲେ, ବହୁକଥା ଛିଣ୍ଡି ଯାଆନ୍ତା । ଆଣବିକ ଯୁଦ୍ଧର ଆଶଙ୍କା ବନ୍ଦ ହୋଇଯାଆନ୍ତା। ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନ ମୁହାଁଉ । ଗୋଟିଏ ସମୟରେ ସଭ୍ୟତା ଆରମ୍ଭ ହେଉ ହେଉ, ଯୁଦ୍ଧ କେବଳ ଧର୍ମକୁ ନେଇ ନିଆଯାଉଥିଲା । ସେ ଯୁଗ ସରିଗଲା। ଏହା ଭିତରେ ଅନେକ ଯୁଗର ପରିସମାପ୍ତି ଘଟିଲାଣି। ଏବେ ପୁଣି ଆଇ ଏସ ଆଇ ନାଇଜେରିଆ ଉପରେ ବୋମା ନିକ୍ଷେପଣ କରୁଛି । ଏବେ ପୁଣି ସେଇ ଯୁଗକୁ ଚାଲିଯିବା । ଯେଉଁଠି ଧର୍ମ ନେଇ ଯୁଦ୍ଧ ହେବ । ଆଦର୍ଶ ଓ ସଭ୍ୟତାର ଅନ୍ୟ ମାପକାଠି କିଛି ବିଚାରକୁ ନିଆଯିବ ନାହିଁ ।


*ଜେଲରୋଡ଼, ଖୋର୍ଦ୍ଧା,*

*ମୋ ୯୪୩୭୩୦୨୪୧୭*


# ୨୦୨୬ର ପରୀକ୍ଷା ଏବଂ ମାନବତାର ଭବିଷ୍ୟତ!

**■ ଅସିତ ମହାନ୍ତି ■**

୨୦୨୫ର ଘଟଣାଗୁଡ଼ିକ ବିଶ୍ୱକୁ ଏପରି ଏକ ସ୍ଥିତିରେ ପହଞ୍ଚାଇଛି ଯେଉଁଠାରେ ୨୦୨୬ କେବଳ ସୁଯୋଗର ବର୍ଷ ନୁହେଁ ବରଂ ଗଭୀର ଚ୍ୟାଲେଞ୍ଜ ଏବଂ ବିପଦର ସମୟ ମଧ୍ୟ ହେବ । ବିଶ୍ୱ ଦୃଶ୍ୟପଟରେ ରାଜନୈତିକ ଅସ୍ଥିରତା, ଜଳବାୟୁ ସଙ୍କଟ, ପ୍ରଯୁକ୍ତିବିଦ୍ୟା ବିପଦ ଏବଂ ସାମାଜିକ ଅଶାନ୍ତି ଏକ ଜଟିଳ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିବାକୁ ମିଳିତ ହୋଇଛି ।

୨୦୨୫ ବର୍ଷ ଏକ ଚେତାବନୀ ଭାବରେ କାର୍ଯ୍ୟ କଲା । ବିଶ୍ୱ ଦେଖିଲା ଯେ କିପରି ଭୂରାଜନୈତିକ ଉତ୍ତେଜନା ଅନ୍ତର୍ଜାତୀୟ ସହଯୋଗକୁ ଦୁର୍ବଳ କରିଥିଲା । ୟୁକ୍ରେନ ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ କରିଦେଲା ଯେ ଶାନ୍ତି ଏବଂ ସ୍ଥିରତା ଏବେ ବି ଅପରିବର୍ତ୍ତିତ ରହିଛି । ଏହି ଯୁଦ୍ଧଗୁଡ଼ିକ କେବଳ ମାନବିକ ସଙ୍କଟକୁ ଘନିଷ୍ଠ କରିନାହିଁ ବରଂ ଶକ୍ତି ଏବଂ ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ମଧ୍ୟ ଅସ୍ଥିର କରିଦେଇଛି । ବିଶ୍ୱ ଶକ୍ତି ମଧ୍ୟରେ ବିଶ୍ୱାସର ସଙ୍କଟ ଘନିଷ୍ଠ ହେବା ସହିତ ଏହି ଅସ୍ଥିରତା ୨୦୨୬ରେ ଆହୁରି ବୃଦ୍ଧି ପାଇପାରେ । ଏହି ସମୟରେ, ୨୦୨୫ରେ ଜଳବାୟୁ ପରିବର୍ତ୍ତନ ଏହାର ନୂତନ ଭୟଙ୍କରତା ପ୍ରକାଶ କଲା । ଅତ୍ୟନ୍ତ ପାଗ ଘଟଣା– ଅତ୍ୟନ୍ତ ଗରମ ଗରମ ଲହରୀ, ବନ୍ୟା ଏବଂ ଝଡ଼– ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଥିଲା । ବିଶ୍ୱ ଅର୍ଥନୈତିକ ଫୋରମର ଏକ ରିପୋର୍ଟ ଅନୁଯାୟୀ, ଜଳବାୟୁ ସଙ୍କଟ ଆଉ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ ବରଂ ଏହା ଅର୍ଥନୈତିକ ଏବଂ ସାମାଜିକ ସ୍ଥିରତା ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଛି । ନିର୍ଗମନ ନିୟନ୍ତ୍ରଣ ଏବଂ ସବୁଜ ଶକ୍ତିକୁ ପରିବର୍ତ୍ତନ ଧୀର ଥିବାରୁ ଏହି ସଙ୍କଟ ୨୦୨୬ରେ ଆହୁରି ଖରାପ ହୋଇପାରେ । ୨୦୨୫ ମଧ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଚ୍ୟାଲେଞ୍ଜ ଉପସ୍ଥାପନ କରିଥିଲା । କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ବିସ୍ତାରିତ ହୋଇଥିଲା, କିନ୍ତୁ ଏହା ସାଇବର ସୁରକ୍ଷା ଏବଂ ତଥ୍ୟ ଗୋପନୀୟତା ବିପଦକୁ ମଧ୍ୟ ବୃଦ୍ଧି କରିଥିଲା । ଭୁଲ ସୂଚନା ଏବଂ ଡିପ୍ ଫେକ୍ ପ୍ରଯୁକ୍ତିବିଦ୍ୟା ଗଣତାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକୁ ପ୍ରଭାବିତ କରିଥିଲା ଏବଂ ସାମାଜିକ ବିଭାଜନକୁ ଗଭୀର କରିଥିଲା । ୨୦୨୬ ରେ ଏହି ବିପଦ ଆହୁରି ଗୁରୁତର ହୋଇପାରେ କାରଣ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନର ନିୟନ୍ତ୍ରଣ ଅସମ୍ପୂର୍ଣ୍ଣ ରହିଛି ।

ସାମାଜିକ ସ୍ତରରେ, ୨୦୨୫ ଅସମାନତା ଏବଂ ଅସନ୍ତୋଷକୁ ଉଜ୍ଜ୍ୱଳ କରିଥିଲା । ଆର୍ଥିକ ମାନ୍ଦାବସ୍ଥା ଏବଂ ବେକାରୀ ଯୁବପିଢ଼ି ଏବଂ ଦୁର୍ବଳ ଗୋଷ୍ଠୀଗୁଡ଼ିକୁ ସର୍ବାଧିକ ପ୍ରଭାବିତ କରିଥିଲା । ଏହି ଅସନ୍ତୋଷରୁ ଅନେକ ଦେଶରେ ପ୍ରତିବାଦ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା । ଯଦି ୨୦୨୬ରେ ଏହି ସମସ୍ୟାଗୁଡ଼ିକର ସମାଧାନ କରାନଯାଏ, ତେବେ ସାମାଜିକ ଅଶାନ୍ତି ବୃଦ୍ଧି ପାଇପାରେ । ୨୦୨୫ ରେ ବିଶ୍ୱ ସ୍ୱାସ୍ଥ୍ୟ ମଧ୍ୟ ଏକ ଚିନ୍ତାର ବିଷୟ ଥିଲା । ମହାମାରୀ ପରବର୍ତ୍ତୀ ବିଶ୍ୱ ଏବେ ବି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରୁଛି, କିନ୍ତୁ ନୂତନ ସଂକ୍ରାମକ ରୋଗର ବିପଦ ରହିଛି । ଜଳବାୟୁ ପରିବର୍ତ୍ତନ ଏବଂ ପ୍ରବାସ ସ୍ୱାସ୍ଥ୍ୟ ବିପଦକୁ ଆହୁରି ବଢ଼ାଇପାରେ । ଯଦି ବିଶ୍ୱ ସହଯୋଗ ଦୁର୍ବଳ ରହିଥାଏ ତେବେ ୨୦୨୬ ରେ ଏହି ଚ୍ୟାଲେଞ୍ଜ ଅଧିକ ଗୁରୁତର ହୋଇପାରେ ।

ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିଶ୍ୱ ଶାସନ ଏବଂ ସହଯୋଗର ସଙ୍କଟ । ୨୦୨୫ ଦେଖାଇଛି ଯେ ଜାତିସଂଘ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ଅନ୍ତର୍ଜାତୀୟ ପ୍ରତିଷ୍ଠାନ କେତେକ ସମୟରେ ଅସହାୟ ଦେଖାଦେଇଛି । ଯେତେବେଳେ ବିଶ୍ୱ ସମସ୍ୟା ଏତେ ଜଟିଳ ଏବଂ ପରସ୍ପର ସହିତ ଜଡିତ, ସହଯୋଗର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରେ । ଯଦି ଏହି ଧାରା ୨୦୨୬ ରେ ଜାରି ରହେ, ତେବେ ବିଶ୍ୱ ଆହୁରି ବିଭକ୍ତ ହୋଇପାରେ । ଭାରତରେ, ସାମ୍ପ୍ରତିକ ବର୍ଷଗୁଡ଼ିକରେ କିଛି ଘଟଣା ସମ୍ବିଧାନର ଶକ୍ତି ଉପରେ ପ୍ରଶ୍ନ ଉଠାଇଛି ଏବଂ ଗଣତାନ୍ତ୍ରିକ ଢାଞ୍ଚାକୁ ଦୁର୍ବଳ କରିବାର ଆଶଙ୍କା ସୃଷ୍ଟି କରିଛି । ସଂସଦରେ ବାରମ୍ବାର ବାଧା ଏବଂ ଆଇନ ପ୍ରଣୟନ ଶୀଘ୍ର କରିବାର ପ୍ରବୃତ୍ତି ଜନପ୍ରତିନିଧିଙ୍କ ଭୂମିକାକୁ ସୀମିତ କରିଛି । ଗୁରୁତ୍ୱପୂର୍ଣ୍ଣ ବିଲ୍ ପ୍ରାୟତଃ ପର୍ଯ୍ୟାପ୍ତ ବିତର୍କ ଏବଂ ବିଚାର–ବିମର୍ଶ ବିନା ପାସ୍ ହୋଇଛି, ଯାହା ଗଣତାନ୍ତ୍ରିକ ଆଲୋଚନାର ଆତ୍ମାକୁ କ୍ଷୁଣ୍ଣ କରୁଛି । ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକା ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟ ସାମ୍ବିଧାନିକ ସନ୍ତୁଳନକୁ ଚ୍ୟାଲେଞ୍ଜ କରିଛି । ନ୍ୟାୟପାଳିକା ନିଯୁକ୍ତି ଏବଂ ନିଷ୍ପତ୍ତି ଉପରେ ରାଜନୈତିକ ଚାପର ଆଲୋଚନା ସୂଚାଇ ଦିଏ ଯେ ଏକ ସ୍ୱାଧୀନ ନ୍ୟାୟପାଳିକାର ନୀତି ବିପଦରେ ଅଛି ।

ସମୟରେ, ଅଭିବ୍ୟକ୍ତିର ସ୍ୱାଧୀନତାକୁ ରୋକିବାର ଘଟଣା ମଧ୍ୟ ଦେଖାଦେଇଛି । ସାମ୍ବାଦିକ, ସାମାଜିକ କର୍ମୀ ଏବଂ ଛାତ୍ରମାନଙ୍କ ଉପରେ ଲାଗୁ ହୋଇଥିବା କଟକଣା ନାଗରିକ ଅଧିକାରକୁ ସୁରକ୍ଷା ଦେଉଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିଛି । ନିର୍ବାଚନ ପ୍ରକ୍ରିୟାରେ ଟଙ୍କା ଏବଂ ମାଂସପେଶୀ ଶକ୍ତିର ବଢୁଥିବା ପ୍ରଭାବ ଏବଂ ନିର୍ବାଚନ କମିଶନର ନିରପେକ୍ଷତା ଉପରେ ଉଠାଯାଉଥିବା ପ୍ରଶ୍ନ ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଉଥିବା କାରଣ ପାଲଟିଛି ।

ସମ୍ବିଧାନର ଆତ୍ମା ସମାନତା, ସ୍ୱାଧୀନତା ଏବଂ ନ୍ୟାୟ ଉପରେ ଆଧାରିତ, କିନ୍ତୁ ଯେତେବେଳେ ଅନୁଷ୍ଠାନଗୁଡ଼ିକ ରାଜନୈତିକ ଚାପର ସମ୍ମୁଖୀନ ହୁଅନ୍ତି କିମ୍ବା ନାଗରିକ ଅଧିକାରକୁ ସୀମିତ କରନ୍ତି, ଏହି ଆତ୍ମା ଦୁର୍ବଳ ହୋଇଯାଏ । ଭାରତର ବିବିଧତା ଏବଂ ଗଣତାନ୍ତ୍ରିକ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ, ଏହି ଘଟଣାଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା ଏବଂ ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ଏହି ପ୍ରୟାସ ୨୦୨୬ ଏବଂ ପରବର୍ତ୍ତୀ ସମୟରେ ଗଣତନ୍ତ୍ରକୁ ସୁରକ୍ଷା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ପୁନରୁଦ୍ଧାର କରିବାରେ ନିର୍ଣ୍ଣାୟକ ପ୍ରମାଣିତ ହୋଇପାରେ । ୨୦୨୬ ମସିହାରେ, ଜଳବାୟୁ ପରିବର୍ତ୍ତନ ଏକ ଚ୍ୟାଲେଞ୍ଜ ଭାବରେ ଉଭା ହେଉଛି ଯାହା ସମାଜ, ଅର୍ଥନୀତି ଏବଂ ପ୍ରକୃତିର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିବ । ବର୍ତ୍ତମାନର ତାପମାତ୍ରା ବୃଦ୍ଧି, ସମୁଦ୍ର ପତନ ବୃଦ୍ଧି ଏବଂ ଅନିୟମିତ ପାଗ ଘଟଣା ସୂଚାଇ ଦେଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ପରିସ୍ଥିତି ଆହୁରି ଖରାପ ହୋଇପାରେ । କୃଷି କ୍ଷେତ୍ରରେ ପରିବର୍ତ୍ତନଶୀଳ ବର୍ଷା ଢାଞ୍ଚା ଖାଦ୍ୟ ଉତ୍ପାଦନକୁ ପ୍ରଭାବିତ କରିବ, ଖାଦ୍ୟ ସୁରକ୍ଷାକୁ ବୃଦ୍ଧି କରିବ । ବିକାଶଶୀଳ ଦେଶଗୁଡ଼ିକରେ, ଯେଉଁଠାରେ ଲୋକଙ୍କ ଜୀବିକା ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରେ, ଜଳବାୟୁ ପରିବର୍ତ୍ତନ ଦାରିଦ୍ର୍ୟ ଏବଂ ଅସମାନତାକୁ ବୃଦ୍ଧି କରିପାରେ ।

ଅର୍ଥନୈତିକ ଦୃଷ୍ଟିକୋଣରୁ, ବୃଦ୍ଧି ପାଇଥିବା ପ୍ରାକୃତିକ ବିପର୍ଯ୍ୟୟ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବ, ଯାହା ସରକାରଙ୍କୁ ପୁନର୍ବାସ ଏବଂ ପୁନଃନିର୍ମାଣରେ ଅଧିକ ଖର୍ଚ୍ଚ କରିବାକୁ ବାଧ କରିବ। ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ହେବ, କାରଣ ଗରମ ଲହରୀ, ମଶାଜନିତ ରୋଗ ଏବଂ ପ୍ରଦୂଷଣ–ସମ୍ବନ୍ଧୀୟ ସମସ୍ୟା ବୃଦ୍ଧି ପାଇବ । ଏହା ବ୍ୟତୀତ, ଜଳ ଏବଂ ଶକ୍ତି ଚାହିଦା ବୃଦ୍ଧି ପାଇ ଜାତୀୟ ଏବଂ ଅନ୍ତର୍ଜାତୀୟ ଉତ୍ତେଜନା ସୃଷ୍ଟି କରିପାରେ । ୨୦୨୬ ମସିହାରେ ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା କେବଳ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟାର ବିଷୟ ନୁହେଁ, ବରଂ ସାମୂହିକ ସାମାଜିକ ଦାୟିତ୍ୱର ବିଷୟ ମଧ୍ୟ ହେବଛ ନୂତନ ନୀତି, ନବସୃଜନ ଏବଂ ଅନ୍ତର୍ଜାତୀୟ ସହଯୋଗ ବିନା ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ଅସମ୍ଭବ । ତେଣୁ, ଜଳବାୟୁ ପରିବର୍ତ୍ତନକୁ ବୁଝିବା ଏବଂ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ସମ୍ବେଦନଶୀଳ ଏବଂ ସାମୂହିକ ଆଭିମୁଖ୍ୟ ଅତ୍ୟାବଶ୍ୟକ ହେବ, ଯାହା ଭବିଷ୍ୟତର ସୁରକ୍ଷା ଏବଂ ସ୍ଥାୟୀତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ । ସଂକ୍ଷେପରେ, ୨୦୨୫ ଆମକୁ ଅନିଶ୍ଚିତତାରେ ପରିପୂର୍ଣ୍ଣ ଭବିଷ୍ୟତର ଏକ ଝଲକ ଦେଇଛି । ରାଜନୈତିକ ସଂଘର୍ଷ, ଜଳବାୟୁ ସଙ୍କଟ, ପ୍ରଯୁକ୍ତିବିଦ୍ୟା ବିପଦ ଏବଂ ସାମାଜିକ ଅସମାନତା ମିଳିତ ଭାବରେ ୨୦୨୬କୁ ଏକ କଷ୍ଟକର ବର୍ଷ କରିଥାଏ । କିନ୍ତୁ ଏହି ଅସୁବିଧାଗୁଡ଼ିକ ଆମକୁ ଏହା ମଧ୍ୟ ଶିଖାଏ ଯେ ସହଯୋଗ, ଦାୟିତ୍ୱ ଏବଂ ଦୂରଦୃଷ୍ଟି ମାଧ୍ୟମରେ, ଆମେ ଏହି ବିପଦଗୁଡ଼ିକୁ ସୁଯୋଗରେ ପରିଣତ କରିପାରିବା । ଆଗାମୀ ବର୍ଷ ମାନବଜାତି ତାର ଭୁଲରୁ ଶିଖିପାରିବ କି ନାହିଁ ଏବଂ ଏକ ଅଧିକ ସ୍ଥିର ଏବଂ ନ୍ୟାୟପୂର୍ଣ୍ଣ ବିଶ୍ୱ ନିର୍ମାଣ କରିପାରିବ କି ନାହିଁ ତାହାର ପରୀକ୍ଷା ହେବ ।


ସୁଜନପୁର, ଯାଜପୁର

ମୋ.୯୪୩୭୨୮୮୦୨୮

ଆପଣ ଜାଣନ୍ତି କି ସାରା ବିଶ୍ୱରେ ଯେକୌଣସି ପର୍ବ ଅପେକ୍ଷା ଢେର୍ ଅଧିକ ଲୋକ ନୂଆବର୍ଷରେ ଉତ୍ସବ ପାଳନ କରନ୍ତି । ତେବେ ସବୁ ସ୍ଥାନରେ ନୂଆବର୍ଷ ପାଳନର ପରମ୍ପରା ସମାନ ନୁହେଁ । ନିଜ ନିଜ ଦେଶର ଆଞ୍ଚଳିକ ଭୌଗୋଳିକ ସ୍ଥିତି, ସାମାଜିକ ଓ ଧାର୍ମିକ ବିଶ୍ୱାସକୁ ନେଇ ନୂଆବର୍ଷ ପାଳନର ପଦ୍ଧତି ଭିନ୍ନ ଭିନ୍ନ । ଆଗାମୀ ବର୍ଷରେ ସ୍ୱାସ୍ଥ୍ୟ, ସମ୍ପଦ, ଖୁସି ଏବଂ ଭାଗ୍ୟକୁ ନିଜର ସାଥୀ କରାଇବା ନିମନ୍ତେ ପ୍ରତ୍ୟେକ ଦେଶ ଭିନ୍ନ ଭିନ୍ନ ପରମ୍ପରା ପାଳନ କରନ୍ତି ।

# ନୂଆବର୍ଷର ଖୁସିରେ ମତୁଆଲା ସାରା ବିଶ୍ୱ






**ପୁର୍ଟୋରିକୋ :** ଜାପାନୀଙ୍କ ପରି ନିଜ ଘର ସଫା କରିବା ଏବଂ ସଜାଇବା ସହ ପୁର୍ଟୋରିକୋ ବାସିନ୍ଦାମାନେ ସବୁକିଛି- ଗାଡ଼ି, ବଗିଚା ଏପରିକି ରାସ୍ତା, ଆଦି ସବୁକିଛି ସଫା କରନ୍ତି । ଗତବର୍ଷର ଦୁର୍ଭାଗ୍ୟ ଘରୁ ବାହାରିଯିବା ପାଇଁ ସେମାନେ ଝରକା ଦେଇ ବାହାରକୁ ବାଲ୍‌ତିଏ ପାଣି ଫିଙ୍ଗନ୍ତି ।

**ଦକ୍ଷିଣ ଆଫ୍ରିକା :** ଦକ୍ଷିଣ ଆଫ୍ରିକା ବିଶେଷ କରି ଜୋହାନ୍ସବର୍ଗ ନିକଟସ୍ଥ ହିଲବ୍ରୋର ବାସିନ୍ଦାମାନେ ଘରକୁ ଏକଦମ୍ ସଫା କରନ୍ତି । ପ୍ରତି ନୂଆବର୍ଷରେ ସେମାନେ କିଛି ପୁରୁଣା ଆସବାବପତ୍ର ବଦଳାଇ ନୂଆ ଆଣନ୍ତି ଏବଂ ଝରକା ଦେଇ ପୁରୁଣା ସାମଗ୍ରୀ ବାହାରକୁ ଫୋପାଡ଼ନ୍ତି ।

**ଇଂଲଣ୍ଡ :** ନୂଆବର୍ଷରେ



ସୌଭାଗ୍ୟ ଘରକୁ ଆସିବା ପାଇଁ ଇଂରେଜମାନେ ନୂଆବର୍ଷରଅତିଥି ଭାବରେ ମୁଣ୍ଡରେ କଳା କେଶ ଥିବା ଯୁବକ ବ୍ରେଡ, ଲୁଣ କିମ୍ବା କୋଇଲା ଉପହାର ନେଇ ଆସିବାକୁ ଅପେକ୍ଷା କରନ୍ତି । ବ୍ରେଡ୍, ଲୁଣ ଓ କୋଇଲା ଯଥାକ୍ରମେ ସମ୍ପୂର୍ଣ୍ଣତା, ସମ୍ପଦ ଓ ସ୍ୱାସ୍ଥ୍ୟର ପ୍ରତିନିଧି ।

**ଜାପାନ :** ଜାପାନର ନବବର୍ଷ ଓଶୋଗାସ୍ତୁ ପାଳନ କରାଯାଏ ପରିବାର ସହ । ସାରା ପରିବାର ଏକାଠି ମିଶି ଘର ସଫା କରନ୍ତି ଓ ସଜାନ୍ତି । ଗଛଲତା, ଫୁଲଫଳ ଓ ବାଉଁଶ ସାମଗ୍ରୀ ନୂଆବର୍ଷ ସାଜସଜ୍ଜାର ମୁଖ୍ୟ ଅଂଶ ।



**ଡେନ୍‌ମାର୍କ :** ନିଜ ଲୋକଙ୍କର ସୌଭାଗ୍ୟ କାମନା କରି ଲୋକମାନେ ସେମାନଙ୍କ ଘର ଆଗରେ ପୁରୁଣା କପ୍ ପ୍ଲେଟ୍ ଭାଙ୍ଗନ୍ତି । ଏଥିପାଇଁ ସେମାନେ ସାରା ବର୍ଷର ପୁରୁଣା ଚିନା ଓ କାଚ ବାସନ ସାଇତି ରଖିଥାନ୍ତି । ଲୋକମାନେ ମଧ୍ୟ ନିଜ ନିଜର ଘର ଆଗରେ ଏସବୁ ଭଙ୍ଗା ବାସନ ଜମା ହେବାରେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ । କାରଣ ସେମାନଙ୍କୁ କେତେ ଲୋକ ଭଲ ପାଆନ୍ତି ଏହାର ପ୍ରମାଣ ଏହା ।

**ଚୀନ୍ :** ନୂଆବର୍ଷରେ ଖୁସି ଏବଂ ସୌଭାଗ୍ୟର ପ୍ରତୀକ ଭାବରେ ଚୀନାମାନେ ନିଜ ଘରର ସାମ୍ନା କବାଟ ଲାଲ୍ ରଙ୍ଗରେ ରଙ୍ଗାନ୍ତି । କହିବାକୁ ଗଲେ ଚୀନ୍ ନବବର୍ଷରେ ସବୁକିଛି ଲାଲ୍ । ପିଲାଙ୍କ ପାଇଁ ଲାଲ ରଙ୍ଗର ଅର୍ଥର ପ୍ୟାକେଟ୍, ବିବାହିତ ଦମ୍ପତିଙ୍କ ପାଇଁ ଲାଲ୍ ରକେଟ୍ ଏବଂ ସମସ୍ତଙ୍କ ପାଇଁ ଲାଲ ଲଣ୍ଠନ ।

**ଲୁସିଆନା :** ଏଠାରେ ଲୋକମାନେ କଳା ଆଖି ଥିବା ମଟର ଓ ବନ୍ଧାକୋବିର ଏକ ବ୍ୟଞ୍ଜନ ଖାଆନ୍ତି ନୂଆବର୍ଷରେ ।

**ବ୍ରାଜିଲ୍ :** ଏଠାରେ ଶିମ୍ବ ନୂଆବର୍ଷ ଉତ୍ସବର ମୁଖ୍ୟ ଖାଦ୍ୟ । ଶିମ୍ବର ବିଭିନ୍ନ ବ୍ୟଞ୍ଜନ ସମସ୍ତଙ୍କ ଘରେ ମିଳେ ଏ ଦିନରେ । ବିଶ୍ୱାସ କରାଯାଏ ଏହା ଆର୍ଥିକ ସମୃଦ୍ଧି ଦିଏ । ଏହା ପୂର୍ବରୁ ମଧ୍ୟରାତ୍ରିରେ ସେମାନେ ୭ଟି କିସ୍‌ମିସ୍ ଖାଆନ୍ତି ।

**ଅଷ୍ଟ୍ରିଆ :** ଆଗାମୀ ବର୍ଷର ଆର୍ଥିକ ସମୃଦ୍ଧି ଆଶାରେ ସେମାନେ ପେପର ମିଣ୍ଟ ଆଇସ୍‌କ୍ରିମ୍ ଖାଆନ୍ତି ।

**ସ୍ପେନ୍ :** ସ୍ପେନ୍‌ର ମଧ୍ୟରାତ୍ରିରେ ଘଣ୍ଟାର ଠନ୍ ଠନ୍ ଆରମ୍ଭ ହେବା ମାତ୍ରେ ଲୋକମାନେ ଅଙ୍ଗୁର୍ ଖାଇବା ଆରମ୍ଭ କରନ୍ତି । ପ୍ରତି ଠନ୍ ଶବ୍ଦ ପାଇଁ ଗୋଟିଏ ଅଙ୍ଗୁର୍ ଏପରି ୧୨ଟି ଅଙ୍ଗୁର ତରବରରେ ଗିଳିଦିଅନ୍ତି ସେମାନେ । ବିଶ୍ୱାସ କରାଯାଏ ଏପରି କରି ନପାରିଲେ ଆଗାମୀ ବର୍ଷର ସୌଭାଗ୍ୟ ଅଟକି ରହିଯିବ ।

**ସ୍ୱିଜରଲ୍ୟାଣ୍ଡ :** ସ୍ୱିସ୍ ବାସିନ୍ଦାମାନେ ନୂଆବର୍ଷରେ ଆଇସ୍‌କ୍ରିମ୍ ଖାଆନ୍ତି ନାହିଁ ବରଂ ତଳେ



ପକାଇ ଦିଅନ୍ତି । ଏହା ଆଗାମୀ ବର୍ଷର ଆର୍ଥିକ ସମୃଦ୍ଧିର ସୂଚକ ।

**ଇଷ୍ଟୋନିଆ :** ଏ ଦେଶରେ ନୂଆବର୍ଷର ଭୋଜନରେ ଶୁଭ ସୂଚକ ସଂଖ୍ୟା ଅର୍ଥାତ୍ ୭,୯ କିମ୍ବା ୧୨ ସଂଖ୍ୟକ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ସେମିତି ସଂଖ୍ୟକ ଲୋକଙ୍କ ପାଇଁ ମଧ୍ୟ ଖାଦ୍ୟ ପ୍ରସ୍ତୁତ କରାଯାଏ ।

**ଫିଲିପାଇନ୍ସ :** ଏଠାରେ ନୂଆବର୍ଷରେ ଗୋଲାକାର ଜିନିଷର ଚାହିଦା ଅଧିକ । ଲୋକମାନେ ଗୋଲ୍ ଖାଦ୍ୟ ଖାଆନ୍ତି, ପକେଟ୍‌ରେ ମୁଦ୍ରା ରଖନ୍ତି, ପୋଲ୍‌କା ଡଟ୍ ଥିବା ପୋଷାକ ପିନ୍ଧନ୍ତି । ଗୋଲ୍ ଏଠାରେ ଅର୍ଥର ପ୍ରତୀକ ।

**ଭିଏତନାମ :** ଭିଏତନାମ୍‌ର ଲୋକମାନେ ନୂଆ ପୋଷାକରେ ନୂଆ ବର୍ଷକୁ ଅପେକ୍ଷା କରନ୍ତି । ହଁ ସେମାନେ ପାରମ୍ପରିକ ପୋଷାକ ଏଓଡାଇ ହିଁ ପରିଧାନ କରନ୍ତି ।

**ରୁଷିଆ :** ରୁଷିଆରେ ନୂଆବର୍ଷ







ଠିକ୍ ଖ୍ରୀଷ୍ଟମାସ ପରି ପାଳନ କରାଯାଏ । ଗ୍ରାଣ୍ଡଫାଦର ଫ୍ରଷ୍ଟ ରାତି ଅଧରେ ପିଲାଙ୍କ ପାଇଁ ଉପହାର ରଖି ଆସନ୍ତି ।

**ଇଟାଲୀ :** ଇଟାଲୀୟମାନେ ନୂଆ ପୋଷାକରେ ନୂଆ ବର୍ଷକୁ ସ୍ୱାଗତ କରନ୍ତି । ଏହା ଉପହାରର ସମୟ । ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଉପହାରର କିଛି କିଛି ଅର୍ଥ ଥାଏ ।

**ତୁର୍କି :** ଏଠାରେ ନୂଆବର୍ଷର ଆଗମନ ସମୟରେ ଲୋକମାନେ ଲାଲ୍ ରଙ୍ଗର ଅନ୍ତର୍ବସ୍ତ୍ର ପିନ୍ଧନ୍ତି। କେବଳ ତୁର୍କି ନୁହେଁ ଇଟାଲୀ, ସ୍ପେନ୍, ମେକ୍ସିକୋରେ ଏହି ପରମ୍ପରା ପ୍ରଚଳିତ । ଏସବୁ ଦେଶରେ ଲାଲ ସମୃଦ୍ଧିର ପ୍ରତୀକ ।

**ସ୍କଟଲ୍ୟାଣ୍ଡ :** ଏଠାରେ ବର୍ଷର ଶେଷଦିନ ଖୁବ୍ ଉତ୍ସବ ମୁଖର । ଉତ୍ସବର ଆଡମ୍ବର ଖ୍ରୀଷ୍ଟମାସକୁ ବଳିଯାଏ । ୧୯୫୮ ପର୍ଯ୍ୟନ୍ତ ସ୍କଟଲ୍ୟାଣ୍ଡ ଚର୍ଚ୍ଚ ଖ୍ରୀଷ୍ଟମାସକୁ ନିଷେଧ କରିଥିଲା । ତେଣୁ ନୂଆବର୍ଷରେ ଖ୍ରୀଷ୍ଟମାସର ଖୁସି ମନାନ୍ତି ସେମାନେ।

**ଅଷ୍ଟ୍ରେଲିଆ :** ପୃଥିବୀର ସର୍ବବୃହତ୍ ନବବର୍ଷ ଉତ୍ସବ ପାଳନ ହୁଏ ଅଷ୍ଟ୍ରେଲିଆର ସିଡ୍‌ନୀ ହାର୍ବରରେ । ହଜାର ହଜାର ଲୋକ ଏହି ଉତ୍ସବ ଦେଖନ୍ତି ଅପେରା ହାଉସ୍ ନିକଟରେ ଜମା ହୋଇ । ସନ୍ଧ୍ୟା ୬ଟାରେ ବିମାନ ଓ ଜାହାଜ କୌଶଳ ପ୍ରଦର୍ଶନ ହୁଏ । ରାତି ୯ଟାରେ ପରିବାର ସହଯୋଗୀ ଆତସବାଜି ପ୍ରଦର୍ଶନ ହୁଏ । ତେବେ ମୁଖ୍ୟ ଆକର୍ଷଣ ହାର୍ବର ଲାଇଟ୍ ପ୍ୟାରେଡ୍ ମଧ୍ୟରାତ୍ରିରେ ଅନୁଷ୍ଠିତ ହୁଏ ।

**ବେଲାରୁଷ :** ବେଲାରୁଷ୍‌ରେ ନୂଆବର୍ଷ ୧୩ ଦିନିଆ ଉତ୍ସବ କାଳିଆଡ଼ିରେ ସାମିଲ । ଏହା ପାଗଳ ସଭ୍ୟତାର ଏକ ଉତ୍ସବ। କ୍ରମେ ଅର୍ଥୋଡକ୍ସ ଖ୍ରୀଷ୍ଟିଆନ୍‌ମାନେ ଏହି ସମୟରେ ବଡ଼ଦିନ ପାଳନ କଲେ ।

**ନେଦରଲ୍ୟାଣ୍ଡ :** ନୂଆବର୍ଷରେ ଆମଷ୍ଟରଡ୍ୟାମ୍ ବିଶ୍ୱର ସର୍ବବୃହତ୍ ଷ୍ଟ୍ରୀଟ୍ ପାର୍ଟି ଉପସ୍ଥାପନା କରେ । ସେମାନେ ଓଲିଏବୋଲେନ୍ ନାମକ ଖାଦ୍ୟ ଖାଆନ୍ତି ଏ ଅବସରରେ । ବିଶ୍ୱାସ କରାଯାଏ ନୂଆବର୍ଷରେ ଏହି ଖାଦ୍ୟ ଖାଇବା ସାରା ବର୍ଷ ପାଇଁ କୁଆତ୍ମାକୁ ଦୂରେଇ ରଖେ ।

**ଆମେରିକା :** ପ୍ରତିବର୍ଷ ହଜାର ହଜାର ଲୋକ ନବବର୍ଷ ଅବସରରେ ନ୍ୟୁୟର୍କ ସହରରେ ସେଓ ଖସିବାକୁ ଉପଭୋଗ କରନ୍ତି । ଏଠାରେ ଆତସବାଜି ଉପରେ କଟକଣା ଜାରି ହେବା ପରେ ଏହି ପରମ୍ପରା ଆରମ୍ଭ ହୋଇଥିଲା । ଅନ୍ୟ ସହରମାନଙ୍କରେ ଭିନ୍ନ ଭିନ୍ନ ଫଳ ଖସାଯାଏ ।

**କଲମ୍ବିଆ :** ଏଠାରେ ନୂଆବର୍ଷ ରାତିରେ ଲୋକମାନେ ଖାଲି ସୁଟକେଶ୍ ଧରି ବୁଲନ୍ତି । ଆଶା କରନ୍ତି ନୂଆ ବର୍ଷ ଭ୍ରମଣର ଅନେକ ସୁଯୋଗ ଆଣିବ ।

**ଜାପାନ :** ଜାପାନରେ ନୂଆବର୍ଷରେ ଜୋୟା ନୋ କାନେ ନାମକ ବୌଦ୍ଧ ରୀତି ପାଳିତ ହୁଏ । ଲୋକମାନେ ମନ୍ଦିରର ଘଣ୍ଟି ୧୦୮ଥର ବଜାନ୍ତି । ବୌଦ୍ଧଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ୧୦୮ ପ୍ରକାର କାମନା ମନୁଷ୍ୟର ଦୁଃଖର କାରଣ । ଆଗାମୀ ବର୍ଷରେ ସେସବୁ କାମନାରୁ ମୁକ୍ତି ପାଇବା ପାଇଁ ୧୦୮ଥର ଘଣ୍ଟି ବଜାଯାଏ ।

**ଚିଲି :** ଏଠାରେ ଲୋକମାନେ ପୁରୁଣା ବର୍ଷର ଶେଷଦିନ କବରଖାନାରେ ଶୁଅନ୍ତି । ବିଶ୍ୱାସ କରାଯାଏ ପ୍ରିୟଜନଙ୍କ ଆତ୍ମା ନୂଆବର୍ଷ ସେମାନଙ୍କ ସହ ନୂଆବର୍ଷକୁ ସ୍ୱାଗତ କରନ୍ତି ।

## ଆମ ଦେଶରେ ଆଞ୍ଚଳିକ ନୂଆବର୍ଷର ପରମ୍ପରା





ଆଜି ସମଗ୍ର ବିଶ୍ୱରେ ପାଳିତ ହେବ ଗ୍ରେଗୋରିଆନ୍ ନୂଆ ବର୍ଷ। ତେବେ, ଭାରତୀୟ ସାମାଜିକ ସଂସ୍କୃତିରେ ବର୍ଷର ଭିନ୍ନ ଭିନ୍ନ ସମୟରେ ନୂଆ ବର୍ଷ ପାଳନ ପରମ୍ପରା କେଉଁ କାଳୁ ରହିଛି। ବିଭିନ୍ନ ଧର୍ମ, ସଂପ୍ରଦାୟ, ଗୋଷ୍ଠୀ ଏବଂ ଅଞ୍ଚଳ ଭିତ୍ତିରେ ନୂଆ ବର୍ଷ ଭିନ୍ନ ଭିନ୍ନ। ତା'ହେଲେ ଆସନ୍ତୁ ଦେଖିବା କିଏ କେବେ ପାଳନ୍ତି ନିଜ ନିଜର ପାରମ୍ପରିକ ନୂଆବର୍ଷ।

**ଯୁଗାଦି :** ତେଲୁଗୁ ଓ କନ୍ନଡ଼ ନବ ବର୍ଷକୁ ଯୁଗାଦି କୁହାଯାଏ । ସଂସ୍କୃତ ଶବ୍ଦ ଯୁଗ ଓ ଆଦି ମିଶି ହୋଇଛି ଯୁଗାଦି। ଏହାର ଅର୍ଥ ଯୁଗର ଆରମ୍ଭ। ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ମାର୍ଚ୍ଚ ବା ଏପ୍ରିଲରେ ଏହା ପାଳିତ ହୁଏ । ଯୁଗାଦି ନବ ବର୍ଷର ପ୍ରଥମ ମାସ ଚୈତ୍ର ।

**ଗୁଡ଼ି ପଡ଼ୱା :** ମରାଠାମାନେ ମଧ୍ୟ ଚୈତ୍ର ଶୁକ୍ଳ ପ୍ରତିପଦାରେ ନବ ବର୍ଷ ପାଳନ କରନ୍ତି । ଏହା ଗୁଡ଼ି ପଡ଼ୱା





ଭାବେ ପ୍ରସିଦ୍ଧ । ଗୁଡ଼ିର ଅର୍ଥ ବିଜୟ ପତାକା ଏବଂ ପଡ଼ୱାର ଅର୍ଥ ପ୍ରଥମ ଦିନ ବା ପ୍ରତିପଦା । ଛତ୍ରପତି ଶିବାଜୀ ବିଜୟ ଧ୍ୱଜା ଉଡାଣ ପରମ୍ପରା ଆରମ୍ଭ କରିଥିଲେ ।

**ଚେଟୀଚଣ୍ଡ :** ଭାରତ ଓ ପାକିସ୍ତାନରେ ବାସ କରୁଥିବା ସିନ୍ଧିମାନେ ଚୈତ୍ର ଶୁକ୍ଳ ଦ୍ୱିତୀୟା ଦିନ ନବ ବର୍ଷ ପାଳନ କରନ୍ତି । ସିନ୍ଧୀ ନବ ବର୍ଷ ଚେଟୀଚଣ୍ଡ ଭାବେ ପ୍ରସିଦ୍ଧ । ଚୈତି ଚାନ୍ଦ ଶବ୍ଦର ଅପଭ୍ରଂଶ ଏହା। ଏହାକୁ ସିନ୍ଧିମାନଙ୍କର ଇଷ୍ଟ ଦେବତା ଝୁଲେଲାଲଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ ।

**ପୁଥାଣ୍ଡୁ ଓ ଭିଷୁ :** ତାମିଲ ନବ ବର୍ଷ ପୁଥାଣ୍ଡୁ ଏପ୍ରିଲ ମଧ୍ୟ ଭାଗରେ ପାଳିତ ହୁଏ । ଏହି ଦିନ ମଦୁରାଇର ମୀନାକ୍ଷୀ ମନ୍ଦିରରେ ବିଶେଷ ଉତ୍ସବ ଅନୁଷ୍ଠିତ ହୁଏ । କେରଳୀ ନବ ବର୍ଷକୁ ଭିଷୁ କୁହାଯାଏ । ତାମିଲ ଓ କେରଳୀ ନବ ବର୍ଷ ଏପ୍ରିଲ ୧୩-୧୫ ମଧ୍ୟରେ ପଡ଼େ ।

**ଚୈରୁବା :** ମଣିପୁରୀ ନବ ବର୍ଷ ଚୈରୁବା ଏପ୍ରିଲ ୧୪ ରେ ପାଳିତ ହୁଏ।

**ବୈଶାଖୀ :** ଏହା ପଞ୍ଜାବୀ ନବ ବର୍ଷ । ଏପ୍ରିଲ ୧୪ରେ ପାଳିତ ହୁଏ । ଶିଖ୍ ଧର୍ମାବଲମ୍ବୀମାନେ ନାନକଶାହି କ୍ୟାଲେଣ୍ଡର ଅନୁଯାୟୀ ହୋଲି ପରଦିନକୁ ନବବର୍ଷ ଭାରତରେ ପାଳନ କରନ୍ତି।

**ହିନ୍ଦୁ ନବ ବର୍ଷ :** ଚୈତ୍ରମାସ ଶୁକ୍ଳ ପ୍ରତିପଦାକୁ ହିନ୍ଦୁ ନବ ବର୍ଷ ଭାବରେ ପାଳନ କରାଯାଏ। ହିନ୍ଦୁ ଧାର୍ମିକ ମାନ୍ୟତା ଅନୁଯାୟୀ ଭଗବାନ ବ୍ରହ୍ମା ଏହି ଦିନ ସୃଷ୍ଟି ରଚନା ଆରମ୍ଭ କରିଥିଲେ।

**ଜୈନ ନବ ବର୍ଷ :** ଜୈନ ଧର୍ମାବଲମ୍ବୀମାନେ ଦୀପାବଳି ପରଦିନକୁ ନବ ବର୍ଷ ଭାବରେ ପାଳନ କରନ୍ତି। ଏହା ଭଗବାନ ମହାବୀରଙ୍କ ମୋକ୍ଷ ଦିବସ ଭାବରେ ପାଳନ କରାଯାଏ।

**ଇସ୍‌ଲାମ ନବ ବର୍ଷ :** ଇସ୍‌ଲାମ ଧର୍ମାବଲମ୍ବୀମାନେ ହିଜ୍‌ରି କ୍ୟାଲେଣ୍ଡର ଅନୁଯାୟୀ ମହରମ ମାସର ପ୍ରଥମ ଦିନକୁ ନବ ବର୍ଷ ହିଜ୍‌ରି ଭାବରେ ପାଳନ କରନ୍ତି।

**ବିଷୁବ ସଂକ୍ରାନ୍ତି :** ଓଡ଼ିଆ ନବ ବର୍ଷ । ଏପ୍ରିଲ ୧୪ରେ ପାଳିତ ହୁଏ ।

**ପଏଲା ବୈଶାଖ ଓ ରଙ୍ଗୋଲି ବିହୁ :** ଏପ୍ରିଲ ୧୪-୧୫ ମଧ୍ୟରେ ପଶ୍ଚିମ ବଙ୍ଗ ଓ ଆସାମରେ ନବ ବର୍ଷ ପାଳିତ ହୁଏ । ବଙ୍ଗଳା ନବ ବର୍ଷର ନାମ ପଏଲା ବୈଶାଖ ଓ ଅହମୀୟ ନବ ବର୍ଷ ହେଉଛି ରଙ୍ଗୋଲି ବିହୁ ।

**ମାରୱାଡ଼ି ଓ ଗୁଜରାଟୀ ନବ ବର୍ଷ :** ମାରୱାଡ଼ିମାନେ ଆଶ୍ୱିନ କୃଷ୍ଣ ପକ୍ଷ ଅମାବାସ୍ୟା ବା ଦୀପାବଳିରେ ଏବଂ ଗୁଜରାଟୀମାନେ କାର୍ତ୍ତିକ ଶୁକ୍ଳ ପକ୍ଷ ପ୍ରତିପଦା ବା ଦୀପାବଳି ପର ଦିନ ନବ ବର୍ଷ ଭାବରେ ପାଳନ କରନ୍ତି ।



ସବୁ ଦେଶ ଗୋଟିଏ କ୍ୟାଲେଣ୍ଡରକୁ ଅନୁସରଣ କରନ୍ତି ନାହିଁ । ସବୁ ସଂସ୍କୃତିରେ ଜାନୁଆରୀ ପହିଲା ନବ ବର୍ଷ ନୁହେଁ । ସାଂସ୍କୃତିକ ପରମ୍ପରା ଅନୁଯାୟୀ ଚାଇନା, ଭାରତ ଓ ଇସ୍ରାଏଲ ଭଳି ରାଷ୍ଟ୍ର ଗୁଡ଼ିକ ଭିନ୍ନ ଭିନ୍ନ ପଂଜିକା ଅନୁସରଣ କରିଆସୁଛନ୍ତି । ତେଣୁ ନବ ବର୍ଷ ଦେଶ, ଜାତି, ଧର୍ମ ଅନୁଯାୟୀ ଭିନ୍ନ ଭିନ୍ନ । ଅଷ୍ଟ୍ରେଲିଆରେ ଡିସେମ୍ବର ୩୧ରୁ ନବ ବର୍ଷ ପାଳନ ଉତ୍ସବ ଆରମ୍ଭ ହୋଇ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲେ । ଏକ ସମୟରେ ଫ୍ରେଞ୍ଚମାନେ ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ଭାଗ ମଧ୍ୟରେ ନବ





ବର୍ଷ ପାଳନ କରୁଥିଲେ । ୧୫୮୨ରେ ଗ୍ରେଗୋରିଆନ କ୍ୟାଲେଣ୍ଡରର ପ୍ରଚଳନ ପରେ ଅନ୍ୟ ଇଉରୋପୀୟଙ୍କ ଭଳି ସେମାନେ ମଧ୍ୟ ଜାନୁଆରୀ ପହିଲାକୁ ନବ ବର୍ଷ ଭାବେ ଗ୍ରହଣ କରିଥିଲେ । ୧୭୫୨ ମସିହାରେ ଇଂଲଣ୍ଡ ସରକାର ଜାନୁଆରୀ ପହିଲାକୁ ନବ ବର୍ଷ ଭାବେ ଗ୍ରହଣ କରିବା ସହ ସମସ୍ତ ଉପନିବେଶରେ ଲାଗୁ କରିଥିଲେ । ଇଂଲଣ୍ଡର ସର୍ବ ବୃହତ୍ ଉପନିବେଶର ବାସିନ୍ଦା ଭାବେ ଭାରତୀୟମାନେ ସେତେବେଳେ ଏହାକୁ ଗ୍ରହଣ କରିଥିଲେ । ୧୭୫୨ରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଜାନୁଆରୀ ପହିଲାକୁ ନବ ବର୍ଷ ଭାବେ ଗ୍ରହଣ କରିଥିଲା । ଚାଇନା ଓ ସିଙ୍ଗାପୁରରେ ଚାଇନିଜ୍ ଚନ୍ଦ୍ର ପଂଜିକା ଅନୁଯାୟୀ ବସନ୍ତ ଋତୁରେ ନବ ବର୍ଷ ପାଳିତ ହୁଏ । ଏହା ୨୧ ଜାନୁଆରୀରୁ ୨୧ ଫେବୃଆରୀ ମଧ୍ୟରେ ପଡ଼େ । ଭିଏତ୍‌ନାମୀମାନେ ମଧ୍ୟ ଏକା ଦିନରେ ନବ ବର୍ଷ ପାଳନ କରନ୍ତି । ଆଜିକାଲି ଅନେକ ଚାଇନିଜ୍ ଜାନୁଆରୀ ପହିଲାକୁ ନବ ବର୍ଷ ଭାବେ ଗ୍ରହଣ କଲେଣି । ଜାପାନ୍‌ରେ ଏକଦା ଚାଇନିଜ୍ ପଞ୍ଜିକା ଅନୁସରଣ କରାଯାଉଥିଲା । ୧୮୭୩ରେ ଜାପାନୀମାନେ ଗ୍ରେଗୋରିଆନ୍ କାଲେଣ୍ଡର ଗ୍ରହଣ କରିଥିଲେ । ପାରସୀ ଓ ଇରାନୀ ମାନେ ମାର୍ଚ୍ଚ ୨୦ ବା ୨୧ରେ ନବ ବର୍ଷ ପାଳନ୍ତି । ଏହାକୁ ନବ୍‌ରୋଜ କୁହାଯାଏ । ବାହାଇ ଧର୍ମାବଲମ୍ବୀମାନେ ୨୧ ମାର୍ଚ୍ଚରେ ନବ ବର୍ଷ ପାଳନ କରନ୍ତି ।

ବିଶ୍ୱାସ କରାଯାଏ ଆଜିଠାରୁ ୪ହଜାର ବର୍ଷ ପୂର୍ବେ ବାବିଲୋନ୍ ଠାରେ ନୂଆବର୍ଷର ଉତ୍ସବ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ତେବେ ଜାନୁଆରୀ ୧ ତାରିଖରେ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରାଯାଉଥିବା ନବ ବର୍ଷର ପରମ୍ପରା ରୋମାନ୍ କ୍ୟାଲେଣ୍ଡରରୁ ଆରମ୍ଭ ହୋଇଥିଲା। ପାରମ୍ପରିକ ରୋମାନ୍ କ୍ୟାଲେଣ୍ଡରରେ ନବ ବର୍ଷ ମାର୍ଚ୍ଚ ୧ ତାରିଖରେ ହେଉଥିଲା। କିନ୍ତୁ ରୋମ୍‌ର ପ୍ରସିଦ୍ଧ ସମ୍ରାଟ୍ ଜୁଲିଅସ୍ ସିଜର ନିଜ ନାମରେ ଗୋଟିଏ ମାସ ପ୍ରବର୍ତ୍ତନ କଲେ। ଏହାପରେ ରୋମ୍‌ର ସମ୍ରାଟ ହୋଇଥିବା ଜୁଲିଅସ୍ ସିଜରଙ୍କ ପୁତୁରା ଅଗଷ୍ଟ ସିଜର ନିଜ ନାମରେ ଅଗଷ୍ଟ ମାସଟି ପ୍ରଚଳନ କଲେ। ଏହାଫଳରେ ବର୍ଷ ମାର୍ଚ୍ଚ ବଦଳରେ ଜାନୁଆରୀରୁ ଆରମ୍ଭ ହେଲା।

ସାରା ବିଶ୍ୱରେ ନୂଆବର୍ଷ ପାଳନର ପରମ୍ପରା ଭିନ୍ନ ଭିନ୍ନ। ନିଜ ସଂସ୍କୃତି ଏବଂ ଧର୍ମୀୟ ମାନ୍ୟତା ଅନୁଯାୟୀ ସମସ୍ତେ ନବବର୍ଷ ପାଳନ କରନ୍ତି। ଦକ୍ଷିଣ ଆଫ୍ରିକୀୟ ଦେଶମାନଙ୍କରେ ନୂଆ ବର୍ଷରେ ବିଟ୍ ଶାଗ ଏବଂ ଗୋଟା ଶସ୍ୟ ଖାଇବାର ପରମ୍ପରା ରହିଛି। ସ୍ପେନ୍‌ରେ ନୂଆ ବର୍ଷ ରାତି ୧୨ଟାରେ ସତେଜ ଅଙ୍ଗୁର ଖାଇବାର ପରମ୍ପରା ରହିଛି। ସେମାନଙ୍କର ବିଶ୍ୱାସ ନୂଆବର୍ଷ ଆରମ୍ଭରେ ଅଙ୍ଗୁର ଖାଇଲେ ସାରା ବର୍ଷ ସୁସ୍ଥତା କଟିବ। ଚୀନ୍‌ରେ ମାସେ ପୂର୍ବରୁ ନୂଆବର୍ଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଲୋକେ ନିଜ ଘର ସଫାସୁତୁରା କରି ନୂଆ ରଙ୍ଗ ଦିଅନ୍ତି। ନୂଆବର୍ଷରେ ଲାଲ୍ ରଙ୍ଗ ଖୁବ୍ ଶୁଭ ବୋଲି ଚୀନା ମାନେ ବିଶ୍ୱାସ କରନ୍ତି। ତେଣୁ ସେମାନେ ସେ ଦିନ ଲାଲ୍ ରଙ୍ଗର ବସ୍ତ୍ର ପିନ୍ଧନ୍ତି ।





# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨ ଜାନୁଆରୀ ୨୦୨୬ । ଶୁକ୍ରବାର


## ଜନଜୀବନରେ ପରିବର୍ତ୍ତନର ଦିଗଦର୍ଶକ ଟାଟା ଷ୍ଟିଲ୍

**କଳିଙ୍ଗନଗର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) କେବଳ ଏକ ଶିଳ୍ପ ଉତ୍ପାଦନ କେନ୍ଦ୍ର ଭାବେ ନୁହେଁ, ବରଂ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଓ ଆର୍ଥିକ ଗତିଶୀଳତାର ଏକ ଶକ୍ତିଶାଳୀ ଦିଗଦର୍ଶକ ଭାବେ ଆତ୍ମପ୍ରକାଶ କରିଆସୁଛି। ନିଜ କାର୍ଯ୍ୟସଂସ୍କୃତିର ମୂଳରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ସ୍ଥାନ ଦେଇ, ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଯୋଗରେ ପ୍ଲାଣ୍ଟ ଆଖପାଖ ଗ୍ରାମଗୁଡ଼ିକର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି। ଏହି ପରିବର୍ତ୍ତନର ସବୁଠାରୁ ସ୍ପଷ୍ଟ ଦୃଶ୍ୟ ହେଉଛି ଅଞ୍ଚଳରେ ଏକ ନୂତନ ମହିଳା ନେତୃତ୍ୱର ଉଦୟ। 'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଓ ସ୍ୱାଧୀନ ଆର୍ଥିକ ପରିଚ୍ଳାନାରେ ଦକ୍ଷତା ହାସଲ କରିଛନ୍ତି। ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିବା ଏହି ମହିଳାମାନେ ଆଜି ବୋର୍ଡରୁମ୍ ପର୍ଯ୍ୟନ୍ତ ନିଜ ଉପସ୍ଥିତି ଜଣାଇପାରୁଛନ୍ତି। 'ନବଜୀବନ ସମବାୟ ସମିତି' ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ସଂଗ୍ରହ କରୁଥିବା ବେଳେ, ପାରମ୍ପରିକ ସଉରା କଳାକୁ ମୁମ୍ବାଇର 'କାଲା ଘୋଡା ଆର୍ଟ ଫେଷ୍ଟିଭାଲ୍' ଭଳି ଜାତୀୟ ସ୍ତରର ମଞ୍ଚରେ ପହଞ୍ଚାଇଛି। ଦୀର୍ଘସ୍ଥାୟୀ ବିକାଶ ଦିଗରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପ୍ରୟାସ ମଧ୍ୟ ସେତିକି ଦୃଢ଼। ୩୦୦ ମିଲିୟନ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି, ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଏବଂ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରାଯାଇଛି। ଏହା ସହ ପରିବେଶ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଦେଖାଇ, 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ସମ୍ପ୍ରତି ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ଦିଆଯାଇଛି, ଯାହାର ୭୦ ପ୍ରତିଶତ ହେଉଛନ୍ତି ଛାତ୍ରୀ। ଏହା ସହିତ, ଟାଟା ଷ୍ଟିଲ୍ ଫାଉଣ୍ଡେସନ ୩,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଶିକ୍ଷା ମାଧ୍ୟମରେ ଆଦିବାସୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛି। ଦାନଗଦିର ମଲ୍ଟି–ସ୍କିଲ୍ ସେଣ୍ଟର ଠାରୁ ଆରମ୍ଭ କରି ୩୯ଟି ପଞ୍ଚାୟତରେ ଚାଲୁଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ ପର୍ଯ୍ୟନ୍ତ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଏହି ଯାତ୍ରା ସାମଗ୍ରିକ ଓ ସମାବେଶୀ ବିକାଶର ଏକ ଆଦର୍ଶ ମଡେଲ୍ ଭାବେ ଆଜି ପରିଚିତ ହୋଇପାରିଛି।

## ସମ୍ ହସ୍ପିଟାଲ୍‌ରେ ନୂଆବର୍ଷ

**ଭୁବନେଶ୍ୱର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଗୁରୁବାର ହସ୍ପିଟାଲ ପରିସରରେ ନୂଆବର୍ଷ ପାଳନ କରାଯାଇଛି।

ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ପ୍ରଫେସର (ଡାକ୍ତର) ମିଶ୍ର ୨୦୨୫ ବର୍ଷରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଯେଉଁ ସଫଳତା ହାସଲ କରିଛି ତାହାର ସମସ୍ତ ଶ୍ରେୟ ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସକିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଜଣାଇଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସହଯୋଗ ଓ ଅବଦାନ ଯୋଗୁଁ ଆଇଏମ୍ଏସ ଆଣ୍ଡ ସମ ହସ୍ପିଟାଲ୍ ଶୀର୍ଷରେ ପହଂଚିପାରିଛି ବୋଲି ପ୍ରଫେସର ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସକିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ ୨୦୨୫ରେ ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ୍ ଶିକ୍ଷାନୁଷ୍ଠାନ ଭାବରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ସ୍ଥାନୀତ ହୋଇଛି। ସ୍ୱାସ୍ଥ୍ୟ ସେବା, ବିଶ୍ୱାସ, ରୋଗୀଙ୍କ ମୁଖରେ ହସ ଫୁଟାଇବା, ଉତ୍ସାହର ସହ ସେବା ପ୍ରଦାନ କରିବା ସହିତ ନିଜର ଦାୟିତ୍ୱ ପ୍ରତି ତତ୍ପର ହେବା ପାଇଁ ମେଡିକାଲ୍ ସୁପରିଟେଣ୍ଡେଂଟ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ହସ୍ପିଟାଲ୍‌ର ସର୍ଜରୀ ବିଭାଗର ଏମିରେଟସ୍ ପ୍ରଫେସର ବିଶ୍ୱନାରାୟଣ ମହାଁ ଯୋଗ ଦେଇ କହିଥିଲେ ଯେ ଡାକ୍ତରୀ ଶିକ୍ଷା ଗ୍ରହଣ ନିମନ୍ତେ ଦେଶ ତଥା ବିଦେଶର ଛାତ୍ରଛାତ୍ରୀମାନଙ୍କର ପ୍ରଥମ ପସନ୍ଦ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଅବସରରେ ହସ୍ପିଟାଲ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କମ୍ୟୁନିଟି ମେଡିସିନ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସ୍ମିତି ମଧୁସ୍ମିତା ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୋଳିରୁ ପଡି ଯୁବକଙ୍କ ମୃତ୍ୟୁ

**ବଲାଙ୍ଗୀର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡରେ ଜମୁଛି ଧନୁଯାତ୍ରା। କଂସ ଗର୍ଜନରେ କମ୍ପୁଛି ଦରବାର। ଲାଗିଛି ଲୋକଙ୍କ ଗହଳି। ଧନୁଯାତ୍ରାରେ ପଡିଥିବା ମୀନାବଜାରରେ ବି ଭିଡ଼ ଜମୁଛି। ଆଉ ଯାତ୍ରା ସହ ମୀନାବଜାରର ମଜା ନେବାକୁ କାହାର ବା ପସନ୍ଦ ନୁହେଁ। ଏମିତି ମନ କରି ମିଳନ ଯାଇଥିଲେ ବୁଲି। ମୀନାବଜାରରେ ବୁଲୁ ବୁଲୁ ଇଚ୍ଛା ହୋଇଥିଲା ଦୋଳି ଖେଳିବାକୁ।

ଏମିତି ଦୋଳି ଖେଳୁ ଖେଳୁ ଚାଲିଗଲା ଜୀବନ। ବରଗଡ ଧନୁଯାତ୍ରାରେ ନଜର ଆସିଛି ଅଭାବନୀୟ ଘଟଣା। ବରଗଡ ସଦର ଥାନା ଅନ୍ତର୍ଗତ ସରଗାଡ଼ ପଞ୍ଚାୟତର ଝାରମୁଣ୍ଡା ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା। ମୃତ ଯୁବକ ଜଣକ ହେଲେ ମିଳନ ସାହୁ।

ସୂଚନା ଥାଉକି, ଝାରମୁଣ୍ଡା ଠାରେ ଚାଲିଥିବା କଂସ ଦରବାରରେ ମୀନା ବଜାରର ଲେହେଟି ଦୋଳିରୁ ଖସି ପଡ଼ିଥିଲେ। ସଂଗେ ସଂଗେ ଯୁବକଙ୍କୁ ଉଦ୍ଧାର କରି ଲୋକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କେମିତି କେଉଁ କାରଣରୁ ଏଭଳି ଘଟଣା ଘଟିଲା ସେନେଇ ତଦନ୍ତ କରୁଛି ପୋଲିସ।

## ସାପ କାମୁଡ଼ାରେ ଜଣଙ୍କ ପ୍ରାଣହାନୀ

**ଅନୁଗୁଳ,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଷାକ୍ତ ଚିତିସାପ କାମୁଡିବାରୁ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ବେଳେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ ପୁରୁଣାକୋଟ ଥାନା ଅନ୍ତର୍ଗତ କୁମୁରୀ ଗ୍ରାମର ଜନାର୍ଦ୍ଦନ ସାହୁଙ୍କ ପୁଅ ଗିରିଧାରୀ ସାହୁ ବୁଧବାର ରାତିରେ ଘରେ ପୁଅ ସହିତ ଶୋଇଥିବା ବେଳେ ଏକ ବିଷାକ୍ତ ଚିତିସାପ ତାଙ୍କୁ କାମୁଡ଼ି ଦେଇଥିଲା। ଯାହା ଫଳରେ ସେ ଅସୁସ୍ଥ ଅନୁଭବ କରିଥିଲେ। ପ୍ରଥମେ ଘରଲୋକେ ଜାଣିପାରି ନଥିଲେ ଶୋଇବା ସ୍ଥାନରୁ ଚିତିସାପ ବାହାରିବା ପରେ ଜାଣିଲେ ତାଙ୍କୁ ସାପ କାମୁଡ଼ିଛି। ସଙ୍ଗେ ସଙ୍ଗେ ଘର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବେଳାଭୂମି ସଫେଇ ଓ ସଚେତନତା

**ରାଜନଗର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ବଣଭୋଜି କରିବା ସହିତ ମଉଜ ମଜଲିସ କରି ଫେରି ଯାଇଛନ୍ତି । ସେମାନେ ବ୍ୟବହାର କରିଥିବା ପଲିଥିନ, ଥାଳି ପ୍ରଭୃତି ବର୍ଜ୍ୟବସ୍ତୁ ଯୋଗୁଁ ବେଳାଭୂମି ଆବର୍ଜନାରେ ପରିଣତ ହୋଇଥିଲା। ନିକଟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ପେଣ୍ଠ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ଥାନୀୟ ପ୍ରଶାସନ, ପଲିସ ଓ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ବନବିଭାଗ ପକ୍ଷରୁ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନକୁମାର ନାୟକ, ରାଜନଗରରେ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟକୁମାର ପାତ୍ର, ଫରେଷ୍ଟର ତ୍ରିଦୀପ ପ୍ରଧାନ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଦୋଳଗୋବିନ୍ଦ ନାୟକଙ୍କ ସହ ବନକର୍ମଚାରୀ, ଯୁକେ ମହାବୀର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ପେଣ୍ଠ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବେଳାଭୂମିକୁ ସଫେଇ କରିଥିଲେ। ପ୍ରଥମେ ସମସ୍ତେ ଶପଥପାଠ କରିଥିଲେ। ପରେ ସଫେଇ କରାଯାଇଥିଲା। ବେଳାଭୂମିରେ ବହୁ ସଂଖ୍ୟାରେ ଉଠା ଦେକାନୀମାନଙ୍କୁ ବାରଣ କରାଯାଇଛି । ବେଳାଭୂମି ପ୍ରଦୂଷଣ ନକରିବା ପାଇଁ ସଚେତନ କରାଯାଇଛି ।

## ମଣ୍ଡପଡା–ରାମଠେଙ୍ଗା ରାସ୍ତା ପାଇଁ ଭିତ୍ତିପ୍ରସ୍ତର

**କଳିଙ୍ଗନଗର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଦାନଗଦି ବ୍ଲକ ରଣାଗୁଣ୍ଡି ପଞ୍ଚାୟତର ମଣ୍ଡପଡା ପୂର୍ତ୍ତବିଭାଗ ରାସ୍ତାଠାରୁ ରାମଠେଙ୍ଗା ଭାୟା ନକୁଳ ସାହି ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତ ସ୍ଥାପନା ଆଜି ରାଜ୍ୟ ସରକାରଙ୍କ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା କରାଯାଇଛି। ଦୀର୍ଘବର୍ଷ ଧରି ଯାତାୟାତ ସମସ୍ୟାରେ ପୀଡ଼ିତ ଅଞ୍ଚଳବାସୀଙ୍କ ପାଇଁ ଏହି ରାସ୍ତା ନିର୍ମାଣ ଏକ ବଡ଼ ଆଶ୍ୱସ୍ତି ଆଣିଛି। ଭିତ୍ତିପ୍ରସ୍ତ ସ୍ଥାପନା ଅବସରରେ ମନ୍ତ୍ରୀ ଶ୍ରୀ ସାମନ୍ତ କହିଥିଲେ, 'ଗାଁର ରାସ୍ତା ଭଲ ହେଲେ ଗାଁର ବିକାଶ ଆପେଆପେ ଆସେ। ଅଞ୍ଚଳବାସୀଙ୍କ ସୁବିଧା ଓ ଦୀର୍ଘଦିନର ଦାବୀ ପୂରଣ କରିବା ସରକାରଙ୍କ ପ୍ରଥମ ପ୍ରାଥମିକତା।' ଉଲ୍ଲେଖଯୋଗ୍ୟ ଯେ, ଏହି ରାସ୍ତା ନିର୍ମାଣ ଅଞ୍ଚଳବାସୀଙ୍କ ବହୁଦିନର ଦାବି ଥିଲା। ରାସ୍ତା ଅଭାବରୁ ଛାତ୍ରଛାତ୍ରୀ, ରୋଗୀ, କୃଷକ ଓ ସାଧାରଣ ଲୋକେ ଦୀର୍ଘଦିନ ଧରି ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷକରି ବର୍ଷା ଋତୁରେ ଏହି ଅଞ୍ଚଳର ଗମନାଗମନ ପୂରାପୁରି ବାଧାପ୍ରାପ୍ତ ହୋଇଯାଉଥିଲା। ନୂତନ ରାସ୍ତା ନିର୍ମାଣ ହେଲେ ଅଞ୍ଚଳର ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହେବା ସହ ସ୍କୁଲ, ହସ୍ପିଟାଲ୍ ଓ ବଜାର ସହ ସଂଯୋଗ ଅଧିକ ସହଜ ହେବ। ଏହା ସହ ଅଞ୍ଚଳର କୃଷି, ବ୍ୟବସାୟ ଓ ସାମଗ୍ରିକ ଅର୍ଥନୈତିକ ପ୍ରଗତିରେ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି। ବହୁଦିନର ଦାବି ପୂରଣ ହେବାରୁ ଅଞ୍ଚଳବାସୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଗ୍ରାମୀଣ ରାସ୍ତା ଠାରୁ ଆରମ୍ଭ କରି ମୌଳିକ ସୁବିଧା ପର୍ଯ୍ୟନ୍ତ, ଦୀର୍ଘଦିନର ଅବହେଳିତ ସୁକିନ୍ଦାକୁ ଉନ୍ନତିର ମୁଖ୍ୟଧାରାରେ ଆଣିବା ତାଙ୍କର ସ୍ୱଚ୍ଛ ରାଜନୈତିକ ସଙ୍କଳ୍ପର ପ୍ରତିଫଳନ। ଦୀର୍ଘଦିନର ଅବହେଳିତ ଅଞ୍ଚଳଗୁଡ଼ିକୁ ସରକାରୀ ଯୋଜନାର ସିଧାସଳଖ ଲାଭ ପହଞ୍ଚାଇବା ସହ ଲୋକଙ୍କ ଆବଶ୍ୟକତାକୁ ଶୁଣି ତୁରନ୍ତ ସିଦ୍ଧାନ୍ତ ନେବା ମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ସୁକିନ୍ଦାକୁ ଏକ ନୂତନ ଉନ୍ନତି ପଥରେ ଆଗେଇ ନେଉଛି। ଏହି କାର୍ଯ୍ୟଦକ୍ଷତା ଆଜି ସୁକିନ୍ଦାର ରାଜନୀତିକୁ 'ଘୋଷଣା ନୁହେଁ, କାମ' ଦିଗରେ ନେଇଯାଇଛି ବୋଲି ସ୍ଥାନୀୟ ଜନସାଧାରଣ କହୁଛନ୍ତି।

## ହରି ଓଁ ଜୟ ଜଗନ୍ନାଥ ବିଶ୍ୱ ପ୍ରାର୍ଥନା ଦିବସ

**ମାହାଙ୍ଗା,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱର ସଙ୍କଟ ଦୂର ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଞ୍ଚାୟତସ୍ଥିତ ବିଦେଇ ମହାପୁରୁଷ ପରିସରରେ ହରି ଓଁ ଜୟ ଜଗନ୍ନାଥ ବିଶ୍ୱ ପ୍ରାର୍ଥନା ଦିବସ ଶିବ ପ୍ରସାଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏହି ପଞ୍ଚାୟତର ଉପର ବରାହୀପୁର, ମଝି ବରାହୀପୁର ଓ ତଳ ବରାହୀପୁର ଆଦି ଗ୍ରାମକୁ କୀର୍ତ୍ତନ ମଣ୍ଡଳୀ ପରିକ୍ରମା କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ଏହି କୀର୍ତ୍ତନ ମଣ୍ଡଳୀ ମହାପୁରୁଷଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ । ପଣ୍ଡିତ ଉପେନ୍ଦ୍ର ନାଥ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ କିଶୋର ଦାସ, କୈଳାସ ବେହେରା, ଶିବ ନାରାୟଣ ରାଉତ, ବିଶ୍ୱନାଥ ନାୟକ, ଉତ୍କଳ କେଶରୀ ସ୍ୱାଇଁ, ତୁଷାରକାନ୍ତ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, କନକଲତା ସ୍ୱାଇଁ, ଲିଲି ସାହୁ, ଲତା ସ୍ୱାଇଁ, ତିଳୋତମା ସ୍ୱାଇଁ, ଝନା ସ୍ୱାଇଁ, ମଞ୍ଜୁଲତା ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ବିଶ୍ୱ ପ୍ରାର୍ଥନା ଦିବସରେ ସାମିଲ ହୋଇଥିଲେ।

## ଅଖଣ୍ଡେଶ୍ୱର ଖେଳପଡିଆରେ ମହିଳା କବାଡି ପ୍ରତିଯୋଗିତା

**ବାଙ୍କୀ,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ହରିରାଜପୁର–ଚକାପଦାସ୍ଥିତ ପ୍ରଭୁ ଅଖଣ୍ଡେଶ୍ୱର ମନ୍ଦିର ନିକଟସ୍ଥ ଖେଳପଡିଆ ଠାରେ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଶିକ୍ଷାବିତ୍ ତଥା ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦଘାଟନ କରିବା ସହିତ ସଫଳତା କାମନା କରିଥିଲେ। ଏହି ପ୍ରତିଯୋଗିତାକୁ ରାଣୀ ଶୁକଦେଇ ମହିଳା ଗୋଷ୍ଠୀ ପରିଚାଳନା କରିଥିଲେ। ଏଥିରେ ୨ଟି ମହିଳା ଦଳ ଯଥା ଚର୍ଚ୍ଚିକା ଦଳ ଓ ରାଣୀଶୁକଦେଇ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଚର୍ଚ୍ଚିକା ଦଳ ବିଜୟ ଲାଭ କରିଥିଲା। ଏହି ଦଳର କ୍ୟାପଟେନ୍ ପ୍ରତିଲତା ଗିରିଙ୍କ ନେତୃତ୍ୱରେ ସବିତା ମଲିକ, ସୁଜାତା ସିଂହ, ପ୍ରତିମା ନାୟକ, ତୁଳସୀ ସ୍ୱାଇଁ ଓ ରାଧାରାଣୀ ମନ୍ତ୍ରୀ ଖେଳିଥିବା ବେଳେ ରାଣୀ ଶୁକଦେଇ ଦଳର କ୍ୟାପଟେନ୍ ଦୁଲଣା ସୁନ୍ଦରୀ ବେହେରାଙ୍କ ନେତୃତ୍ୱରେ ସଂଗୀତା ବେହେରା, ଜୟଶ୍ରୀ ପତି, ପ୍ରଣତି ପଟ୍ଟନାୟକ, ମିନାକ୍ଷୀ ମହାରଣା ଓ ବାସନ୍ତୀ ମନ୍ତ୍ରୀ ଖେଳିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଲଲାଟେନ୍ଦୁ ପଣ୍ଡା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଅକ୍ଷୟ ପ୍ରଧାନ, ବିଶ୍ୱରଞ୍ଜନ ସ୍ୱାଇଁ, ଅକ୍ଷୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ପରିଚାଳନା କରିଥିଲେ ଲିପ୍ସା ପ୍ରିୟଦର୍ଶିନୀ।

## ଫୋକସ ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ

**ରାଜନଗର,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗର୍ଜନପୁରସ୍ଥିତ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ ଦ୍ୱାରା ସ୍ଥାପିତ ଫୋକସ ଡ୍ୟାନ୍ସ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଡିଆଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଯୋଗଦେଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଙ୍ଗୀତ, କଳା ଓ ସାଂସ୍କୃତିକ ଭାବନାକୁ ଋଦ୍ଧିମନ୍ତ କରିବା କ୍ଷେତ୍ରରେ ଫୋକସ ଡ୍ୟାନ୍ସ ଏକାଡେମୀର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ବିଜୟକୁମାର ଜେନା, ମୁଖ୍ୟବକ୍ତା ଭାବେ ଓଡିଶୀ ନୃତ୍ୟଗୁରୁ ଦୀପକକୁମାର ସାହୁ, ସମ୍ମାନୀତ ଅତିଥି ଭାବେ କଥାକାର ପ୍ରଦୀପକୁମାର ନାୟକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ତବଲା ବାଦକ ବଳରାମ ପରିଡା ଯୋଗଦେଇ କୁନିକୁନି ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପ୍ରକାଶ କୁମାର ଭଟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ନରେଶ ମଲ୍ଲିକ, ପ୍ରଜ୍ଞାପରମିତା ସେଠୀ, ବୈଲୋଚନ ଜେନା, ସୁନିଲ ବାରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ ।

## ଆଇଇସି ସାମଗ୍ରୀ ଉଦଘାଟିତ

**କେନ୍ଦ୍ରାପଡା,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାର ସ୍କୁଲମାନଙ୍କରେ କିଶୋର କିଶୋରୀଙ୍କ ପୁଷ୍ଟିକର ସ୍ୱାସ୍ଥ୍ୟ ସହିତ ଚକ୍ଷୁ ପରୀକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ରଘୁରାମ ଆର.ଆୟର ଖଡିଅଙ୍ଗସ୍ଥିତ ପୁରୁଣା ଡାକ୍ତରଖାନା ସମ୍ମିଳନୀ କକ୍ଷରେ ଆଇଇସି (ସୂଚନା ଶିକ୍ଷା ଯୋଗାଯୋଗ) ସମ୍ବଳିତ ସାମଗ୍ରୀକୁ ଉଦଘାଟନ କରିଛନ୍ତି। ଶାରୀରିକ ଓ ମାନସିକ ଅଭିବୃଦ୍ଧି, ଭାବନାତ୍ମକ କୁଶଳତା ଓ ମାନିସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ପୋଷଣ ସ୍ୱାସ୍ଥ୍ୟ ଓ ପରିମଳ, ନାଗରିକତାର ମୂଲ୍ୟବୋଧ ଇତ୍ୟାଦି ଲେଖା ଥିବା ସଚେତନତା ବାର୍ତ୍ତା ଦ୍ୱାରା କିଶୋର କିଶୋରୀ ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ବୈଠକରେ ମତପୋଷଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମନୋରଞ୍ଜନ ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଧ୍ୟକ୍ଷ ଡା.ପ୍ରମୋଦ କୁମାର ପ୍ରହରାଜ, ଏଡିପିଏଚଓ (ପରିବାର କଲ୍ୟାଣ ) ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ଗୌରାଙ୍ଗ ଚରଣ ଗିରିଙ୍କ ସମେତ ଏଓ, ଏଫଓ, ଡିପିଏମ, ଡିପିଏଚସିଓ, ଏଡିଇଓ ଏବଂ ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ପାଇଁ ସବୁଜ ସଂକଳ୍ପ

**ବାଙ୍କୀ,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ ଆଜି ଆଦର୍ଶ ଯୁବପରିଷଦ ତରଫରୁ ପରିବେଶ ସୁରକ୍ଷା ପାଇଁ ସବୁଜ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ପଣ୍ଡା, ବିଶ୍ୱରଞ୍ଜନ ସ୍ୱାଇଁ, ବଳଭଦ୍ର ରଣା ଓ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଫୁଲଗଛ ରୋପଣ କରାଯାଇଥିଲା। ଶେଷରେ ଯୋଗଦେଇଥିବା ସମସ୍ତ ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ସବୁଜ ସଂକଳ୍ପ ଅଭିଯାନରେ ସାମିଲ୍ ହେବାପାଇଁ ଶପଥ ନେଇଥିଲେ। ଶେଷରେ ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ

**ନୀଳଗିରି,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସମଗ୍ର ବିଶ୍ୱ , ଦେଶ ଓ ରାଜ୍ୟ ଇଂରେଜ ନବବର୍ଷକୁ ସ୍ୱାଗତ ଜଣାଇନ୍ତି। ନବବର୍ଷରେ ବାଲେଶ୍ୱର ଜିଲ୍ଲା ନୀଳଗିରିର ସ୍ଥାନୀୟ ବାସିନ୍ଦା, ସହିତ ଜିଲ୍ଲା, ରାଜ୍ୟ ଓ ବିଭିନ୍ନ ରାଜ୍ୟରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଦର୍ଶନ ଓ ଆର୍ଶୀବାଦ ନେଇ ନୂତନ ଇଂରେଜ ନବବର୍ଷ ନିଜ ତଥା ପରିବାରକୁ ସୁସ୍ଥ ଓ ସମୃଦ୍ଧି ଏବଂ ଦୀର୍ଘାୟୁ କରିବା ସହିତ ଜନସଧାରଣଙ୍କୁ ସଦପଥରେ ଚାଲିବା ପାଇଁ ଭିକ୍ଷା କରିଛନ୍ତି। ନୂତନ ବର୍ଷର ସୂର୍ଯ୍ୟୋଦୟ ପରେ ମହାପ୍ରଭୁଙ୍କ ସହିତ ବିଭିନ୍ନ ଦେବାଦେବୀ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ନୀଳଗିରି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଏଥିସହିତ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର, ମା ଭୁଧାରଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ବାହାରରୁ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣ ବଣଭୋଜିର କରି ନିଜ ତଥା ପାରିବାର ଓ ବନ୍ଧୁବାନ୍ଧବଙ୍କ ସହ ନୂତନ ବର୍ଷକୁ ଅଭିନନ୍ଦନ ଜଣାଇଥିଲେ। ନୂତନ ଇଂରେଜ ନବବର୍ଷ ଗୁରୁବାର ପଡ଼ିଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଦଳର ନେତା ଓ କର୍ମୀମାନେ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରବଳ ଶୀତପ୍ରବାହ ସ୍ୱତ୍ତେ ଏହାକୁ ଖାତିର ନ କରି ନୂତନ ବର୍ଷକୁ ଖୁସି ଓ ଆନନ୍ଦରେ ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି। ଜନପ୍ରତିନିଧି ଓ ପୂର୍ବତନ ବିଧାୟକ ସହ ନିଜ ଦଳର ବରିଷ୍ଠ ନେତାମାନଙ୍କ ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି କର୍ମୀ ଓ ସମର୍ଥକମାନେ। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ନୂତନବର୍ଷର କାର୍ଯ୍ୟାରମ୍ଭ କରିଥିଲେ। ଅନ୍ୟ ପକ୍ଷରେ ନୀଳଗିରି ଗାୟତ୍ରୀ ପରିବାର ପକ୍ଷରୁ ଜ୍ୟୋତି କଳସ ସହର ପରିକ୍ରମା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନରେ ଜନସାଧାରଣଙ୍କ ନିମନ୍ତେ ପ୍ରସାଦ ସେବନର ଆୟୋଜନ କରାଯାଇଛି।

## ନିଆରା ଢଙ୍ଗରେ ନୂଆଁ ବର୍ଷ ପାଳିଲେ ବିଧାୟକ

**ଫୁଲବାଣୀ,୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କନ୍ଧମାଳ ଜିଲ୍ଲା ଫୁଲବାଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ସମାଜ ବାଦୀ ପାର୍ଟି ରାଜ୍ୟ ଉପସଭାପତି ଏବଂ କନ୍ଧମାଳ ଫୁଟବଲ ସଂଘର ପ୍ରତିଷ୍ଠାତା ଦେବେନ୍ଦ୍ର କହଁର ତାଙ୍କ ଟିମକୁ ନେଇ ଏକ ନିଆରା ଢଙ୍ଗରେ ନୂଆଁ ବର୍ଷ ୨୦୨୬କୁ ପାଳନ କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ନେତା ମନ୍ତ୍ରୀ ଅମଲା ତନ୍ତ୍ରୀମାନେ ଭୋଜି ଭାତ ସହିତ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଶୁଭକାମନା ଜଣାଉଥିବା ବେଳେ ଦେବେନ୍ଦ୍ର କହଁର ଫୁଲବାଣୀ ସ୍ଥିତ ବାଳାଶ୍ରମର ୪୦ଜଣ ଅନ୍ତେବାସୀଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟନ କରିବା ସହିତ ସ୍ୱାଦିଷ୍ଟ ଭୋଜନ ବିରିୟାନୀ ଖାଇବାକୁ ଦେଇଥିଲେ। ଯାହାଫଳରେ ବାଳାଶ୍ରମର ଅନ୍ତେବାସୀମାନେ ନୂଆଁ ବର୍ଷ ସହିତ କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ହାଡ଼ ଭଙ୍ଗା ଶୀତ ସମୟରେ ଖଣ୍ଡେ ଖଣ୍ଡେ କମ୍ବଳ ପାଇ ବହୁତ ଖୁସି ହୋଇଥିଲେ ଏବଂ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଖୁସିରେ ଗଦ ଗଦ ହୋଇ ଆଜିର ନୂଆଁ ବର୍ଷ ଆମ ପାଇଁ ବହୁତ ଖୁସିର ଦିନ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଫୁଟବଲ ସଂଘର ସଭାପତି ସୁଜିତ ବେହେରା, ବିକ୍ରମ ପ୍ରକାଶ ସେଠି ପୂର୍ବତନ ସାଂସଦ ପ୍ରତିନିଧି ତଥା ମୁନିସିପାଲିଟି ର ଯୁବ ନେତା ବିକ୍ରମ ବେହେରା, ୱାଇ ରବୀ କିରଣ, ସୁଜିତ ମଳିକ ସରପଞ୍ଚ ଗୁଦାରୀ, ଭାଇସ ଚେୟାରମ୍ୟାନ ଖଜୁରୀପଡା ଅମିତ କୁମାର ଡିଗାଲ, ରତନ ଚୌଧୁରୀ ବିଜେପି ଯୁବ ସଭାପତି ଫୁଲବାଣୀ, ଧୁଳିଆ ନାୟକ ପ୍ରମୁଖ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଥାଉକି ଫୁଲବାଣୀ ସ୍ଥିତ ବାଳାଶ୍ରମର ଅବସ୍ଥା ଅତିଶୋଚନୀୟ ଥିବାଯଥା ଛତାରୁ ପାଣି ଗଳିବା, ଲେଟିନ ବାଥରୁମ ଗୁଡିକ ଆଉ ଟିକିଏ ଉନ୍ନତମାନର ହେବା କଥା ବୋଲି ଦୁଃଖର ସହିତ ଅନ୍ତେବାସିମାନେ ପ୍ରକାଶ କରିଥିଲେ। ଜିଲ୍ଲାପାଳ କନ୍ଧମାଳକୁ ଗଣମାଧ୍ୟମ ଜରିଆରେ ଅନୁରୋଧ ଜଣାଇ ଥିଲେ। ଦେଖାଯାଉ ଫୁଲବାଣୀ ସ୍ଥିତ ବାଳାଶ୍ରମର ରକ୍ଷଣା ବେକ୍ଷଣ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି କେବେ ପଡିବ ତାହା ଆଗାମୀ ଦିନରେ ଜଣାପଡିବ।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା

**କେନ୍ଦ୍ରାପଡା,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିପିଲାମାନଙ୍କୁ ନୈତିକ ଶିକ୍ଷା, ସମାଜସଂସ୍କାର ସହିତ ଖେଳକୁଦରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ଲାଷ୍ଟିକକୁ ବର୍ଜନ କରିବା, ସ୍ୱଚ୍ଛତା ରକ୍ଷା, ବିଦ୍ୟାଳୟ ଚର୍ତୁପାର୍ଶ୍ୱ ସଫାସୁତୁରା ରଖିବା, ପାଣିକୁ ନଷ୍ଟ ନକରିବା, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ଓ ଦୁଃଖିଦରିଦ୍ରଙ୍କ ସେବା କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଖେଳ ଦ୍ୱାରା ନିଜର ମାନସିକ ଓ ଶାରୀରିକ ଅଭିବୃଦ୍ଧି ଘଟିଥାଏ ବୋଲି ଶ୍ରୀମା କହିଥିଲେ। ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୁରୁଜୀଗୁରୁମାମାନେ ହେଉଛନ୍ତି ଏହି ଆଶ୍ରମ ସ୍କୁଲ ଭଳି ଏକ ଆଧ୍ୟାତ୍ମିକ ବିଦ୍ୟାଳୟର ଗଢି ଉଠୁଥିବା ଶିଖାର ସଙ୍ଗମସ୍ଥଳ ଭଳି। ଗୁରୁକୂଳ ବିଦ୍ୟାଳୟ ଭଳି ବିଦ୍ୟାଦାନ ଦେଉଥିବା ଏକ ଶାନ୍ତ ବାତାବରଣରେ ପିଲାମାନଙ୍କର ଶିକ୍ଷାଦାନ ଏବଂ ଖେଳକୁ ଶ୍ରୀମା ନିଜେ ନେତୃତ୍ୱ ଦେଇଛନ୍ତି। ପିଲାମାନେ ଦେଶ ଓ ଜାତିର ସୁନାଗରିକ ହେବା ପାଇଁ ଶ୍ରୀମାଙ୍କ ଅବଦାନ ଅତୁଳନୀୟ। ଏହି ବିଦ୍ୟାମନ୍ଦିରର ୫ଜଣ ପ୍ରାକ୍ତନ ଛାତ୍ର ଭାରତୀୟ ନୌସେନା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବିଦ୍ୟାଳୟ ପାଇଁ ବଡ ଗୌରବର କଥା ବୋଲି ଡ. ଶତପଥୀ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଦିନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ଉତ୍ସବରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମାମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ରହ୍ମଚାରୀ ନୃସିଂହ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଯ୍ୟଟନସ୍ଥଳୀକୁ ପ୍ରଦୂଷଣ ମୁକ୍ତ ପାଇଁ ସଚେତନତା



**ବାଙ୍କୀ,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏବେ ନୂଆ ବର୍ଷ ପାଳନ ଅବସରରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଓ ପ୍ରାକୃତିକ ସ୍ଥାନକୁ ବଣଭୋଜି ପାଇଁ ପର୍ଯ୍ୟଟକ ଓ ଜନସାଧାରଣମାନଙ୍କର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ବଣଭୋଜିସ୍ଥଳରେ ନିଆଁ ଲଗାଇ ଭୋଜି କରିବା, ଖିଆପିଆ କରି ଖଲି ଓ ଜରି ପକାଇବା ଏବଂ ଏଥିସହିତ ଡିଜେ ବଜାଇ ଗୀତନାଚ କରିବା ଦ୍ୱାରା ଶବ୍ଦ ସୃଷ୍ଟି କରିବା ଆଦି ହେବାରେ ଲାଗିଛି। ଏହି ଯୋଗୁଁ ବାୟୁ ପ୍ରଦୁଷଣ, ଜଳପ୍ରଦୁଷଣ ଓ ଶବ୍ଦ ପ୍ରଦୁଷଣ ହେଉଛି। ଏଭଳି ସମୟରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ରଦୂଷଣର ସମସ୍ୟା ହେଉଥିବାରୁ ସମସ୍ତେ ଚିନ୍ତିତ। ବାଙ୍କୀର ଅଂଶୁପା ହ୍ରଦ, ବୈଦ୍ୟେଶ୍ୱରସ୍ଥ ରାମନାଥ ପୀଠ, ଅଖଣ୍ଡେଶ୍ୱର ଚତୁଃପାର୍ଶ୍ୱ ଆଦି ବହୁସ୍ଥାନରେ ଖଲି, ଜରି, କାଗଜ ଆଦି ପଡିଥିବାର ଦେଖାଯାଉଛି। ତେଣୁ ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟକ ଓ ଜନସାଧାରଣ ସେଥିପ୍ରତି ଦୃଷ୍ଟି ଦେବା ସହ ଅଳିଆ ଆବର୍ଜନାକୁ ସଫା କରିବା ସହିତ ସେଠାରେ ଗାତ ଖୋଳି ପୋତିଦେବାକୁ ବାଙ୍କୀ ପରିବେଶ ସୁରକ୍ଷା ସମିତିର ଉପଦେଷ୍ଟା ପ୍ରକୃତିବନ୍ଧୁ ମନୋଜ କୁମାର ମହାପାତ୍ର ଓ ଆବାହକ ଦୀପକ କୁମାର ସାମନ୍ତରା ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥିପ୍ରତି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ବନ ଓ ପରିବେଶ ବିଭାଗ ଜନସାଧାରଣଙ୍କୁ ସଚେତନତା କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶ ସମିତି ତରଫରୁ କୁହାଯାଇଛି।

## ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଅନିୟମିତତା

**କେନ୍ଦ୍ରାପଡା,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକରେ ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଗରିବ ଏବଂ ବାସହରା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ଘର ମଞ୍ଜୁର କରାଯାଉଛି ସେଗୁଡିକ ହିତାଧିକାରୀମାନଙ୍କୁ ଦିଆଯାଉନଥିବାରୁ ସେମାନେ ବର୍ଷବର୍ଷ ଧରି ଶୀତକାକର ଓ ଖରାବର୍ଷାରେ ପଡିରହିଛନ୍ତି। ଏହି ବ୍ଲକରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ପ୍ରକଳ୍ପ ସହାୟକଙ୍କ ଦାୟିତ୍ୱ ହେଉଛି ତାଲିକାରେ ଥିବା ହିତାଧିକାରୀମାନଙ୍କୁ ଘର ନିର୍ମାଣ ପାଇଁ ୱାର୍କଅର୍ଡର ଦେବା ଏବଂ ଯେଉଁମାନେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ କିସ୍ତିଟଙ୍କା ଦେବା। କିନ୍ତୁ ଯେଉଁମାନେ ୱାର୍କଅର୍ଡର ପାଇଛନ୍ତି ସେମାନଙ୍କୁ କିସ୍ତି ଟଙ୍କା ଦେଉନଥିବାରୁ ସେମାନଙ୍କ ଘର ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଯେଉଁମାନେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିଲେଣି ସେମାନଙ୍କୁ ବଦଳି କରିବା ପାଇଁ ରାଜ୍ୟ ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏହି ବ୍ଲକରେ ତାହା କାର୍ଯ୍ୟକାରୀ ହେଉନାହିଁ। ଦାୟିତ୍ୱରେ ଥିବା ଅଧିକାରୀମାନେ ୫/୬ ବର୍ଷରୁ ଅଧିକ ସମୟ ରହିବା ଫଳରେ ଗରିବ ଲୋକଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘରର ୱାର୍କ ଅର୍ଡରଦେବା କିମ୍ବା କିସ୍ତିଟଙ୍କା ଦେବାରେ ଅହେତୁକ ବିଳମ୍ବ କରୁଛନ୍ତି। ଏଥିପାଇଁ ଲାଞ୍ଚ କାରବାର ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେମାନେ ଗୋଟିଏ ବ୍ଲକରେ ଅଧିକ ବର୍ଷ ରହିଥିବାରୁ ଗରିବ ଲୋକଙ୍କପ୍ରତି ସହାନୁଭୂତିଶୀଳ ହେଉନଥିବା ଅଭିଯୋଗ ହେଉଛି। ସେମାନେ ମନମୁଖି କାର୍ଯ୍ୟ କରୁଥିବା ସତ୍ତ୍ୱେ ବ୍ଲକ ଉନ୍ନୟନ ଅଧିକାରୀ କିମ୍ବା ଜିଲ୍ଲାପାଳ ସେମାନଙ୍କ ପ୍ରତି କୋହଳ ମନୋବୃତ୍ତି ପ୍ରଦର୍ଶନ କରୁଥିବାରୁ ଏବଂ ସେମାନଙ୍କ ବିରୋଧରେ ଅଭିଯୋଗଗୁଡିକୁ ତଦନ୍ତ କରାଯାଉନଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏମାନଙ୍କ ମନମୁଖି କାର୍ଯ୍ୟ ଫଳରେ କେନ୍ଦ୍ରାପଡା ବ୍ଲକରେ ଏକ ହଜାରରୁ ଅଧିକ ହିତାଧିକାରୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନପାଇ କିମ୍ବା କାର୍ଯ୍ୟାଦେଶ ପାଇ କିସ୍ତିଟଙ୍କା ନପାଇ ହଇରାଣ ହରକତ ହେଉଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏମାନଙ୍କ ସ୍ଥାନରେ ନୂତନ ଅଧିକାରୀମାନଙ୍କୁ ଅବସ୍ଥାପିତ କରିବା ପାଇଁ ଗରିବ ହିତାଧିକାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହା କରାଗଲେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ଯୋଗାଣରେ କୌଣସି ଅସୁବିଧା ହେବନାହିଁ ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନା ସଫଳ ହେବ ବୋଲି ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଅନେକ ଯୋଗ୍ୟ ହତାଧିକାରୀମାନଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀମାନଙ୍କ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ସଂପର୍କରେ ଜିଲ୍ଲାପାଳଙ୍କ ନିକଟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଆଶାଲତା ରାଉତ ଅଭିଯୋଗକ କରିଛନ୍ତି। ସୂଚନାଯୋଗ୍ୟ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କେଶପୁର, ପୁରୁଷୋତ୍ତମପୁର, ନିକିରାଇ, ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ସହାୟକଙ୍କ ବଦଳି ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ରାପଡା ଜିଲ୍ଲାରେ ୯ଟି ବ୍ଲକରେ ବ୍ଲକ ପ୍ରକଳ୍ପ ସଂଯୋଜକମାନେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ସେମାନଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

## ଲାଲବାହାଦୂର ଉଚ୍ଚଶିକ୍ଷାଶ୍ରମର ବନ୍ଧୁମିଳନ

**କେନ୍ଦ୍ରାପଡା,୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୂର ଉଚ୍ଚଶିକ୍ଷାଶ୍ରମର ୧୯୮୮ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ବେଣାଜୋରୀବଟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୪ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଦ୍ୟାଳୟ ଜୀବନର ସେହି ପୁରୁଣା ଅତୀତର ସ୍ମୃତିଚାରଣ କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡାକ୍ତର ଅମଲେନ୍ଦୁ ଜେନା, ତାପସ ବାରିକ, ବିଭୁତିଭୂଷଣ ଦାସ, ପ୍ରଶାନ୍ତ ମଲ୍ଲ, ଶିବପ୍ରସାଦ ଦାସ, ଦିଲ୍ଲିପ ରାଉତ, ବରଦାକାନ୍ତ ମନ୍ତ୍ରୀ, ସଂଯୁକ୍ତା ବିହାରୀ, ସୁକାନ୍ତି ମହାନ୍ତି, ଦମୟନ୍ତୀ ବିଶ୍ୱାଳ ଓ ହିମାଂଶୁ ଭୂଷଣ ରାଉତ ପ୍ରମୁଖ ଯୋଗଦେଇ ନିଜର ସେହି ପୁରାତନ ଅତୀତ ସମ୍ପର୍କରେ ଆଲୋଚନା କରି କିଛି ସମୟ ପାଇଁ ବିଭୋର ହୋଇପଡିଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨ ଜାନୁଆରୀ ୨୦୨୬ ● ଶୁକ୍ରବାର

## ମା ମଙ୍ଗଳାଙ୍କୁ ଦର୍ଶନ କଲେ ହଜାର ହଜାର ଭକ୍ତ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଇଂରାଜୀ ନବବର୍ଷ ଆରମ୍ଭ ଦିନ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ମାତୃଭକ୍ତମାନଙ୍କ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା। ରାତ୍ର ୨ ଘଟିକାରୁ ଦ୍ୱାରଫିଟା ନୀତି ପରେ ମାଙ୍କୁ ସ୍ନାନ, ମାର୍ଜନା ଓ ବେଶ କରାଯିବା ପରେ ବଲ୍ଲଭ ଧୂପ ହୋଇଥିଲା। ଭୋର ୪ ଘଟିକାରେ ସମସ୍ତ ନୀତିକାନ୍ତି ଶେଷ କରାଯିବା ପରେ ସର୍ବସାଧାରଣ ଦର୍ଶନ ପାଇଁ ପହୁଡ଼ ଖୋଲିଥିଲା। ମନ୍ଦିର ପ୍ରଶାସନ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ବେଢ଼ା ମଧ୍ୟରେ ବ୍ୟାରିକେଡ କରାଯାଇଥିଲା। ଭକ୍ତମାନେ ଧାଡ଼ିରେ ଯାଇ ମାଙ୍କୁ ଦର୍ଶନ କରିଥିଲେ। ନବବର୍ଷ ଆରମ୍ଭରୁ ବର୍ଷଟି ଶୁଭ ଓ ମଙ୍ଗଳମୟ ହେବାପାଇଁ ମାତୃଭକ୍ତମାନେ ନିଜ ପରିବାର ପାଇଁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ସିକ୍ୟୁରିଟି ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏଥିସହିତ ଲୋକମାନଙ୍କ ପ୍ରବଳ ଗହଳି ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ପାଳିଆ ସେବକ ଭାବେ ତାପସ ଦୀକ୍ଷିତ ଏବଂ ପୂଜାପଣ୍ଡା ଭାବେ ହେମନ୍ତ ପାଢ଼ୀ ଦାୟିତ୍ୱ ତୁଲାଇଥିଲେ।

## ସଫେଇ କର୍ମଚାରୀଙ୍କ ସହ ନବବର୍ଷ ପାଳିତ



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଇଂରାଜୀ ନବବର୍ଷ ପାଳନ ଅବସରରେ ଆଜି ସକାଳ ୭ଟାରେ କଟକ ମେୟର ସୁବାସ ସିଂହ ଓ ସି.ଏମ.ସି କମିଶନର କିରଣଦୀପ କୌର ସହୋତା ମିଳିତ ଭାବରେ, ସାର୍ତ୍ତଳ, ମଉଗଜପୁର, ବକ୍ସି ବଜାର, ଚଣ୍ଡୀ ଛକ ଆଦି କଟକ ମହାନଗର ନିଗମ ଅଞ୍ଚଳରେ ରାସ୍ତା ଘାଟ, ନର୍ଦ୍ଦମା, ଶୌଚାଳୟଗୁଡ଼ିକୁ ସଫେଇ କରୁଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କାରୀ ସମ୍ମାନିତ କରିବା ସହିତ ଇଂରାଜୀ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଶ୍ରୀ ସିଂହଙ୍କ ସହିତ ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି କମିଶନର ଯୁବଲି ବେହେରା, ତ୍ରୈଲୋକ୍ୟ ସାହୁ, ସ୍ୱଚ୍ଛସାଥି, ସି.ଏମ.ସି ମେଟ, ଜମାଦାର ଫାଇଲେରିଆ ସୁପର ଭାଇଜର, ସମସ୍ତ ସଫେଇ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାନ୍ତ ଆଶ୍ରମରେ ବିଶ୍ୱ ପ୍ରାର୍ଥନା ଦିବସ



**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟର ଅଧକ୍ଷ ପଣ୍ଡିତ ମୂରଲୀଧର ଭାରତୀ ଗୋସ୍ୱାମୀଙ୍କ ଅଧକ୍ଷତାରେ ଆୟୋଜିତ ପ୍ରାର୍ଥନା ସଭାରେ ପ୍ରଫେସର ଗୋପୀନାଥ କର, ଅଧ୍ୟାପକ ଜୀବନ ଦାଶ, ସମାଜସେବୀ ସନାତନ ପାତ୍ର,କାହ୍ନୁ ଚରଣ ବେହେରା, ସୁଧିର କୁମାର ନାୟକ, ଦୁର୍ଗା ଚରଣ ବେହେରା, ପ୍ରୀୟବ୍ରତ ଭୋଳ, ସୁନିଲ କୁମାର କାଣ୍ଡି, ସଦାଶିବ ମହାପାତ୍ର, ଶ୍ରଦ୍ଧାନନ୍ଦ ଦାସ, ସୁରଥ ପାତ୍ର, ଶ୍ରୀଧର ଜେନା, ପ୍ରଫୁଲ୍ଲ କୁମାର କର, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ପ୍ରଦ୍ୱୀପ ପ୍ରଜ୍ୱଳନ, ବେଦପାଠ, ବୈଦିକ ପ୍ରାର୍ଥନା, ଧ୍ୟାନ, ଯୋଗ ଓ ସମୂହ ପ୍ରାର୍ଥନା ଆଦି କରାଯାଇଥିଲା। ଏହି ଅବସରରେ ଅଗ୍ରଣୀ ରତ୍ନାକର ଭାଗବତ ଟୁଙ୍ଗୀର ସଭାପତି, ବାସୁଦେବ ସତସଂଘର ସଂଚାଳକ ତଥା ଗୀତା ଭାଗବତ ପ୍ରଚାରକ ବଂଶୀଧର ଭାରତୀ ଗୋସ୍ୱାମୀଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସଂଯୋଜକ ଡଃ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆବର୍ଷ ପାଳିଲେ ମହିଳା ଗୋଷ୍ଠୀ



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀର ଅଗ୍ରଣୀ ମହିଳା ସଂଗଠନ ରାଣୀ ଶୁକଦେଈ ମହିଳା ଗୋଷ୍ଠୀ ଆନୁକୁଲ୍ୟରେ ହରିରାଜପୁର-ଚକାପଦା ଠାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଅଖଣ୍ଡେଶ୍ୱର ଠାରେ ବନ୍ଧୁମିଳନ ଓ ନୂଆବର୍ଷ ପାଳନ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀର ସଭାନେତ୍ରୀ ପ୍ରିତିଲତା ଗିରି ସଭାପତିତ୍ୱ କରି ନିଜ ନିଜ ଭିତରେ ସ୍ଥାପନ କରିବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସମାଜସେବୀ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ଏହିବର୍ଷ ସମସ୍ତଙ୍କ ପାଇଁ ସୁଖମୟ ଓ ଶାନ୍ତିମୟ ହେଉ ବୋଲି କହିଥିଲେ। ବିଶେଷ କରି ନୂତନ ବର୍ଷରେ ଏହି ବନ୍ଧୁମିଳନ ଉତ୍ସବ ସମସ୍ତଙ୍କ ପାଇଁ ନୂତନ ଉତ୍ସାହ ଜାଗ୍ରତ କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଅକ୍ଷୟ କୁମାର ସାମଲ, ବିଶ୍ୱରଞ୍ଜନ ସ୍ୱାଇଁ, ଲଲାଟେନ୍ଦୁ ପଣ୍ଡା, ସବିତା ମଲିକ, ସୁଜାତା ସିଂ, ଜୟଶ୍ରୀ ପତି, ଦୁଲଣାକୁମାରୀ ବେହେରା ପ୍ରମୁଖ ବହୁ ସଭ୍ୟା ଯୋଗଦାନ କରି ନୂଆବର୍ଷ ପାଳନରେ ସହଯୋଗ କରିଥିଲେ।

## ଚୋରା ମଦ ବେପାରୀ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମାଞ୍ଚଳ ପୋଲିସ୍ ଦ୍ୱାରା ଏକ ଚୋରା ମଦ ବେପାରୀ ରଶ୍ମିରଞ୍ଜନ ରାଉତ ଓରଫ (ଲିପୁ)କୁ ଗିରଫ କରାଯାଇଛି। ଏହି ବେପାରୀ ପାଖରୁ ୧୭.୦୫ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ କୋର୍ଟ ଜିମା କରାଯାଇଛି। ଲିପୁ ରାଉତ ଯିଏକି ଗୁଣାଦୋଳ ଓ ଗୋଗଳ ଗ୍ରାମରେ କିଛି ବର୍ଷ ହେବ ଚୋରା ମଦ ବେପାର କରି ଅଞ୍ଚଳକୁ ବିଶୁଦ୍ଧ କରି ଚାଲିଛି। ଏହା ଏକ କୁକୁଡ଼ା ଫାର୍ମ ନାମରେ ପରିଚିତ ଥିଲେ ମଧ୍ୟ ଚୋରା ମଦ ବେପାରର ଆଡ୍ଡାସ୍ଥଳ ପାଲଟିଛି। ଲିପୁ ରାଉତ ନାମରେ ଆଗରୁ ଅନେକ ମାମଲା ଥିଲେ ମଧ୍ୟ ଆଇନ୍ ପ୍ରତି ଟିକେ ହେଲେ ଭୟ ନଥିବାର ଜଣାପଡୁଛି। ସ୍ଥାନୀୟ ଗୋବିନ୍ଦପୁର ପୋଲିସଙ୍କ ଦ୍ୱାରା ଗିରଫ ହେଇଥିଲେ ମଧ୍ୟ କିଛି ଫରକ୍ ପଡୁନି।



# ନୂଆବର୍ଷର ପ୍ରଥମ ଦିନରେ ଉତ୍ସବମୁଖର କଟକ ସହର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷ ୨୦୨୬ର ପ୍ରଥମ ଦିନକୁ ସହରବାସୀ ଧୁମଧାମରେ ପାଳନ କରିଛନ୍ତି। ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହିତ ବିଭିନ୍ନ ମନ୍ଦିର ଓ ଧର୍ମାନୁଷ୍ଠାନକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। କଟକର ଆରାଧ୍ୟ ଦେବୀ କଟକ ଚଣ୍ଡୀଙ୍କ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଗୁରୁବାର ସକାଳୁ ଆରମ୍ଭ ହୋଇଯାଇଥିଲା। ଏହାଛଡ଼ା ସହରର ପୁରୁଣା ଦେବାଳୟଗୁଡ଼ିକରେ ବି ଗହଳି କମ ନଥିଲା। ସେହିପରି ଦୋଳମୁଣ୍ଡେଇ ପତିତପାବନଜୀଉ, ଖପୁରିଆ ପଞ୍ଚମୁଖୀ ହନୁମାନ, ଖାନନଗର କାଳୀ ମନ୍ଦିର, ବକ୍ସିବଜାର ଅମରେଶ୍ୱର ମନ୍ଦିରଠାରୁ ଆରମ୍ଭ କରି ସିରିଡ଼ି ସାଇ ମନ୍ଦିରରେ ଭକ୍ତଙ୍କ ଭିଡ଼ ମଧ୍ୟାହ୍ନ ପର୍ଯ୍ୟନ୍ତ ଲାଗି ରହିଥିଲା। ଏହାଛଡ଼ା ଫୁଲ ଦୋକାନରେ ବି ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଇଂରାଜୀ ନବ ବର୍ଷରେ ଲୋକ ପ୍ରତିନିଧି ଓ ନେତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଗୋଲାପ ବଟମ ଓ ଫୁଲତୋଡ଼ା (ବୁକେ)ର ବରାଦ ଅଧିକା ରହିଥିଲା। ଏଥର ନୂଆବର୍ଷରେ ଫୁଲ ବଜାରରେ କଲିକତା ଓ ବେଙ୍ଗାଲୁରୁ ଗୋଲାପର ଭଲ ଚାହିଦା ଥିଲା। ଏହା ସାଂଗକୁ ରଜନୀଗନ୍ଧା, ଚନ୍ଦ୍ରମଲ୍ଲୀ, ଗ୍ଲାଡ଼ି, ଡେଜି, ଝିପସୀ, ଲିଲି ଇତ୍ୟାଦି ଫୁଲ ଢ଼େର ବିକ୍ରି ହୋଇଥିଲା। ନାଲି ଧଳା ଓ ଗୋଲାପ ରଂଗର ଥିବା ଗୋଟିଏ ଗୋଲାପର ଦାମ ୩୦ରୁ ୫୦ ଟଙ୍କା ମଧ୍ୟରେ ବିକ୍ରି ହୋଇଥିଲା। ଫୁଲତୋଡ଼ାର ମୂଲ୍ୟ ୫୦ ଟଙ୍କାରୁ ୫ହଜାର ଟଙ୍କା ମଧ୍ୟରେ ରହିଥିଲ। ସେହିପରି ଗଜରା ବୁକେର ମୂଲ୍ୟ ୧୦୦ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଦର ରହିଥିଲା। ତେବେ ଚଳିତ ବର୍ଷ ଫୁଲ ବ୍ୟବସାୟ ଅପେକ୍ଷାକୃତ ମାନ୍ଦା ଥିବା କିଛି ବ୍ୟବସାୟୀ କହିଛନ୍ତି। ବିଶେଷକରି ସରକାରୀ କାର୍ଯ୍ୟାଳୟରେ ଫୁଲ ଓ ବୁକେ ନେଇ ନୂଆବର୍ଷ ଶୁଭେଚ୍ଛା ସରକାର ବାରଣ କରିଥିବାବେଳେ ଏହାର ପ୍ରଭାବ ଫୁଲ ବ୍ୟବସାୟ



ଉପରେ ପଡ଼ିଥିବା ପରିଲକ୍ଷିତ ହୋଇଛି। ଏହାଛଡ଼ା ସକାଳ ୯ଟାରୁ ଅଧିକାଂଶ ମିଠା ଦୋକାନରେ ଲୋକଙ୍କ ଗହଳି ଲାଗିଥିଲା। ବିଶେଷକରି ସହରର ନାମୀ ମିଠା ଦୋକାନରେ ମଧ୍ୟାହ୍ନ ପୂର୍ବରୁ ମିଠା ପସରା ଖାଲି ହୋଇଯାଇଥିଲା। ନୂଆବର୍ଷ ଉପଲକ୍ଷେ ସହରର ଲୋକମାନେ ସାଂଗସାଥୀ ଓ ପରିବାର ସଦସ୍ୟଙ୍କ ସହ ରାତି ପର୍ଯ୍ୟନ୍ତ ବୁଲାବୁଲି କରିଥିଲେ। ଏହାଛଡ଼ା ପାର୍କ ଓ ସଂଗ୍ରହାଳୟ ଭଳି ସ୍ଥାନରେ ସମୟ କାଟିବା ସହିତ ଲୋକେ ହୋଟେଲରେ ଖାଇବାର ମଜ୍ଜା ଉଠାଇଥିଲେ। ପୁଣି କେତେକ ଭୋଜିଭାତ ଓ ସପିଂ ମଧ କରିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ପୂରା କଟକ ସହର ଏମିତି ଉତ୍ସବ ମୁଖର ହୋଇପଡ଼ିଥିଲା। ଜିରୋ ନାଇଟରୁ ଆରମ୍ଭ ହୋଇ ସୋସିଆଲ ମିଡ଼ିଆରେ ବିଭିନ୍ନ ଷ୍ଟିକର ଓ ଫଟୋ ମାଧ୍ୟମରେ ପରସ୍ପରକୁ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।

ପ୍ରତିବର୍ଷ ଭଳି ଚଳିତ ବର୍ଷ ନୂଆବର୍ଷକୁ କଟକ ସହରରେ ବେଶ ଧୁମଧାମରେ ପାଳନ କରାଯାଇଛି। ଡିସେମ୍ବର ୩୧ ତାରିଖ ରାତିରେ ଜିରୋ ନାଇଟ ସେଲିବ୍ରେସନ ପରେ ନୂଆବର୍ଷର ପ୍ରଥମ ଦିନକୁ ସହରବାସୀ ଆନନ୍ଦ ଉଲ୍ଲାସ ମଧ୍ୟରେ କଟାଇଛନ୍ତି। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ସହରର ବିଭିନ୍ନ ପାର୍କ, ସିଲିଭର ବୋଟ କ୍ଲବ, ନୌବାଣିଜ୍ୟ ସଂଗ୍ରହାଳୟ ଓ ସିନେମାହଲରେ ସାଂଗସାଥୀଙ୍କ ସହ ଭିଡ଼ ଜମାଇଥିଲେ। ଏଥି ସହିତ ଦିନବେଳା ବିଭିନ୍ନ ହୋଟେଲମାନଙ୍କରେ ଖାଇବା ପିଇବାର ଆସର ମଧ ଜମିଥିଲା। ଏହାଛଡ଼ା ରାଣୀହାଟ ଓ କଲେଜଛକ ଆଦି ସ୍ଥାନରେ ଥିବା ଫୁଡ଼ କୋର୍ଟରେ ଲୋକେ ଖାଇବା ପିଇବାର ମଜ୍ଜା ଉଠାଇଥିଲେ। ସେହିପରି ନବବର୍ଷକୁ ଖୁସିର ସହିତ ପାଳନ କରିବା ପାଇଁ ବୋଟିଂ କ୍ଲବ, ବାଲିଯାତ୍ରା ପଡ଼ିଆ ଓ ଗଡ଼ଗଡ଼ିଆ ଘାଟରେ ଲୋକଙ୍କ ଅସମ୍ଭାଳ ଭିଡ଼ ଲାଗି ରହିଥିଲା। ଲୋକମାନେ ନୂଆବର୍ଷକୁ ଧୁମଧାମରେ ପାଳନ କରିବା ସହିତ ସୋସିଆଲ ମିଡ଼ିଆରେ ବର୍ଷର ପ୍ରଥମ ଫଟୋ ଉଠାଇ ଅପଲୋଡ଼ କରିଥିବା ଦେଖିବାକୁ ମିଳିଥିଲା।

## ତୋରଣ ଓ ବ୍ୟାନରରେ ରାଜନେତାଙ୍କ ଶୁଭେଚ୍ଛା

**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ନବବର୍ଷକୁ କିଏ କେଉଁ ଭଳି ପାଳନ କରିଛି। ଗୁରୁବାର ନବବର୍ଷ ପଡୁଥିବା ହେତୁ ବିଭିନ୍ନ ବ୍ୟକ୍ତିବିଶେଷ ମନ୍ଦିରକୁ ଯାଇ ୨୦୨୬ ମସିହାଟି ଭଲରେ କଟୁ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଥିବା ଦେଖାଯାଇଥିଲା। ଅପରପକ୍ଷରେ, ଶେରଗଡ ଅଞ୍ଚଳବାସୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ବାର୍ତ୍ତା ଜଣାଇବା ଲାଗି ବିଭିନ୍ନ ଦଳର ତୁଙ୍ଗ ନେତା ତଥା ଆଗଧାଡିର ନେତାମାନେ ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଟାଙ୍ଗିଥିବା ଫ୍ଲେକ୍ସ, ବ୍ୟାନରରେ ଶେରଗଡ ଅଞ୍ଚଳ ଝଲସୁଥିବା ଦେଖିବାକୁ ମିଳିଥିଲା। ଶାସକ ଦଳର ବିଭିନ୍ନ ଆଗଧାଡିର ନେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ତୋରଣ ଓ ବ୍ୟାନର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଛାଇ ହୋଇଥିବା ଦେଖିବାକୁ ମିଳିଛି।

## ଜିଲାପାଳଙ୍କ ତାରାତାରିଣୀଙ୍କୁ ପୂଜାର୍ଚ୍ଚନା

**ପୁରୁଷୋତ୍ତମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ହେଉଛି ଇଂରାଜୀ ନବବର୍ଷ। ଏହାକୁ ପାଳନ କରିବା ପାଇଁ ଗାଁରୁ ସହର ଚଳଚଞ୍ଚଳ। ନୂତନ ବର୍ଷକୁ ପାଳନ କରିବା ସକାଶେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପୀଠରେ ଆଜି ଭୋରରୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସେହିପରି ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ ମଧ ମା'ଙ୍କଠାରୁ ଆଶିଷ ନେବା ପାଇଁ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଜିଲ୍ଲାବାସୀଙ୍କ ଉନ୍ନତି ଓ ଜିଲ୍ଲାର ବିକାଶ ନେଇ ମାଙ୍କୁ ପ୍ରାର୍ଥନା ମଧ କରିଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସମେତ ଉପ ଜିଲ୍ଲାପାଳ ଶୁବାସିଷ ବରାଳ, ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ରଙ୍କ ସମସ୍ତ ଲାଇନ ବିଭାଗର କର୍ମଚାରୀ ଥିଲେ। ମନ୍ଦିରର ଉନତି କାର୍ଯ୍ୟ କିପରି ଚାଲିଛି ସେନେଇ ତଦାରଖ କରିଥିଲେ। ଆଜି ମା'ଙ୍କୁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ଉପସ୍ଥିତି ରହିଥିଲେ।

## ନୂଆବର୍ଷରେ ବୁଦ୍ଧଖୋଲରେ ପର୍ଯ୍ୟଟକଙ୍କ ଭିଡ

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଇଂରାଜୀ ନବ ବର୍ଷର ଆଦ୍ୟ ଦିବସରେ ଏଠାକାର ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବୁଦ୍ଧଖୋଲର ପଞ୍ଚଶମ୍ଭୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ବେଳେ ପାଦଦେଶସ୍ଥ ଶିବପାର୍ବତୀଙ୍କ ମୂର୍ତ୍ତି ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିଲା। ଏଥିସହ ସୁଉଚ୍ଚ ହନୁମାନ ମୂର୍ତ୍ତି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ବହୁ ସଂଖ୍ୟକ ପର୍ଯ୍ୟଟକ ଜଳ ପ୍ରପାତ ସ୍ଥାନର ମଜା ଉଠାଉ ଥିବାବେଳେ ଅଧିକାଂଶ ପର୍ଯ୍ୟଟକ 'ଆଇ ଲଭ୍ ବୁଦ୍ଧଖୋଲ' ଲେଖା ନିକଟରେ ନିଜ ନିଜର ଫଟୋ



ଉତ୍ତୋଳନ କରି ଆନନ୍ଦିତ ହେଉଥିଲେ। ଫଳରେ ବୁଦ୍ଧଖୋଲ ପାଦଦେଶ ଲୋକାରଣ୍ୟରେ ପରିଣତ ହୋଇଯାଇଥିଲା। ତେବେ ସେଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଯାନବାହାନ ନିୟନ୍ତ୍ରଣ ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ସେହିପରି ନୂତନ ବର୍ଷର ପହିଲି ଦିନରେ ବୁଗୁଡ଼ା ସହରର ବିରଞ୍ଚି ନାରାୟଣ ମନ୍ଦିର ଏବଂ ବଳଦେବ ମନ୍ଦିରରେ ଠାକୁର ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।

## ପଞ୍ଚାୟତସ୍ତରୀୟ ବ୍ୟାଟମିଣ୍ଟନ ପ୍ରତିଯୋଗିତା

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ମଙ୍ଗଳପୁର ପଂଚାୟତ ନୂଆପଟଣା ଗ୍ରାମର ଚକ୍ରଧରପୁର ଶାସନ ପଡ଼ିଆରେ ପଂଚାୟତସ୍ତରୀୟ ବେଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏନଏସସିସି କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସୋର ବ୍ଲକ ଚାରୋଟି ପଞ୍ଚାୟତରୁ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ରାଇପିତାମ୍ବର ଗ୍ରାମର ଦିବ୍ୟମୟୀ ସାମଲ ଓ ସୁପ୍ରଭା ସାମଲ ବିଜେତା ହୋଇଥିଲେ।



ପ୍ରଥମଥର ପାଇଁ ପଂଚାୟତ ସ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିବର୍ଷ ଏହାକୁ ଆୟୋଜିତ କରାଯିବ ବୋଲି ଏନଏସସିସି କ୍ଲବ ପକ୍ଷରୁ ବିକାଶ କେସି ସୂଚନା ଦେଇଛନ୍ତି।

## ଯାଜପୁରରେ ସଡ଼କ ସୁରକ୍ଷା ଶୋଭାଯାତ୍ରା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା ଯାଏଁ ଏକ ସଡ଼କ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ହେଉ ଥିବା ବେଳେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗକୁ ନେଇ ସଚେତନତା ରାଲି କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟ ପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଲାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ରାଲି ମାଧ୍ୟମରେ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ରାଲିରେ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାରେ ବ୍ୟାପକ ଭାବେ ଗାଡି, ମୋଟର ସାଇକେଲ ଆଦି ତନଖି କରାଯାଉଛି।

## ଅସହାୟଙ୍କୁ ସହାୟତା



**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ରେଓଦା ଗ୍ରାମରେ ଗଢି ଉଠିଥିବା ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ନୂଆ ବର୍ଷରେ ପୀଡ଼ିତଙ୍କୁ ସହାୟତା ପ୍ରଦାନ। ଗୋପାଳପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ବିଜୟ କୁମାର ଶିଆଳ ୪ ବର୍ଷ ଧରି ମୁଖଗହ୍ୱର କ୍ୟାନ୍ସରରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୂଜ୍ୟପୂଜା ସଂସଦ ପରିବାରକୁ ନିବେଦନ କରିଥିଲେ, ପୂଜ୍ୟପୂଜା ସଂସଦ ପରିବାର ତରଫରୁ ତାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କେଦାରପୁର ପଞ୍ଚାୟତ କଣ୍ଠାବାଙ୍କି ଗ୍ରାମର ଅସହାୟ ମାଆ ଲକ୍ଷ୍ମୀ ନାୟକ ଆଜିକୁ ଅନେକ ଦିନ ଧରି ପକ୍ଷାଘାତ ରୋଗୀରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ବହୁତ କଷ୍ଟ ପାଉଥିଲେ, ପୂଜ୍ୟପୂଜା ସଂସଦ ପରିବାର ତାଙ୍କ ପାଖରେ ପହଞ୍ଚି ତାଙ୍କର ଶୋଇବା ପାଇଁ ଫୋମ୍ ବେଡ୍,କମଳ, ଗୋଟିଏ ମାସର ଗ୍ରୋସେରି ଓ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଜୟ କୁମାର ଦାସ ଓ ସଭାପତି ଅକ୍ଷୟ କୁମାର କରଙ୍କ ସହ ଅଧ୍ୟାପକ ହରିହର ଦାସ, ମିହିର ପାଣି,ଶିକ୍ଷକ ରାଜେଶ ସାହୁ,ଭରତ ବେହେରା, ଅନନ୍ତ ପଲେଇ, ସୁଧାକର ଦାସ,ଦୀପ୍ତିକାନ୍ତ ରାଉତ,ଭଗବାନ ପଣ୍ଡା, ଚନ୍ଦ୍ର ଶେଖର ବେହେରା, ଭଗବାନ ଦାସ,ସୁବଳ ଗିରି, ସୁକାନ୍ତି ସାହୁ, ମିନତି ପଣ୍ଡା,ତପନ କୁମାର ଗିରି,ପୂର୍ଣ୍ଣଚନ୍ଦ୍ର ସାହୁ, ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ମା ବୁଢୀ ଠାକୁରାଣୀଙ୍କ ରନ୍ନମୁଦ ଉତ୍ସବ



**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ପଥରପଦା ଗ୍ରାମର ଗ୍ରାମଦେବତୀ ମା ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆଜି ରନ୍ନମୁଦ ଉତ୍ସବ ଅନୁଷ୍ଠିତ ହେଉଅଛି। ପୂଜକ ରାଜୁ ପାଢୀ ଓ ଲିଟୁ ଦାଶଙ୍କ ଦ୍ୱାରା ଯଥା ବିଧି ଅନୁଯାଇ ପୂଜାର୍ଚ୍ଚନା ସହିତ ହୋମକାର୍ଯ୍ୟ କରାଯାଇଥିଲା। ପୂଜାରେ ମୁଖ୍ୟ କର୍ତ୍ତାକର୍ତ୍ତି ଭାବେ ନୀରଜଂନ ଦାଶ ଓ ଉର୍ମିଳା ଦାଶ ଯୋଗଦେଇଥିଲେ। ରନ୍ନମୁଦ ନିମନ୍ତେ ଗ୍ରାମର ଲୋକମାନେ ଯଥା ସଂମ୍ଭବ ଧାନ, ଧନ, ରନ୍ନ ଆଦି ଦାନ କରିଥିଲେ। ରନ୍ନ ମୁଦ ପରେ ମନ୍ଦିରର ଦଧି ନଉତି ସ୍ଥାପନ ଓ ବାନା ବନ୍ଧା ଯିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ରସାନନ୍ଦ ଦାଶ ଓ ସନାତନ ଦାଶ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ସମସ୍ତ ଗ୍ରାମବାସୀ ତଥା ଆଖପାଖ ଅଂଚଳର ଶ୍ରଧାଳୁମାନେ ଯୋଗଦେଇ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ବିକାଶ ମଞ୍ଚର ନବ ବର୍ଷ ପାଳନ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ବର୍ଷର ଅଭିନନ୍ଦନ ଓ ଶୁଭକାମନା ଜଣାଇ ଆଜି ଦିନ ବରିଷ୍ଠ ନାଗରିକ ବିକାଶ ମଞ୍ଚ, ବୈସିଙ୍ଗା ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବୈସିଙ୍ଗା ଠାରେ ଉପସ୍ଥିତ ହୋଇ ୧୫ ଜଣ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉରୋଟି ବଣ୍ଟା ଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଖଇରବଣୀ ବିଦ୍ୟାଳୟର କୁନିକୁନି ପିଲାମାନଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ବଣ୍ଟା ଯାଇଥିଲା। ପରେ ଉପସ୍ଥିତ ଥିବା ବରିଷ୍ଠମାନେ ଏକତ୍ରିତ ହୋଇ ବୈଶୀଙ୍ଗା ଥାନାର ଆଇଆଇସିଙ୍କୁ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ତତ୍‌ପରେ ବିଧାୟକଙ୍କୁ ସାକ୍ଷାତ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ତତ୍‌ସହିତ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଥିଲେ। ଆନୁଷ୍ଠାନିକ ଭାବେ ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତା ନାଥ ବେହେରା, ଉପସଭାପତି ମୋନରଞ୍ଜନ ଲେଙ୍କା, କାର୍ଯ୍ୟକାରୀ ଉପସଭାପତି ହରିଶ୍ଚନ୍ଦ୍ର ରାଉତ, ସମ୍ପାଦକ ଅଶ୍ୱିନୀ କୁମାର ମହାରଣା, ସହ ସମ୍ପାଦକ ଲକ୍ଷ୍ମୀଧର ନାଥ, ଗିରିଶ ଚନ୍ଦ୍ର ରାଉତ, ନବିନା ପଞ୍ଚା, ରମେଶ ଚନ୍ଦ୍ର ଲେଙ୍କା, ବ୍ରହ୍ମାନନ୍ଦ ମହାପାତ୍ର, ମହେନ୍ଦ୍ର ସାହୁ, ହରେକୃଷ୍ଣ ସାହୁ, ବ୍ରହ୍ମାନନ୍ଦ ମିଶ୍ର, ନରେନ୍ଦ୍ର ଗିରି, ବଂଶୀଧର ସାହୁ, ପଞ୍ଚାନନ ମହାରଣା, ହରିହର ଖୁଣ୍ଟିଆ, ସୋନ୍ତୋଷ ସାହାଣୀ, ଡମ୍ବୁରୁ ବିଦ୍ଧାଣି, ଭୀମ ଚରଣ ମାଝି, ବ୍ରଜ ଦାସ, ଗୌର ମୋହନ ଦାସ, ସୁରଥ ପ୍ରଧାନ, ଜଳଧର ପାଣି, ପ୍ରସନ୍ନ ପଣ୍ଡା, ପଦ୍ମ ଲୋଚନ ଦାସ, ସୋନ୍ତୋଷ୍ ଦୁର୍ଗା, ବରିଷ୍ଠ ସଦସ୍ୟଗଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିଲା।

# ୩ ଥାନାରେ ଅଫିସର ମରୁଡ଼ି: ଭରସା ଗ୍ରାମରକ୍ଷୀ

**ନିଆଳୀ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସ୍‌ପିଙ୍କ ଅଧୀନରେ ନିଆଳୀ, ଗୋବିନ୍ଦପୁର, ଓଲଟପୁର ଥାନା, କସର୍ଦା ଓ ଡ଼ିମିରି ବିଟ୍ ହାଉସ୍‌ରେ ସତେ ଯେମିତି ଅଫିସର ମରୁଡି ପଡିଛନ୍ତି। କେଉଁ ଥାନାରେ ଆଇଆଇସି ପଦବୀ ଖାଲି ତ ଆଉ କେଉଁଠି ଏସ୍‌ଆଇ, ଏଏସ୍‌ଆଇ, ହାବିଲ୍‌ଦାର ଓ କନେଷ୍ଟବଳ ପଦବୀ ଖାଲି ପଡିଛି। ଯେଉଁ କେତୋଟି ହାତ ଗଣତି ଅଫିସର ରହିଛନ୍ତି ତଦନ୍ତରେ ସେମାନେ ଗଲେ ଥାନାକୁ କନେଷ୍ଟବଳ, ଗ୍ରାମରକ୍ଷୀ ହିଁ ଭରସା। ମିଳିଥିବା ସୂଚନା ଅନୁଯାୟୀ ନିଆଳୀ ଥାନାରେ ଚଳିତ ବର୍ଷ, ୬୦୦ରୁ ଅଧିକ ମାମଲା ରୁଜୁ ହୋଇଥିବା



ବେଳେ ଏହି ଥାନାରେ ଏବେ ଚାରି ଜଣ ଏସ୍ ଆଇ ପଦବୀ ଖାଲି ପଡିଛି। ହାବିଲଦାର ନଥିବା ବେଳେ ତିନିଜଣ ଏଏସ୍‌ଆଇଙ୍କ ମଧ୍ୟରୁ ଦୁଇଜଣଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସୁରକ୍ଷା ନିମନ୍ତେ ନିଯୁକ୍ତି ଦିଆଯାଉଛି। ସେହିଭଳି ନିଆଳୀ ଥାନା ଅଧୀନରେ ଥିବା କସର୍ଦା ବିଟ୍ ହାଉସ୍‌ରେ ଅଫିସର ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ବେଳେ ଜଣେ ମାତ୍ର କନେଷ୍ଟବଳରେ ଫାଣ୍ଡି ଚାଲିଛି। ନିଆଳୀ ଥାନା ଅଧୀନରେ ୨୩ଗୋଟି ପଞ୍ଚାୟତରେ ୧ ଲକ୍ଷ ୧୦ ହଜାରରୁ ଉର୍ଦ୍ଧ ଲୋକଙ୍କ ସୁରକ୍ଷା ପାଇଁ ଆଇଆଇସି ଜଣେ, ଏଏସ୍‌ଆଇ ତିନିଜଣ ଓ ଏସ୍‌ଆଇ ଜଣେ ଥାନାରେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସେହିଭଳି ଗୋବିନ୍ଦପୁର ଥାନା ଅଧୀନରେ ୧୧ଗୋଟି ପଞ୍ଚାୟତର ଷାଠିଏ ହଜାରରୁ ଉର୍ଦ୍ଧ ଲୋକଙ୍କ ସୁରକ୍ଷା ପାଇଁ ଗୋବିନ୍ଦପୁର ଥାନା ଆଇଆଇସି ପଦବୀ ଖାଲି ପଡିଛି। ଉକ୍ତ ଥାନାରେ ଓଲଟପୁର ଥାନା ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଏଠାରେ ଦୁଇଜଣ ଏସ୍‌ଆଇ ବଦଳରେ ଜଣେ ଏସ୍‌ଆଇ, ଚାରିଜଣ ଏଏସ୍‌ଆଇ ମଧ୍ୟରୁ ତିନିଜଣ ଏଏସ୍‌ଆଇ ରହିଛନ୍ତି। ଏହି ଥାନା ଅଧୀନରେ ଥିବା ଡ଼ିମିରି ବିଟ୍ ହାଉସରେ ଜଣେ ଏଏସ୍‌ଆଇ, ଜଣେ କନେଷ୍ଟବଳରେ ଚାଲିଛି। ଏହିଭଳି ଓଲଟପୁର ଥାନା ଅଧୀନରେ ତିନୋଟି ପଞ୍ଚାୟତରେ ଚାଳିଶ ହଜାରରୁ ଉର୍ଦ୍ଧ ଲୋକ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ୱାସ୍ଥ୍ୟ କେନ୍ଦ୍ର ନିରତାର ୟୁଏନ କଲେଜ, ଦଧିଚି କଲେଜ ରାଇସି ମିଲ, ଚିମିରି ଇଟାଭାଟି, ୧୦ରୁ ଉର୍ଦ୍ଧ ରାଷ୍ଟ୍ରୟତା ସରକାରୀ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଭଳି ଅନେକ ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ରହିଛି। ଏହି ଥାନାରେ ଜଣେ ଆଇଆଇସି ଓ ଜଣେ ଏସଆଇରେ ଚାଲୁଥିବା ବେଳେ ଲୋକଙ୍କ ସୁରକ୍ଷା ପାଇଁ ଅଫିସର ନଥିବା ଆଲୋଚନା ହେଉଛି। କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଅଧୀନରେ ଏହି ତିନିଗୋଟି ଥାନାରେ ସତେ ଯେମିତି ଅଫିସରଙ୍କ ମରୁଡି ପଡିଛି। ଏଥିପ୍ରତି କଟକ ଗ୍ରାମାଞ୍ଚଳ ଏସପି ଦୃଷ୍ଟି ଦେବାସହିତ ସବୁ ଥାନାରେ ଅଫିସର ନିଯୁକ୍ତି କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବିହେଉଛି।

## ମଣ୍ଡିରେ ସୁବ୍ୟବସ୍ଥିତ ଧାନ କ୍ରୟ ଉପରେ ପ୍ରଶାସନର ଗୁରୁତ୍ୱ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଖରିଫ ଋତୁ ୨୦୨୫-୨୬ରେ ମଣ୍ଡିରେ ଧାନ କ୍ରୟ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଡିଆରସିଏସ ଅମୁଲ୍ୟ କୁମାର ସେଠୀ, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ସଭାରେ ଉପସ୍ଥିତ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର ସମ୍ପାଦକ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ମଣ୍ଡିରେ ଧାନ କ୍ରୟ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାସହ ସମସ୍ତ ଧାନ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା କରିବା ସହ ଚାଷୀ ଭାଇ ଭଉଣୀମାନଙ୍କୁ ଉଚିତ୍ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ସ୍ୱାଇଁ କହିଥିଲେ ଯେ ମଣ୍ଡିରେ ଧାନ କ୍ରୟ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ ଯୋଜନା। ଯାଜପୁର ଜିଲ୍ଲାରେ ଜାନୁଆରୀ ୭ ତାରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଗତ ବର୍ଷ ପ୍ରାୟ ୫୬,୦୦୦ ଚାଷୀଙ୍କଠାରୁ ୨୦ ଲକ୍ଷ ୫୪ହଜାର ୩୦୫ କୁଇଣ୍ଟାଲରୁ ଅଧିକ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୫୯,୯୬୦ ପଞ୍ଜିକୃତ ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୩୦୦ କୁଇଣ୍ଟାଲରୁ ଅଧିକ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରହିଛି। ଧାନ କ୍ରୟ କେନ୍ଦ୍ରଗୁଡିକରେ ପାନୀୟ ଜଳ, ଆଲୋକ, ସିସିଟିଭି, ତାର୍ପୋଲିନ, ଆର୍ଦ୍ରତା ମେସିନ ଏବଂ ବସିବା ପାଇଁ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏଥର କେବଳ ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରାଯିବ ବୋଲି କହିଥିଲେ। ଏହାସହ ମଣ୍ଡି କ୍ରୟକୁ ସେଣ୍ଟ୍ରାଲ ମନିଟରିଂ ୟୁନିଟ୍ ତଦାରଖ କରିବେ। ଏହି ସଭାରେ ୧୩୯ଟି ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ, ୪୨ଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ, ମାର୍କେଟିଂ ଇନ୍‌ସପେକ୍ଟର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 2nd January, 2026 Friday | RNI Regd. No. ODIODI/2009/28880

## ଘରର ଅସଲ ମାଲିକାଣୀ

ହେଲ୍‌ଥ ଟନିକ୍



ଶାଶୁ ଘର ଭିତରୁ ଥାଇ ବାହାର ବାରଣ୍ଡାରେ ଠିଆ ହୋଇଥିବା ବୋହୂକୁ ପଚାରିଲେ- ବୋହୂ, ତୁ କାହାକୁ ଏଠୁ ଯା' ବୋଲି କହିଲୁ?

ବୋହୂ କହିଲା- ବୋଉ, ଭିକାରିକୁ ମନା କରିଦେଲି, ଭିକ ଦିଆଯିବ ନାହିଁ।

ଶାଶୁ କ୍ଷୁବ୍ଧ ହୋଇ କହିଲେ- ମତେ ନପଚାରି ତତେ କିଏ କହିଲା ତାକୁ ମନା କରିବାକୁ? ଯା ତାକୁ ଡାକେ।

ବୋହୂ ଭିକାରିକୁ ଡାକିବାରୁ ସେ ଖୁସି ହୋଇ ଆସିଲା। ତାକୁ ଦେଖି ଶାଶୁ କହିଲେ- ଶୁଣ, ଏ ଘରର ମାଲିକାଣୀ ହେଲି ମୁଁ। ଖବରଦାର୍ ଆଉ କେବେ ଭିକ ମାଗିବାକୁ ଆସିବୁନି। ଯା ଏଠୁ।

# ଏପ୍ରିଲରେ ସରୁଛି ୪ ରାଜ୍ୟସଭା ସଭ୍ୟଙ୍କ କାର୍ଯ୍ୟକାଳ: ନାଁକୁ ନେଇ କଳ୍ପନାଜଳ୍ପନା

**ଭୁବନେଶ୍ୱର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ରେ ପ୍ରଥମ ଲଢ଼େଇ ହେବ ରାଜ୍ୟସଭା ପାଇଁ। ୪ ଆସନକୁ ନେଇ ଚଗାଚଗି ଚାଲିବ। ସଂଖ୍ୟା ଗଣିତରେ ୨ଟି ବିଜେପିକୁ, ଗୋଟିଏ ବିଜେଡିକୁ ଯିବାକୁ ଥିଲା। ଚତୁର୍ଥ ଆସନକୁ ନେଇ ଜମିବ ଲଢ଼େଇ। କିଏ ମାରିବ ବାଜି? କିଏ କରିବ ଖେଳ? ୨୦୨୬ର ଏହି ଲଢ଼େଇକୁ ନେଇ ଏବେଠାରୁ ରାଜନୈତିକ ପଣ୍ଡିତଙ୍କ ଅଙ୍କ ଗୋଳମାଳିଆ ହେଲାଣି।

ଏ ବର୍ଷ ପ୍ରଥମାର୍ଦ୍ଧରେ ଓଡିଶାର ୪ ରାଜ୍ୟସଭା ଆସନ ଖାଲି ହେଉଛି। ଏପ୍ରିଲରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ମମତା ମହାନ୍ତ, ନିରଞ୍ଜନ ବିଶି, ମୁନ୍ନା ଖାଁଙ୍କ କାର୍ଯ୍ୟକାଳ ସରୁଛି। ଆରମ୍ଭବେଳେ ଏହି ୪ଟି ଯାକ ଆସନ ବିଜେଡିର ଥିଲା। ମାତ୍ର ରାଜ୍ୟରେ ବିଜେଡି କ୍ଷମତାଚ୍ୟୁତ ହେବା ପରେ ଅଙ୍କ ବଦଳିଥିଲା। ସୁଜିତ କୁମାର ଓ ମମତା ମହାନ୍ତ ବିଜେଡି ଛାଡି ପୁନର୍ବାର ବିଜେପିରୁ ରାଜ୍ୟସଭା ଯାଇଥିଲେ। ଏବେ ୪ ଆସନରୁ ୨ଟି ବିଜେଡିର, ୨ଟି ବିଜେପିର। ଅଙ୍କ କହୁଛି, ବିଜେପିକୁ ୨ ଓ ବିଜେଡି ଖାତାକୁ ଗୋଟିଏ ଆସନ ଯିବାରେ କିଛି ଅସୁବିଧା ହେବନି। ମାତ୍ର ଲଢ଼େଇ ହେବ ଚତୁର୍ଥ ଆସନ ପାଇଁ।

ବର୍ତ୍ତମାନ ସବୁଠୁ ବଡ ପ୍ରଶ୍ନ ହେଲା ବିଜେପି କେତେ ପ୍ରାର୍ଥୀ ଦେବ? ୩ ନା ୪? ବିଜେଡି ଜଣଙ୍କ ପ୍ରାର୍ଥୀ କରିବ ନା ଦୁଇଜଣ? ସେହିପରି ବିଜେଡି ଓ କଂଗ୍ରେସ ମିଶି ମିଳିତ ପ୍ରାର୍ଥୀ ଦେବେ ନା ନାହିଁ?

ବର୍ତ୍ତମାନ ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ୭୯। ୩ ନିର୍ଦ୍ଦଳୀୟ ବିଧାୟକଙ୍କ ସମର୍ଥନ ମିଶାଇଲେ ବିଜେପିର ସଂଖ୍ୟା ୮୨। ବିଜେଡି ବିଧାୟକଙ୍କ ସଂଖ୍ୟା ୫୦। କଂଗ୍ରେସ ୧୪, ସିପିଆଇଏମ ୧। ହିସାବ କହୁଛି, ଯେଉଁ ରାଜ୍ୟସଭା ପ୍ରାର୍ଥୀ ୩୧ଟି ଭୋଟ ପାଇବେ, ସେ ନିର୍ବାଚିତ ହେବେ। ବିଜେପି ପାଖରେ ଯେତିକି ବିଧାୟକ ଅଛନ୍ତି, ପ୍ରଥମ ଓ ଦ୍ୱିତୀୟ ପ୍ରାର୍ଥୀ ଆରାମରେ ଜିତିବେ। ଏହାବାଦ୍ ବିଜେପି ପାଖରେ ଆହୁରି ୨୦ଜଣ ବିଧାୟକ ଅଛନ୍ତି। ଆଉ ଗୋଟିଏ ଆସନ ଜିତିବା ପାଇଁ ବିଜେପିକୁ ଦରକାର ୧୧ ବିଧାୟକ।

ସେହିପରି ବିଜେଡିର ନିଜର ପ୍ରଥମ ପ୍ରାର୍ଥୀଙ୍କୁ ଜିତାଇବା ପରେ ଆହୁରି ୧୯ ବିଧାୟକ ରହୁଛନ୍ତି। ଯଦି ବିଜେଡି ଦ୍ୱିତୀୟ ପ୍ରାର୍ଥୀ ଦିଏ ଆଉ ୧୨ଜଣ ବିଧାୟକଙ୍କ ଭୋଟ ଦରକାର ପଡିବ। ସିପିଆଇଏମ ବିଧାୟକଙ୍କ ସମର୍ଥନ ମିଳିବା ପରେ ବି ଆଉ ୧୦ ବିଧାୟକ ଦରକାର ପଡିବେ। ଯଦି କଂଗ୍ରେସ ସମର୍ଥନ ଦିଏ କିମ୍ବା ବିରୋଧୀ ଦଳ କୌଣସି ମିଳିତ ପ୍ରାର୍ଥୀ ଦିଅନ୍ତି, ତେବେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିତିପାରିବେ।

ଏବେ ପ୍ରଶ୍ନ ହେଲା, ବିରୋଧୀ ଦଳ ଭିତରେ ବୁଝାମଣା ଓ ସମନ୍ୱୟ ରହିବ କି? କଂଗ୍ରେସ ଓ ବିଜେଡି ଏକାଠି ହେବେ କି? ବିଜେପିର ନିର୍ବାଚନ ରଣନୀତି ଆଗରେ ବିରୋଧୀ ଦଳ ଏକାଠି ରହିବା କେତେ ଦୂର ସମ୍ଭବ, ତାହା ସମୟ କହିବ। ରାଜ୍ୟସଭା ନିର୍ବାଚନରେ ବଡ ଧରଣର କ୍ରସ ଭୋଟିଂକୁ ଏଡାଇ ଦିଆଯାଇନପାରେ। ବିଜେଡି ଓ କଂଗ୍ରେସ ଦଳ ଭିତରେ ଯେଉଁଭଳି ବିବାଦ ଲାଗିଛି, ଏହାର ପ୍ରତିଫଳନ ରାଜ୍ୟସଭା ନିର୍ବାଚନରେ ବି ପଡିପାରେ।

## ଭସାପୋଲରୁ ଖସି ଜଣେ ମୃତ

**କୃଷ୍ଣପ୍ରସାଦ,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡା ଚିଲିକାରେ ନୂଆ ବର୍ଷରେ ଏକ ଅଘଟଣ ଘଟିଛି। ସାତପଡା ଠାରୁ ଜହ୍ନିକୁଦା ଭସାପୋଲରେ ଯାତ୍ରା କରୁଥିବାବେଳେ ପାଣି ମଧ୍ୟକୁ ଖସି ପଡିଥିଲେ ଜଣେ ଯାତ୍ରୀ। ବହୁ ସମୟ ନିଖୋଜ ପରେ ପାଣିରେ ତାଙ୍କର ଟୋପି ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ଜଳ ଯାତ୍ରା ପାଇଁ ସରକାର ସେଫଟି ଜ୍ୟାକେଟ ବାଧ୍ୟତାମୂଳକ କରିଥିବାବେଳେ ଭସାପୋଲରେ ତାହା ଆଦୌ ଦେଖିବାକୁ ମିଳେନାହିଁ। ଭସାପୋଲର ଆଗ ପଛ ମୁକୁଳା ପଡ଼ିଥିବା ବେଳେ ଯାତ୍ରୀଙ୍କୁ ନ ଯିବା ପାଇଁ କୌଣସି କଟକଣା କରାଯାଉନାହିଁ। ଯାହାଦ୍ୱାରା ଯାତ୍ରୀ ଜଣକ ପାଣି ମଧ୍ୟକୁ ଖସି ପଡ଼ିଥିଲେ ମଧ୍ୟ କେହି ଦେଖି ପାରିନାହାନ୍ତି। ଘନ କୁହୁଡି ଏ ବିପଦ ଘଟାଇ ପାରିଥିବା ସନ୍ଦେହ ହେଉଛି। ବହୁ ସମୟ ଖୋଜାଖୋଜି କରିବା ପରେ ନିଖୋଜ ଯାତ୍ରୀଙ୍କ ମୃତଦେହ ମିଳିଛି। ତେବେ ଚିଲିକା ଉନ୍ନୟନ ବିଭାଗର ଭସାପୋଲରୁ ଖସି ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ କୌଣସି ଚିନ୍ତା ନାହିଁ। ସାଧାରଣ ଲୋକ ମୃତଦେହକୁ ଉଦ୍ଧାର କରିଥିବା ବେଳେ ସାତପଡ଼ା ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତିଙ୍କ ନାମ ଉମା ଶଙ୍କର ସାବତ(୬୦) ବୋଲି ଜଣାଯାଇଛି। ତାଙ୍କ ଘର ମାଲକାନଗିରି ବାଲିମେଳା ବୋଲି ଏକ ସୂଚନା ମିଳିଛି। ଏନେଇ ସାତପଡ଼ା ଚିଲିକା ଉର୍ନୟନ କର୍ତ୍ତୃପକ୍ଷଙ୍କ କୌଣସି ମତାମତ ମିଳିପାରିନାହିଁ।

## ୨୦୨୬ରେ ୩ ବିଶ୍ୱକପ ଓ ଏକାଧିକ ସିରିଜ୍




**ନୂଆଦିଲ୍ଲୀ,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଦାୟ ନେଇ ସାରିଛି ୨୦୨୫। ଏବେ ୨୦୨୬ର ପ୍ରଥମ ସୂର୍ଯ୍ୟ ଉଦୟ ହୋଇ ସାରିଛନ୍ତି। ୨୦୨୬ ଆସିବା କ୍ଷଣି ଭାରତୀୟ କ୍ରିକେଟ ଅତ୍ୟନ୍ତ ବ୍ୟସ୍ତ ବହୁଳ ବର୍ଷରେ ପ୍ରବେଶ କରିଛି। ଚଳିତ ବର୍ଷ ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ ଟିମ ୩ଟି ବିଶ୍ୱକପ ସହ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବାକୁ ମୈଦାନକୁ ଓହ୍ଲାଇବେ।

ଚଳିତ ବର୍ଷ ପୁରୁଷ ଟିମ ଟି-୨୦ ବିଶ୍ୱକପ ପାଇଁ ଲଢ଼େଇ କରିବ। ସେହିପରି ମହିଳା ଟିମ ମଧ୍ୟ ଟି-୨୦ ବିଶ୍ୱକପ ଖେଳିବ। ଏହାବାଦ ଅଣ୍ଡର ୧୯ ପୁରୁଷ ବିଶ୍ୱକପ ମଧ୍ୟ ଚଳିତ ବର୍ଷ ଅନୁଷ୍ଠିତ ହେବ।

ଚଳିତ ବର୍ଷର ସବୁଠାରୁ ବଡ କ୍ରିକେଟ ମହାକୁମ୍ଭ ହେଉଛି ଟି-୨୦ ପୁରୁଷ ବିଶ୍ୱକପ। ଏହା ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ଯାଏ ଅନୁଷ୍ଠିତ ହେବ। ଏହାକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଛନ୍ତି। ସେହିପରି ଜୁନ ୧୨ରୁ ଜୁଲାଇ ୫ରେ ମହିଳା ଟି-୨୦ ବିଶ୍ୱକପ ଇଂଲଣ୍ଡରେ ଖେଳାଯିବ। ଭାରତୀୟ ମହିଳା ଟିମ ୨୦୨୫ରେ ପ୍ରଥମଥର ଦିନିକିଆ ବିଶ୍ୱକପ ଜିତିଥିଲା। ତେଣୁ ୨୦୨୬ରେ ମହିଳା ଟିମ ଉପରେ ସମସ୍ତଙ୍କ ଆଶା ଆହୁରି ବଢ଼ି ଯାଇଛି।

## ବିଦ୍ୟୁତ ଆଘାତରେ ଯୁବକ ମୃତ

**ରାଜନଗର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ରଙ୍ଗଣୀ ପଚାଂୟତ ଗୋପାଳଜୀୟୁ ପାଟଣା ଗ୍ରାମର ଜଣେ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଏହି ଗ୍ରାମର ଶୁଶାନ୍ତ ଭୂୟାଁଙ୍କ ପୁଅ ସୁବ୍ରତ ଭୂୟାଁ(୨୭) ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କଠାରୁ ଖବରପାଇ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଶବକୁ ଜବତ କରିଛି। ଶୁକ୍ରବାର ଦିନ ଶବ ବ୍ୟବଛେଦ କରାଯିବ ବୋଲି ସୂଚନା ମିଳିଛି।

## ୧୦ ମତ୍ସ୍ୟଜିବୀ ଗିରଫ

**ରାଜନଗର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଁଣରୁ ୧୪କି.ମି. ଦୂରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ପେରାନ୍ତଲୁ ନାମକ ଟ୍ରଲରକୁ ଜବତ କରିବା ସହ ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଥିଲେ। ତା ମଧ୍ୟରୁ ଦୁଇଟି ଜିପିଏସ, ଦୁଇଟି ଭିଏଚଏଫ, ଦୁଇଟି ଜେନେରେଟର, ୨୦ କି.ମି. ଲମ୍ବର ମାଛଧରା କଟାଂ, ୧୩କ୍ୟୁଟାଂଲ ମାଛ ଜବତ କରିଥିଲେ। ଗିରଫ ମତ୍ସ୍ୟଜିବୀମାନେ ହେଲେ ରୟିଥି ଅମାରୁ, ଭାସୁପିଲି ରାମୁ, ଭାସୁପିଲି ଦନୟା, ଭାସୁପିଲି ଲକ୍ଷ୍ମଣ, ରୟିଥି ଆପାଲକୋଣ୍ଡା, ଭାସୁପିଲି ରାମୁ, ରୟିଥି ଝୋଡାୟା, ମୁଗି ଦୂର୍ଗାୟା, ମ୍ୟଲାପିଲି ୟେଲାୟା, ୟେରିପିଲି ସନ୍ୟାସୀ। ମତ୍ସ୍ୟଜିବୀମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲ୍ଲା ଅଂଚଳର ବାସିନ୍ଦା। ଗିରଫ ମତ୍ସ୍ୟଜିବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ବାଇକକୁ ପୋଡିଦେଲେ ଦୁର୍ବୃତ୍ତ

**ରାଜନଗର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଓସ୍ତିଆ ପଚାଂୟତ ନଗଡ ଗ୍ରାମରେ ଏକ ବାଇକକୁ କେହି ଦୁର୍ବୃତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ବିପିନ ବିହାରୀ ପଣ୍ଡାଙ୍କ ବାଇକରେଗତ କାଲି ରାତିରେ କେହି ଦୁର୍ବୁତ ନିଆଁ ଲଗାଇ ଦେଇଥିଲେ। ବାଇକଟି ସଂପୂର୍ଣ୍ଣ ଜଳି ଯାଇଛି। ବାଇକକୁ କିଏ କେଉଁ କାରଣ ପାଇଁ ନିଆଁ ଲଗାଇ ଜାଳିଦେଲା, ତାହାହିଁ ସନ୍ଦେହ ସୃଷ୍ଟି ହୋଇଛି। ବିପିନ୍ ଥାନାରେ ଶୁକ୍ରବାର ଦିନ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମାର୍ଶାଘାଇ,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ରାମିଆଗଞ୍ଜ ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ୨ୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଠାରୁ ଅଙ୍କୁରରୋପଣ ପରେ ଆରମ୍ଭ ହୋଇ ବୁଧବାର ଦିନ ୧୦୮ କଳସୀ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ସୂର୍ଯ୍ୟପୂଜା, ଗୋପୂଜା, ଶ୍ରୀରାମଙ୍କ ଷୋଡଷ ଉପଚାର ପୂଜା ସଂଧ୍ୟା ଆଳତୀ, ବୈଷ୍ଣବ ଭଜନ ପରେ ଆନନ୍ଦ ବଜାରରେ ପ୍ରସାଦ ସେବନ କରାଯାଇଥିଲା। ସଂଧ୍ୟାରେ ପ୍ରବନ୍ଧ କରାଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଶହଶହ ସଂଖ୍ୟାର ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ଶୁକ୍ରବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସହାୟତ କରୁଛନ୍ତି।

## ଅଟୋ ଧକ୍କାରେ ମହିଳା ଗୁରୁତର



**ବାଲିଅନ୍ତା,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାଳକାଟି ଫାଣ୍ଡି ଅଧୀନ ବାଳକାଟି - ଝିଣ୍ଟି ମୁଖ୍ୟ ଗ୍ରାମ ଉନ୍ନୟନ ରାସ୍ତାରେ ଆଜି ସନ୍ଧ୍ୟା ୬ଟା ବେଳେ ଏକ ଯାତ୍ରୀବାହୀ ଅଟୋ ଧକ୍କାରେ ମାଆ ପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ମା ପୁଅ ହେଲେ ବାଲିପାଟଣା ଥାନା ଅଧୀନ ଝିଣ୍ଟିଶାସନ ଗ୍ରାମର ବସନ୍ତ ସ୍ୱାଇଁ (୫୮) ଓ ତାଙ୍କ ପୁଅ ଚିନ୍ମୟ ଓରଫ କାଳିଆ ସ୍ୱାଇଁ (୩୩)। ସ୍ଥାନୀୟ ଲୋକ ଏନେଇ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇ ଥିଲେ। ହେଲେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସମାଜସେବୀ ପ୍ରଦୀପ୍ତ ମହାନ୍ତି ଉଭୟ ମାଆ ପୁଅଙ୍କୁ ଉଦ୍ଧାର କରି ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ବସନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏବେ ବସନ୍ତ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ ବସନ୍ତ ପୁଅ ସହ ଶିବ ମନ୍ଦିରରୁ ଫେରୁଥିବା ବେଳେ ବାୟାଁପଦା ନିକଟରେ ଆଟୋ ପଛରୁ ବାଇକକୁ ଧକ୍କା ଦେବାରୁ ବାଇକ ନଦୀବନ୍ଧ ତଳକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଉପସ୍ଥିତ ସମାଜସେବୀ ପ୍ରଦୀପ୍ତ ମହାନ୍ତି ସେମାନଙ୍କୁ ଉଦ୍ଧାର କରିଥିଲେ।

## ଟ୍ରକ୍‌କୁ ଧୋକ୍କା ଦେଲା ଗୁଗଲ ମ୍ୟାପ

**ଭଦ୍ରକ,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଧୋକା ଦେଲା ଗୁଗଲ ମ୍ୟାପ। ବାଟ ଜାଣି ନ ପାରି ଗାଁକୁ ମାଡ଼ିଗଲା ଟ୍ରକ୍ ଆଉ ଭାଙ୍ଗିଗଲା ଘର। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଦିଗଛିଆରେ। ଆଜି ଭୋରରେ କଟକରୁ ଏକ ଟ୍ରକ ଧାମରା ବନ୍ଦର ଅଭିମୁଖେ ଯାଉଥିଲା। ନୂଆକରି ଧାମରାକୁ ଗାଡି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣା ନଥିବାରୁ ସେ ଗୁଗଲ ମ୍ୟାପ ଦେଖି ଗାଡି ଚଳାଉଥିଲେ। ମାତ୍ର ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡି ଚଳାଇ ଗାଁ ଭିତେ ଟ୍ରକକୁ ପୁରାଇଦେଇଥିଲେ। ଅଣଓସରିଆ ଗାଁ ଭିତରେ ବଡ଼ ଟ୍ରକଟି ଆଉ ବୁଲି ନ ପାରି ରମେଶ ଦାସଙ୍କ ଘର ଉପରେ ମାଡି ଯାଇଥିଲା। ଏହା ଦେଖି ଗାଁ ଲୋକେ ବାଂଶଡା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଂଶଡା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଗାଡିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡିଛି।

## ଖଣ୍ଡଗିରିରେ ମକର ପରେ ବନ୍ଧା ହେବ ପେଣ୍ଡାଲ୍

**ଭୁବନେଶ୍ୱର,୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରସିଦ୍ଧ ଖଣ୍ଡଗିରି ମେଳା ଆସୁଛି। ମାଘ ସପ୍ତମୀରୁ ଆରମ୍ଭ ହେବ ମାଘମେଳା। ଏଥିସହ ଆରମ୍ଭ ହୋଇଯିବ ଖଣ୍ଡଗିରି ଯାତ୍ରା ମହସମର। ଯାତ୍ରା ପାଇଁ ଏବେ ଚାଲିଛି କମିଟି ମଧ୍ୟରେ କସରତ। କିଏ କେଉଁ ପାର୍ଟି ଆଣିବେ ତାହା ବି ଚୂଡାନ୍ତ ପର୍ଯ୍ୟାୟରେ। ପ୍ରାରମ୍ଭରେ ଯାତ୍ରା ପେଣ୍ଡାଲ ସଂଖ୍ୟା ବଢ଼ିବ ବୋଲି କୁହାଯାଉଥିବା ବେଳେ ପେଣ୍ଡାଲ ସଂଖ୍ୟା ସେହି ୬ରେ ସୀମିତ ରହିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଛି।

ଚଳିତ ଖଣ୍ଡଗିରି ଯାତ୍ରା ମହାସମରରେ ଭାଗ୍ୟ ପରୀକ୍ଷା କରିବେ ମୋଟ ୧୨ଟି ଅପେରା ପାର୍ଟି। ସେଥିମଧ୍ୟରେ ଅଶୋକ ସମ୍ରାଟ, ତୁଳସୀ ଗଣନାଟ୍ୟ, କୋଣାର୍କ ଗଣନାଟ୍ୟ, ଅପେରା ସୂର୍ଯ୍ୟମନ୍ଦିର, ଯାତ୍ରା ରାଣୀ ସିଂହବାହିନୀ, ଶିବାନୀ ଗଣନାଟ୍ୟ, ଅପେରା ସ୍ୱର୍ଣ୍ଣ ମହଲ, ରଙ୍ଗମହଲ, ନାଟ୍ୟମଣ୍ଡପ, ରାଜଦରବାର, ବିଶ୍ୱଦରବାର ଓ ନୂଆକରି ଗଢ଼ାଯାଇଥିବା ଶ୍ରୀମନ୍ଦିର ଭଳି ଆଗଧାଡିର ପାର୍ଟି ରହିଛନ୍ତି। ତେବେ ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲରେ ଅଶୋକ ସମ୍ରାଟ ଓ ତୁଳସୀ ଗଣନାଟ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ। ଘାଟିକିଆ ସନାତନ ସେବା ସଦନ ମଞ୍ଚରେ କୋଣାର୍କ ଓ ଅପେରା ସୂର୍ଯ୍ୟମନ୍ଦିର, ଜାଗମରା ଇନ୍ଦିରା ସାଂସ୍କୃତିକ ମଞ୍ଚରେ ସିଂହବାହିନୀ ଓ ଶିବାନୀ, ଜାଗମରା ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣମହଲ ଓ ରଙ୍ଗମହଲ, ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ବିଶ୍ୱଦରବାର ଓ ଶ୍ରୀମନ୍ଦିର ଏବଂ ବରମୁଣ୍ଡା ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ମଞ୍ଚରେ ନାଟ୍ୟମଣ୍ଡପ ଓ ରାଜଦରବାର ପାର୍ଟି ଯାତ୍ରା ପରିବେଷଣ କରିବେ। ସବୁ ଯାତ୍ରା ପାର୍ଟି ପର୍ଯ୍ୟାୟକ୍ରମେ ଯାତ୍ରା ପରିବେଷଣ କରିବେ ବୋଲି ବିଭିନ୍ନ କମିଟି ପକ୍ଷରୁ ସୂଚନା ମିଳିଛି। ଆସନ୍ତା ମକର ସଂକ୍ରାନ୍ତି ପରେ ପରେ ମଞ୍ଚ ବନ୍ଧା ଆରମ୍ଭ ହୋଇଯାଇଥିବ ବୋଲି ଜଣାପଡିଛି।

ଅପରପକ୍ଷେ, ଦୀର୍ଘଦିନର ବିରତ ପରେ ଯାତ୍ରାମଞ୍ଚକୁ ପାଦ ରଖିଥିବା ଯୁବ ଅଭିନେତା ପୀୟୁଷ ତ୍ରିପାଠୀଙ୍କୁ ଏଥରକ ସିଂହବାହିନୀ ପାର୍ଟିରେ ଦେଖିବାକୁ ମିଳିବ। ଶ୍ରୀମନ୍ଦିରରେ ଅଭିନେତା କାହ୍ନା ସ୍ୱାଇଁ, ଶିବାନୀରେ ବରିଷ୍ଠ ଅଭିନେତା ଗୌର ଦାସ ଓ ତୁଳସୀରେ ଯୁବ ଖଳନାୟକ ସାଇଙ୍କୁ ଦେଖିବେ ଯାତ୍ରାପ୍ରେମୀ। ନୂଆ ବହି, ନୂଆ କଳାକାରଙ୍କୁ ନେଇ ଏଥରକ ଯାତ୍ରା ମଞ୍ଚ ବେଶ୍ ରଙ୍ଗୀନ ହେବାକୁ ଯାଉଛି। ଏଥପରକ ତୁଳସୀ, ସିଂହବାହିନୀ, ରଙ୍ଗମହଲ, ଶ୍ରୀମନ୍ଦିର ଦର୍ଶକଙ୍କ ପସନ୍ଦ ତାଲିକାରେ ଅଛନ୍ତି। ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲର ସଭାପତି କୃଷ୍ଣଚନ୍ଦ୍ର ଜେନା କହିଛନ୍ତି, ଏଥରକ ଖଣ୍ଡଗିରିରେ ଦମଦାର ଯାତ୍ରା ପରିବେଷଣ ହେବ। ତୁଳସୀର ବହି 'ଏଇ ବୋଧେ ଶେଷ ଦେଖା' ଚର୍ଚ୍ଚାରେ ରହିଛି। ତେଣୁ ଦର୍ଶକମାନେ କଳାକାରଙ୍କୁ କେମିତି ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଛି।

### ୧୮ଟି ଜିଲ୍ଲାରେ ଜାରି ରହିଛି ଧାନ ସଂଗ୍ରହ

## ଚାଷୀଙ୍କ ଆକାଉଣ୍ଟକୁ ଗଲାଣି ପ୍ରାୟ ୨୫୬୬କୋଟି

**ଭୁବନେଶ୍ୱର,୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଜାରି ରହିଛି ଧାନ ସଂଗ୍ରହ। ରାଜ୍ୟରେ ଚଳିତ ଖରିଫ୍ ଋତୁରେ ସରକାରୀ ସ୍ତରରେ ଧାନ ସଂଗ୍ରହ ଜାରି ରହିଛି। ପଞ୍ଜିକୃତ ଚାଷୀମାନେ ସେମାନଙ୍କ ମଣ୍ଡିକୁ ଆସି ନିଜର ଧାନ ବିକ୍ରୟ ଚାଲୁ ରଖିଛନ୍ତି। ସେମାନଙ୍କ ସୁବିଧା ନିମନ୍ତେ ସମସ୍ତ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ,ପାନୀୟ ଜଳ,ସିସିଟିଭି ମୁତୟନ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଅଧିକାରୀମାନେ ନିୟୋଜିତ ରହି ଧାନକିଣା ଉପରେ ନଜର ରଖୁଛନ୍ତି। କୌଣସି ମଧ୍ୟସ୍ଥି କଥାକୁ ବିଶ୍ୱାସ ନ କରି କେବଳ ସରକାରୀ ସ୍ତରରେ ଧାନ ବିକ୍ରୟ କରିବା ଏବଂ କେବଳ ସରକାରଙ୍କ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଇଛି। ଧାନ ବିକ୍ରୟ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଚାଷୀ ମାନେ ଅଭିଯୋଗ କରିପାରିବା ସହ ସେମାନଙ୍କ ଅଭିଯୋଗ ଗୁଡିକର ତ୍ୱରିତ ଶୁଣାଣି କରାଯାଉଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୮ଟି ଜିଲ୍ଲା ଯଥା ବାଲେଶ୍ୱର, ବରଗଡ, ବଲାଙ୍ଗିର, ବୌଦ୍ଧ, ଦେବଗଡ, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ ଜିଲ୍ଲାରେ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ଜାରି ରହିଛି। ଅଦ୍ୟାବଧି ଏହିସବୁ ଜିଲ୍ଲାର ୨,୪୯,୮୮୮ ଜଣ ଚାଷୀଙ୍କଠାରୁ ୧୧ଲକ୍ଷ ୧୦ହଜାର ୬୦୨ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ସାରିଲାଣି। ଏଥିସହ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୯୬୧ କୋଟି ଟଙ୍କା ଏବଂ ଇନପୁଟ ସହାୟତା ବାବଦକୁ ୬୦୫ କୋଟି ଟଙ୍କା ଭାବେ ପ୍ରାୟ ୨୫୬୬ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ସେମାନଙ୍କ ଆକାଉଣ୍ଟକୁ ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ବାର୍‌ରେ ନିଆଁ...

ଉପସ୍ଥିତ ଥିଲେ। ସେମାନେ ନୂଆ ବର୍ଷକୁ ସେଲିବ୍ରେଟ କରୁଥିବା ବେଳେ ବିସ୍ଫୋରଣ ହୋଇଛି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକ ରହିଥିବା ଜଣାପଡିଛି। ସେମାନେ ଛୁଟି ମନାଇବାକୁ କ୍ରାନ୍ସ-ମୋଣ୍ଟାନାକୁ ଆସିଥିଲେ। ବିସ୍ଫୋରଣ ବେଳେ ୧୦୦ରୁ ଅଧିକ ଲୋକ ବାରରେ ଉପସ୍ଥିତ ଥିଲେ। ଏବେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ସେ କହିଛନ୍ତି।

ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଓ ଫଟୋରେ ବାରଟି ଜଳୁଥିବା ଦେଖିବାକୁ ମିଳୁଛି। ଲୋକମାନେ ଅଗ୍ନିକାଣ୍ଡ ପରେ ଧାଁଡ଼ି କରୁଥିବା ମଧ୍ୟ ଭିଡିଓରେ ଦେଖାଯାଉଛି। ପୁଲିସ୍ ଓ ଅଗ୍ନିଶମ କର୍ମଚାରୀଙ୍କ ବ୍ୟତୀତ ଘଟଣା ସ୍ଥଳରେ ହେଲିକପ୍ଟରକୁ ମୁତୟନ କରାଯାଇଛି।

ପ୍ରଭାବିତ ଲୋକଙ୍କ ପ୍ରିୟଜନଙ୍କ ପାଇଁ ଗୋଟିଏ ହଟଲାଇନର ବ୍ୟବସ୍ଥା ହୋଇଛି। ଘଟଣା ପରେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି ଓ କ୍ରାନ୍ସ-ମୋଣ୍ଟାନାକୁ ନୋ-ଫ୍ଲାଇଂ ଜୋନ ଭାବେ ପ୍ରଶାସନ ଘୋଷଣା କରିଛି।

ସ୍ୱିସ ନ୍ୟୁଜ ଆଉଟଲେଟ ବ୍ଲିକର ରିପୋର୍ଟରେ କୁହାଯାଇଛି ଯେ ଏଠାରେ ଆୟୋଜିତ କନର୍ସରେ ଆତସବାଜୀ କରାଯାଇଥିଲା। ସମ୍ଭବତଃ ଏହି କାରଣରୁ ବିସ୍ଫୋରଣ ଓ ଅଗ୍ନିକାଣ୍ଡ ହୋଇଛି। ତେବେ ପୁଲିସ୍ ଏଯାଏ ଏହାକୁ ସ୍ପଷ୍ଟ କରିନାହିଁ।

### ଅପାରଗଙ୍କୁ ବାହାର...

ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡିଶା ଗଠନ ଏବଂ ଓଡିଶାକୁ ଶ୍ରେଷ୍ଠ ପାଞ୍ଚଗୋଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ରାଜ୍ୟକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡକୁ ନେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ତେଣୁ, ମୁଖ୍ୟମନ୍ତ୍ରୀ ଭାବେ ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନର ଦୃତ ବିକାଶ ପାଇଁ ସବୁ ଜିଲ୍ଲାପାଳଙ୍କୁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଆରୋପ କରାଯାଇଛି।

ସେହିପରି ଆସନ୍ତା ଦୁଇବର୍ଷ ମଧ୍ୟରେ ସବୁ ଖାଲିଥିବା ସରକାରୀ ପଦ ପଦବୀକୁ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ସରକାର ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ୩୧୧ ଧାରା ଏବଂ ଓଡିଶା ସର୍ଭିସେସ ରୁଲ ଅନୁଯାୟୀ ଚିହ୍ନଟ କରି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଏପରିକି ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ, ମୁଖ୍ୟମନ୍ତ୍ରୀଙ୍କ ଶାସନ-ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ ଏବଂ ଚଳଚଞ୍ଚଳ କରିବା ପାଇଁ ଦୃଢ ସଂକଳ୍ପକୁ ସୂଚାଉଛି।

ଏଥି ସହିତ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ଭାବେ ସମୀକ୍ଷା ଓ ମୂଲ୍ୟାୟନ କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି। ଗବେଷଣା ଓ ମୂଲ୍ୟାୟନକୁ ଜୋର୍ ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢିତୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସବୁପ୍ରକାର ସରକାରୀ କାର୍ଯ୍ୟ, ବିଶେଷ ଭାବେ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡିଆ ଭାଷାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବା ପାଇଁ କୁହାଯାଇଛି। ଏହି ଦିଗରେ ଖିଲାଫକାରୀଙ୍କୁ କୈଫିୟତ ତଲବ କରିବା ପାଇଁ ବି କୁହାଯାଇଛି। ତେଣୁ, ଓଡିଆ ଭାଷାକୁ ସରକାରୀ ଭାଷାରେ ବ୍ୟବହାର କରିବା ପାଇଁ ପ୍ରତିବଦ୍ଧତାର ବାର୍ତ୍ତା ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତର ସହିତ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟଠାରୁ ଆରମ୍ଭ କରି ବ୍ଲକ ଓ ତହସିଲସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ଲୋକଙ୍କ ସମସ୍ୟାକୁ ନିଜ ଆଖିରେ ଦେଖି ତାହାର ସମାଧାନ କରିବା ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସହିତ ସବୁ ଅଧିକାରୀଙ୍କୁ ପରିଦର୍ଶନର ଫଳାଫଳ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯାହା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ବିବେଚିତ ହେବ। ଏହି ପନ୍ଦର-ସୂତ୍ରୀ ପରାମର୍ଶ ନିର୍ଦ୍ଦେଶିକା ରାଜ୍ୟ ଶାସନ ପ୍ରଶାସନକୁ ନିଶ୍ଚିତ ଭାବେ ଚଳଚଞ୍ଚଳ କରିବ। ଏହି ନିର୍ଦ୍ଦେଶିକାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ, ଲୋକାଭିମୁଖୀ, ତଥା ଗତିଶୀଳ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଟାଟା ପାୱାରର...

ଟେକିଦେବା ଫଳରେ ମନମାନୀ ଚାଲିବା ସ୍ୱାଭାବିକ। ଯାହା ବିଦ୍ୟୁତ୍ ସେବା କ୍ଷେତ୍ରରେ ଦେଖାଦେଇଛି। ଏଥି ସହିତ ଆଦାୟ ହେଉଥିବା ଏମଏଫସି/ସିୟୁଏସଟି ଚାର୍ଯ୍ୟ ଓ ଇଡ଼ି ଚାର୍ଯ୍ୟ କ'ଣ ଲୋକେ ଏଯାଏ ବୁଝିପାରୁନାହାଁନ୍ତି। ସବୁଠାରୁ ବଡ଼ କଥା ହେଲା କ୍ରମାଗତ ଚଢାଉ କରାଯାଇ ଅଧିକ କିଲୋୱାଟ୍ ବ୍ୟବହାର, ମିଟର ଡ଼ିଫେକ୍ଟ, ହୁକିଙ୍ଗ ଆଦି ବିଭିନ୍ନ ଆଳ ଦେଖାଇ ଲକ୍ଷାଧିକ ଟଙ୍କା ଫାଇନ୍ କରାଯାଉଛି। ଅଭିଯୋଗ ଶୁଣାଣି ପ୍ରହସନ ପାଲଟିଛି। ବରଂ ଅଭିଯୋଗ କଲେ ଲୋକେ ତିରସ୍କୃତ ହେଉଛନ୍ତି। ଯାହା ବ୍ରିଟିଶ୍ ଶାସନରେ ନଥିବା ଅନେକ ମତଦେଉଛନ୍ତି। ସାଧାରଣ ଲୋକେ ଲୁଟ୍‌ର ଶିକାର ହେଉଥିବାବେଳେ ସରକାର ବି ଅନ୍ଧ ମୁକ ପାଲଟିଯାଇଛନ୍ତି। ଓଡ଼ିଆ ଉପଭୋକ୍ତାଙ୍କୁ ଚୁନ ମାରି ଟାଟା ପାୱାର କୋଟି କୋଟି ଟଙ୍କାର ମୁନାଫା ଉଠାଉଥିବାବେଳେ ଓଡ଼ିଆଙ୍କୁ ବାଦ୍ ଦେଇ କମ୍ପାନୀରେ ଅଣଓଡ଼ିଆ କର୍ମଚାରୀଙ୍କ ସଂଖ୍ୟା ବଢାଇ ଚାଲିଛି। ଅନ୍ୟପକ୍ଷରେ ଟାଟା ବିଦ୍ୟୁତ୍ ଯୋଗାଣ ହାତକୁ ନେବା ପରେ ବିଦ୍ୟୁତ୍ ସେବାରେ କୌଣସି ଉନ୍ନତି ଦେଖାଯାଇନାହିଁ। ବରଂ ଆକାଶରେ ମେଘ ଘୋଟିଲେ କି ପବନରେ ଗଛପତ୍ର ହଲିଲେ ଘଣ୍ଟାଘଣ୍ଟା ବିଦ୍ୟୁତ୍ ଚାଲିଯାଉଛି। ଏଥିପ୍ରତି ସରକାର ଧ୍ୟାନ ଦେଇ ଟାଟାକୁ ନହଟାଇଲେ ଅନେକ ଗରିବ ଗୁରୁବା ଲୋକେ ଆଗାମୀ ଦିନରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବେ ବୋଲି ସେ ଚେତାଇ ଦେଇଛନ୍ତି।

### ନବୀନ ଆମ...

ସମସ୍ତେ ଗୋଟିଏ କଥା କହୁଛନ୍ତି, ନବୀନ ବାବୁ ଆମର ନେତା। ଯେବେ ଯାଏ ନବୀନ ଅଛନ୍ତି ସେ ଯାଏ ଅନ୍ୟ କଥା ଆଲୋଚନା କାହିଁକି। ତେବେ ନବୀନ ବାବୁ କହିଛନ୍ତି ଓଡ଼ିଶାବାସୀ ଉତ୍ତରାଧିକାରୀ ବାଛିବେ।

### ଭିତରକନିକା...

କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଟଂରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲୀ ରହୁଥିବା ପୋଖରୀ ନିକଟରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା।









Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ